ମଲା ଜହ୍ନରେ ପଉଷମ୍

ବିପିନ ବିହାରୀ ମହାନ୍ତି

Digitized by srujanika@gmail.com

ମଲା ଜହ୍ନରେ ଯଉବନ

(ନାଟକ)

ଲେଖକ

ବିପିନ୍ ବିହାରି ମହାନ୍ତି

ପ୍ରକାଶିକା

ଶ୍ରୀମତୀ ନୀଳିମା ମହାନ୍ତି
ବିକାଶ ନଗର, ଜଟଣୀ
ଖୋର୍ଦ୍ଧା-୭୫୨୦୫୦

Digitized by srujanika@gmail.com

ମଲା ଜହ୍ନରେ ଯଉବନ
ନାଟ୍ୟକାର :
ବିପିନ୍ ବିହାରି ମହାନ୍ତି
ପ୍ରକାଶିକା :
ଶ୍ରୀମତୀ ନୀଳିମା ମହାନ୍ତି
ବିକାଶ ନଗର, ଜଟଣୀ
ଖୋର୍ଦ୍ଧା-୭୫୨୦୫୦
ପ୍ରଚ୍ଛଦ :
ବଳଦେବ ମହାରଥୀ
ମୁଦ୍ରଣ :
କଲ୍ୟାଣୀ
ବି.ଜେ.ବି ନଗର, ଭୁବନେଶ୍ୱର- ୧୪
ବିତରକ
ଲିପିକା
ନିଜିଗଡ଼ କୁରୁଖି, ହରିରାଜପୁର
ଜଟଣୀ, ପୁରୀ-୭୫୨୦୫୦
ପ୍ରଥମ ପ୍ରକାଶନ :
ରାଜଧାନୀ ପୁସ୍ତକମେଳା -୨୦୦୭
ମୂଲ୍ୟ : ୬୦ ଟଙ୍କା

MALAJAHNARE JAUBANA
By : **Bipin Bihari Mohanrty**
Publisher :
Smt Nilima Mohanty
Bikash Nagarm, Jatni
Khurda- 752050
Printed At
Kalyani
B.J.B Nagar , Bhubaneswar- 14
Distributor
LIPIKA
Nigigarh Kurukhi, Harirajpur,
Janti, Puri-752050, (Orissa)
Cover Design :
Baladev Maharatha
First Editon :
Rajdhani Book Fair -2007
Price : **Rs. 60/-**

Digitized by srujanika@gmail.com

ମୋତେ ଯେଉଁମାନେ ବହୁତ କଷ୍ଟ ଦିଅନ୍ତି
ସେହିମାନଙ୍କ ହସ୍ତରେ.........

Digitized by srujanika@gmail.com

'ମଲା ଜହ୍ନରେ ଯଉବନ' ସଂପର୍କରେ.....

ମାଣବସା ଗୁରୁବାର

ତା୧୩.୧୨.୨୦୦୭

'ମଲା ଜହ୍ନରେ ଯଉବନ', ଏ ନାଟକଟି ନାଟ୍ୟକାର ବିପିନ ବିହାରୀ ମହାନ୍ତିଙ୍କ ଅନ୍ୟତମ ନାଟକ।

ଶ୍ରଦ୍ଧେୟ ବିପିନ, କବି ଭାବେ ସର୍ବତ୍ର ସୁପରିଚିତ।
ଔପନ୍ୟାସିକ ଭାବେ ସେ ବହୁ ସମ୍ମାନର ଅଧିକାରୀ।
ଗାଳ୍ପିକ ଭାବେ ସେ ଯଶସ୍ୱୀ।
ଏହା ଛଡ଼ା ପ୍ରବନ୍ଧ ଓ ଅନ୍ୟାନ୍ୟ ବିଷୟକ ଲେଖାଲେଖିରେ ନିଜକୁ ନିୟୋଜିତ ରଖିଥା'ନ୍ତି। ସେ ଏଭଳି ସାଧକ ବହୁଦିନର, ଏପରିକି ତାଙ୍କ କୈଶୋରରୁ। ସେ ମୋର ପରିଚିତ, ଆପଣାର।

ନାଟକର ସର୍ବଶ୍ରେଷ୍ଠ ମୂଲ୍ୟାୟନ ଉପସ୍ଥାପନରେ, ଦୃଶ୍ୟତ୍ୱରେ। ଏହା ଶ୍ରବ୍ୟକାବ୍ୟର ଗୌରବରେ ମଧ ମଣ୍ଡିତ। ଏହା ଲେଖିଲାବେଳେ ନାଟ୍ୟକାର ଅନେକ ସ୍ୱାଧୀନତା ନିର୍ଦ୍ଦେଶକଙ୍କ ପାଇଁ ରଖିଛନ୍ତି। ଆଜିକାଲି ବିଜ୍ଞାନ ଭିତ୍ତିକ ଯୁଗରେ ନାଟକଗୁଡ଼ିକ ପ୍ରାୟ ନିର୍ଦ୍ଦେଶକଙ୍କ ରୁଚିରେ ଉପସ୍ଥାପିତ ହେଉଛନ୍ତି। ଏ ଦୃଷ୍ଟିରୁ ଏହା ଏକ ସଫଳ ନାଟକଭାବେ ହୋଇପାରିବ ବୋଲି ମୋର ଦୃଢ଼ ବିଶ୍ୱାସ।

Digitized by srujanika@gmail.com

ଏ ନାଟକଟିରେ ନାଟ୍ୟକାର ଦର୍ଶକ ମନରେ ପ୍ରଥମରୁ ସୃଷ୍ଟିକରିଥିବା ଉତ୍କଣ୍ଠା ଓ ଆବେଗର ପ୍ରଥମ ଦୃଶ୍ୟରୁ ଶେଷ ଦୃଶ୍ୟ ପର୍ଯ୍ୟନ୍ତ, ପ୍ରାଦ ପ୍ରଦୀପ ଲିଭିବା ଠାରୁ ପୁନରାୟ ଜଳିବା ପର୍ଯ୍ୟନ୍ତ ଅବାରିତ ଧାରା ସଂଜୀବିତ ରଖିବାରେ ସମର୍ଥ ହୋଇଛନ୍ତି ।

ବର୍ତ୍ତମାନ ସମୟର ଅମଣିଷ ପଣିଆକୁ ଚମତ୍କାରଭାବେ ନାଟ୍ୟରୂପ ଦେବାସାଙ୍ଗେ, ତା'ର ପରିଣାମ ପ୍ରତି ଜନସାଧାରଣଙ୍କର ସେ ଦୃଷ୍ଟି ଆକର୍ଷଣ କରିଛନ୍ତି । ଏଇ ଅମଣିଷ ପଣିଆ ଭିତରେ ଯେଉଁ ମୂଲ୍ୟବୋଧ ଓ ଆଦର୍ଶର ରୂପାୟନ କରାଯାଇଛି, ତାହା ଆଜିକାଲିର କଥା ନୁହେ । ତେଣୁ ନାଟକଟି ବହୁଳଭାବେ ବାସ୍ତବ ଧର୍ମୀ ହୋଇଛି ।

ଏଥିରେ ସୂଚୀତ ସଂଗୀତ ନାଟକୀୟତାକୁ ଯେଭଳି ଜୀବନ୍ତ ରଖିଛି, ସେହିଭଳି ଦର୍ଶକମାନଙ୍କୁ ମୁଗ୍ଧବିଭୋର ରଖିବାପାଇଁ ମନେ ହେଉଛି । ସୃଷ୍ଟିର ବିଭିନ୍ନ ଦିଗରେ ସଫଳତା ଲାଭ କରିଥିବା କଲ୍ୟାଣୀୟ ବିପିନର ନାଟକରେ ଫୁଲଚନ୍ଦନ ପଡୁ । ସେ ଅଧିକ ଯଶସ୍ୱୀ ହୁଅନ୍ତୁ, ଏତିକି କାମନା ।

(ଡ. ନାରାୟଣ ଶତପଥୀ)
ଜଟଣୀ, ଖୋର୍ଦ୍ଧା

Digitized by srujanika@gmail.com

।। କିଛି କହିବି ।।

ମୁଁ କହୁନାହିଁ ଯେ, 'ମଲା ଢନ୍ଦରେ ଯଉବନ' ନାଟକରେ ମୁଁ ଯାହା ଉପସ୍ଥାପନ କରିଛି, ସେଗୁଡ଼ାକ ମୋ ମନଗଢ଼ା ବା କଳ୍ପୋଳକଳ୍ପିତ କଥା। ଏହା ସାମ୍ପ୍ରତିକ ସମାଜରେ ଘଟିଚାଲିଥିବା ନିତିଦିନିଆ ଘଟଣାରୁ ମାତ୍ର ଗୋଟିଏ ଦୃଷ୍ଟାନ୍ତ। ସାହିତ୍ୟ ହିଁ ସମାଜର ଦର୍ପଣ। ନାଟକଟିଏ ସମାଜର ବାସ୍ତବ ଚିତ୍ରର ଏକ ପ୍ରତିରୂପ। ଏହା ଏକ ଅଭିନୟ କଳା। ଏଣୁ ଆମେ ଯାହା ବାସ୍ତବରେ ଅନୁଭବରେ ନେଉ, ତାକୁହିଁ ମୁଁ ରୂପାୟିତ କରିଛି ଏହି ନାଟକରେ।

ଦେହ ଓ ମନକୁ ନେଇ ଯେମିତି ଏ ପୃଥିବୀର ସବୁଘଟଣ ଏବଂ ଅଘଟଣ ଘଟିଚାଲିଛି। ବଞ୍ଚିବାର ମୌଳିକ ବସ୍ତୁ - ଖାଦ୍ୟ, ବସ୍ତ୍ର ଓ ବାସଗୃହ ହେଲେ ହେଁ, ପେଟର ଭୋକକୁ ମନର ଭୋକ ଯେ ଅତିଚମତ୍କାର ଓ ଭୟଙ୍କର ଏବଂ ସେ ନେଇ ଯେଉଁ ଯାବତୀୟ ଉତ୍ପାତ ଘଟିଚାଲିଛି, ଏକଥା କିଏ ନଜାଣିଛି ? ସେଇ ଜାଣିବା ସତ୍ୟକୁ ମୁଁ ନାଟକରେ ଦୋହରାଇଛି।

ଏହାର ସମାଧାନ କ'ଣ ? ନା' ଏହା ଏକ ଅମୀମାଂଶୀତ ସମସ୍ୟା ସବୁଦିନ ? ଏକଥା ଏ ନାଟକର ପାଠକ ଏବଂ ଦର୍ଶକ କହିବେ। ମୁଁ କହୁନି, ଏକଥା ମୁଁ ମୋ ତୁଣ୍ଡରେ କୁହେ।

ନାଟକଟିକୁ ମଞ୍ଚସ୍ଥ କଲାବେଳେ ଆବଶ୍ୟକ ସ୍ଥଳେ ଏହାକୁ ଏକାଧିକ

Digitized by srujanika@gmail.com

ଢୋନ୍‌ରେ ବିଭକ୍ତ କରାଯାଇପାରେ କିମ୍ବା ଦୃଶ୍ୟର ସହଦୃଶ୍ୟମାନଙ୍କୁ ଭିନ୍ନମଞ୍ଚରେ ଉପସ୍ଥାପନ କରାଯାଇପାରେ। ଯେ କୌଣସି ପରିବର୍ତ୍ତନପାଇଁ ନିର୍ଦ୍ଦେଶକଙ୍କ ସ୍ୱାଧୀନତା ଅଛି।

ନାଟକଟିର ପରିଶିଷ୍ଟରେ କେତୋଟି ସଂଗୀତର ଅବତାରଣ କରାଯାଇଛି। ନିର୍ଦ୍ଦେଶକ ଚାହିଁଲେ, ସେଗୁଡ଼ିକୁ ଗ୍ରହଣ କରିପାରନ୍ତି; କିନ୍ତୁ ନାଟକଟି ମଞ୍ଚସ୍ଥ କଲାବେଳେ ଏଗୁଡ଼ିକୁ ସାମିଲ କରାଯାଇଥିଲା।

ନାଟକଟି ପ୍ରକାଶନ ପୂର୍ବରୁ ଏକାଧିକବାର ମଞ୍ଚସ୍ଥ କରାଯାଇଛି। ଦର୍ଶକୀୟ ପ୍ରଶଂସା ମିଳିଛି। ମୁଁ ସେମାନଙ୍କ ନିକଟରେ ଋଣୀ। ତତ୍‌ସହିତ ଯେଉଁ କଳାକାର ଏବଂ ବନ୍ଧୁମାନେ ମଞ୍ଚସ୍ଥ କରିବାରେ ମୋତେ ସହଯୋଗ କରିଥିଲେ ମୁଁ ମଧ୍ୟ ସେମାନଙ୍କ ପାଇଁ ବଧେଇ ଜଣାଉଛି।

ମୋ ପୂଜ୍ୟ ଗୁରୁଦେବ ଡ଼. ନାରାୟଣ ଶତପଥୀ ନାଟକଟି ଉପରେ ଏକ ବିହଙ୍ଗାଲୋକନ କରି ମନ୍ତବ୍ୟଟିଏ ଦେଇ ମୋତେ ଧନ୍ୟକରିଥିବାରୁ, ମୁଁ ତାଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରୁଅଛି।

ନାଟକଟିର ପ୍ରକାଶନ ଦାୟିତ୍ୱ 'ଲିପିକା' ନେଇଛନ୍ତି। ଏହାର ପ୍ରକାଶନମୁଖ୍ୟ ସୁନାମଧନ୍ୟ କବି ଶ୍ରୀ ଭିକାରୀ ଧଳଙ୍କୁ ତାଙ୍କ ଅକୁଣ୍ଠିତ ଶ୍ରମଦାନ ପାଇଁ ସାଧୁବାଦ ମଧ୍ୟ ଜଣାଉଛି।

ଏବଂ ଏବେ ଅପେକ୍ଷା କରିଛି ଆପଣମାନଙ୍କୁ ଟିକିଏ ମତାମତ ପାଇଁ।



(ବିପିନ ବିହାରୀ ମହାନ୍ତି)

Digitized by srujanika@gmail.com

ପ୍ରଥମ ମଞ୍ଚସ୍ଥ :

ରାଣୀ ରଙ୍ଗମଞ୍ଚ, ସରକାରୀ ମାଧ୍ୟମିକ ପ୍ରଶିକ୍ଷଣ ବିଦ୍ୟାଳୟ, ପିପିଲି ୧୯୯୨

ନାଟ୍ୟକାର ଓ ନିର୍ଦ୍ଦେଶନା	ବିପିନ ବିହାରୀ ମହାନ୍ତି
ମଞ୍ଚ ପରିଚାଳନା	ଅଶୋକ ବେହେରା
ସଙ୍ଗୀତ ନିର୍ଦ୍ଦେଶନା	ନାଗେଶ୍ୱର ପାଣିଗ୍ରାହୀ
କଣ୍ଠ	ନଳିନୀ ପ୍ରଭା ରାୟ

ଭୂମିକାରେ

ପୁରୁଷ

କବି ନିବିଶ୍	ଗୋପାଳ ବାରିକ
ଅଧ୍ୟାପକ ଆଶିଷ	ରଞ୍ଜନ ବେହେରା
ବିଶ୍ରାନ୍ତ	ଧରଣୀଧର ବେହେରା
ବିଜୟ	ପ୍ରଫୁଲ୍ଲ କୁମାର ସାହୁ
ଇନ୍‌ସ୍‌ପେକ୍ଟର ବି.କେ. ଶର୍ମା	ଶତ୍ରୁଘ୍ନ ଛୋଟରାୟ
ଶ୍ୟାମଳେନ୍ଦୁ	ତ୍ରିନାଥ ସାହୁ
ବିକ୍ରମ	ଭ୍ରମରବର ସେଠୀ
ସୂର୍ଯ୍ୟମଣି (ହିଞ୍ଜଡ଼ା)	କପିଳ ମଲ୍ଲିକ
ସୁବ୍ରତ	ଶତ୍ରୁଘ୍ନ ପ୍ରଧାନ
ଅଜ୍ଞାତ ବ୍ୟକ୍ତି	ବିପିନ ଜଗଦେବ

ନାରୀ

ଗୀତା	ସଂଘମିତ୍ରା ଶତପଥୀ
ରୁନି	ପ୍ରଭାସିନୀ ସାହୁ
ରୀତା	ପ୍ରତିମା ନାୟକ

ଏବଂ ଅନ୍ୟମାନେ

ଅନ୍ତରାଳେ : ସର୍ବଶ୍ରୀ ଗଦାଧର ପ୍ରଧାନ, ଶ୍ରୀମତୀ ବିଜୟ ଲକ୍ଷ୍ମୀ ପଟ୍ଟନାୟକ, ସଚ୍ଚିଦାନନ୍ଦ ଦାଶ, ଶ୍ରୀ ଅଶୋକ ନାୟକ, ମହେନ୍ଦ୍ର କୁମାର ଦାଶ, ଶ୍ରୀ ବାବୁଲି ବେହେରା, ପ୍ରସନ୍ନ ଦାଶ, ନିରୂପମା ଦାଶ, ନର୍ମଦା ଦେବୀ, ଉମାମଣି ଦାଶ, ବିଜୟ ଲକ୍ଷ୍ମୀ ପ୍ରଧାନ ଇତ୍ୟାଦି ।

Digitized by srujanika@gmail.com

ମଲା ଜନ୍ମରେ ଯଉବନ

ପ୍ରଥମ ଅଙ୍କ

Digitized by srujanika@gmail.com

Digitized by srujanika@gmail.com

ପ୍ରଥମ ଦୃଶ୍ୟ

(ପଥ ପ୍ରାନ୍ତ। ମଞ୍ଚ ଅନ୍ଧକାର। ଅନ୍ତରାଳରୁ ସଙ୍ଗୀତର ମୂର୍ଚ୍ଛନା : ଏଇ ମନ କେତେ ଖୋଜେ, କେତେ ହଜେ, କେବେ ପାଏ, କେବେ ପୁଣି ପାଏନା.....। ସଂଗୀତର ପରେ ପ୍ରବେଶ କରେ ଭୟ ବ୍ୟାକୁଳିତା ଯୁବତୀଟିଏ, ବିବ୍ରତା। ସହସା ଅନ୍ଧକାର ମଧ୍ୟରେ ଦମକାଏ ଆଲୋକର ଝାପ୍‌ସା ଯୁବତୀଟିର ଆପାଦ ମସ୍ତକ ଖେଳିଯାଏ। ସେ ପଥଭାଙ୍ଗି ଖସିଯିବାର ପ୍ରଚେଷ୍ଟା କରେ। ବାରମ୍ବାର ଦିଗ ପରିବର୍ତ୍ତନ। ଯେପରି ସବୁରାସ୍ତା ବନ୍ଦ। ଅନ୍ଧକାର ମଧ୍ୟରେ ସେଇ ଝାପ୍‌ସା ଆଲୋକରେ କେଇ ଜଣ ଯୁବକଙ୍କର ଆବିଷ୍କାର। ସେମାନେ ଅନୁସନ୍ଧିତ୍ସୁ। ପୁନଶ୍ଚ ଲୁଚିଯାଉଛନ୍ତି କେଉଁଠି ? ପୁନଶ୍ଚ ଯୁବତୀଟି ପ୍ରବେଶ କରେ, ସେମିତି ବିବ୍ରତା। ଅନ୍ତରାଳରୁ ଭିନ୍ନ ଏକ ମୂର୍ଚ୍ଛନା : ତୋ ସିନ୍ଦୂର ନେଇ ମାଗିଥିଲି ଯାହା, ଛଡ଼ାଇ ନେଲୁ ତୁ ତାହା, କେଉଁ ଅପରାଧେ ହନ୍ତସନ୍ତ କରୁ, କୁହ କୁହ ଚଉବାହା...। କିଛି ସମୟ ପରେ ପ୍ରବେଶ କରିଛନ୍ତି କବି ନିର୍ବିଶ୍। ତାଙ୍କ ଟର୍ଚ୍ଚ ଜଳିଉଠେ ଏବଂ ସେ ଆବିଷ୍କାର କରନ୍ତି ବିବ୍ରତା ଗୀତାଙ୍କୁ।)

ଗୀତା — କାହିଁକି ? କାହିଁକି ମୋ ସର୍ବସ୍ୱ ଲୁଣ୍ଠନ କରିବାକୁ ଧାଉଁଛ ତୁମେ ? ତୁମେ ପଶୁ, ଅମଣିଷ, ତୁମ ନାରୀର ସର୍ବସ୍ୱ ଲୁଣ୍ଠନକାରୀ, ସଇତାନ। ତୁମେ ଚାଲିଯାଆ, ମୁଁ କହୁଛି ଚାଲିଯାଅ, ଏଠୁ।

ନିର୍ବିଶ୍ — ଦୟାକରି ଟିକିଏ ମୋ କଥା ଶୁଣ !

ଗୀତା — କିଛି ଶୁଣିବିନି। ମୋତେ ମରିବାକୁ ଦିଅନ୍ତୁ ପଛେ, ମୋ ସତୀତ୍ୱକୁ ଲୁଣ୍ଠନ କରନ୍ତୁ ନାହିଁ। ମୁଁ ନେହୁରା ହୋଇ ଆପଣଙ୍କୁ ନିବଦେନ କରୁଛି, ମୋ ପଛରେ ଧାଆଁନ୍ତୁ ନାହିଁ।

Digitized by srujanika@gmail.com

ନିବିଶ୍ — ତୁମେ ଆଗ ମୁଁ କ'ଣ କହୁଛି ବୁଝିବାକୁ ଚେଷ୍ଟାକର ?

ଗୀତା — ମୋ ତଣ୍ଟି ଚିପି ଶେଷ କରିଦିଅନ୍ତୁ ପଛେ ହେଲେ........।

ନିବିଶ୍ — ମୋତେ ଟିକିଏ କହିବାକୁ ଦିଅ।

ଗୀତା — କହିବାକୁ ଦେବି ? କ'ଣ କହିବାକୁ ଦେବି ? ତୁମେ ଜଣେ ଜାନ୍‌ୱାର। ତୁମର ମା' ଭଉଣୀ....।

ନିବିଶ୍ — ମୋତେ ତୁମେ ଆଦୌ ଭୁଲ ବୁଝନାହଁ, ଭଉଣୀ ?

ଗୀତା — ତୁମକୁ ଭୁଲ ବିଝିବିନି ? ତୁମେ ପରା ସେଇମାନଙ୍କ ମଧ୍ୟରୁ ଜଣେ ରାକ୍ଷସ ? ତୁମେ ନାରୀର ଲୁହରେ ଜଳି ଯିବ ସଇତାନ। ମୁଁ କହୁଛି, ଜଳିଯିବ !

ନିବିଶ୍ — ମୁଁ ସଇତାନ ନୁହେଁ ଭଉଣୀ।

ଗୀତା — ତୁମେ ସଇତାନ୍ ... ସଇତାନ୍ ... ସଇତାନ। ମୁଁ ହଜାରେ ବାର କହିବି ତୁମେ ସଇତାନ୍। ମୁଁ ତୁମ ଗୋଡ଼ ଧରୁଛି ମୋତେ..... ମାରିଦିଅ, ହେଲେ ମୋର କ୍ଷତି କରନାହିଁ। ....ନା', ମୁଁ ଜାଣିଛି, ତୁମେ ଶୁଣିବ ନାହିଁ, ତୁମର ମା' ଭଉଣୀ ନାହାଁନ୍ତି। କାହା ଜୀବନର ହାନୀଲାଭରେ ତୁମର ଯାଏ ଆସେନାହିଁ। ତୁମ ପାଖରେ ନାରୀର ମିନତି କି କ୍ରନ୍ଦନର କିଛି ମାନେ ନାହିଁ।

ନିବିଶ୍ — ବନ୍ଦ କର, ବନ୍ଦ କର କହୁଛି ଭଉଣୀ ସେ କଥାଗୁଡ଼ାକ। ମୁଁ ସେମାନଙ୍କ ମଧ୍ୟରୁ ଜଣେ ନୁହେଁ। ମୁଁ ନିର୍ଦ୍ଦୋଷ। ଏକଥା ବୁଝିବାକୁ ଟିକିଏ ଚେଷ୍ଟା କର।

ଗୀତା — କ'ଣ କହିଲେ ? ତୁମେ ନିର୍ଦ୍ଦୋଷ ? ତାହା ହେଲେ, ଏଠି କାହିଁକି (?) ଏ ଦେହଟାକୁ ଅପେକ୍ଷା କାହିଁକି ? ମୁଁ ପଚାରୁଛି, କୁହନ୍ତୁ ତ ? କାହିଁକି ମୋ ଦେହଟା ଉପରେ ଲୋଲୁପ ଦୃଷ୍ଟି ? ନୋହିଲେ.....।

ନିବିଶ୍ — ନୋହିଲେ.... ?

ଗୀତା — ମୁଁ ତୁମକୁ ତଣ୍ଟିଚିପି ଶେଷ କରିଦେବି।

ନିବିଶ୍ — ଠିକ୍ ଅଛି। ତୁମେ ଯେତେବେଳେ କାହା ଅପରାଧ ନେଇ କ୍ରୋଧିତ ଏବଂ ଚେତନାଶୂନ୍ୟ, ସେଠି ତୁମେ ବୁଝିବାହିଁ ଠିକ୍। କାରଣ ତୁମର ଏଇ ଦୟନୀୟ ଅବସ୍ଥାବେଳେ କେବଳ ମୋ ଉପସ୍ଥିତି, ତୁମକୁ

Digitized by srujanika@gmail.com

ମୋ ପ୍ରତି ସନ୍ଦେହ ବଳୟକୁ ଟାଣି ନେଇଛି। ତଥାପି ମୁଁ କହୁଛି, ମୁଁ ନିର୍ଦ୍ଦୋଷ। ଯଦି ଅବିଶ୍ୱାସ ଏବଂ ମୁଁ ଦୋଷୀବୋଲି ଭାବୁଛ, ତେବେ ମୋ ତଣ୍ଟିଚିପି ହତ୍ୟାକରିପାର।

ଗୀତା — ମୁଁ ଜାଣିଛି, ଏସବୁ ଆପଣଙ୍କର ଛଳନା ହୋଇପାରେ। ନିଜକୁ ଭଦ୍ରାମିର ଖୋଳ ଭିତରେ ସାଇତି ରଖିବାରେ ଏହା ଏକ ଚେଷ୍ଟା ହୋଇପାରେ। ମୁଁ ମଣିଷ ଚିହ୍ନିଛି, ଦେଖିଛି, ଜାଣିଛି। ମୋତେ ତୁମେ ଭୂଆଁ ବୁଲାଇ ପାରିବ ନାହିଁ ?

ନିବିଶ୍ — ତାହାହେଲେ ଅପେକ୍ଷା କାହିଁକି ? କେହି ତୁମ ଚେଷ୍ଟାକୁ ପ୍ରତିହତ କରିବା ପୂର୍ବରୁ, ଯଦି ମୁଁ ଦୋଷୀବୋଲି ଭାବୁଛ, ମୋ ତଣ୍ଟି ଚିପି ମାରିଦେଇ ପାର। ତେବେ ଏତିକି ମନେ ରଖିବ ଭଉଣୀ, ଏ କବି ନିବିଶ୍, ସଂପୂର୍ଣ୍ଣ ନିର୍ଦ୍ଦୋଷ।

ଗୀତା — କ'ଣ କହିଲେ ?

ନିବିଶ୍ — ମୁଁ ନିର୍ଦ୍ଦୋଷ।

ଗୀତା — ତା'ହେଲେ.... (ଭାବାବେଶର ପରିବର୍ତ୍ତନ)

ନିବିଶ୍ — ମୁଁ କବି ନିବିଶ୍। ତୁମେ ମୋତେ ଭୁଲ ବୁଝିଛ।

ଗୀତା — ଆପଣ ଜଣେ କବି ? କିନ୍ତୁ...... ? ଆଉ ଯେଉଁମାନେ ମୋତେ.... ?

ନିବିଶ୍ — କେଉଁମାନଙ୍କୁ ମୁଁ ଜାଣେ ନାହିଁ ଭଉଣୀ। ମୁଁ ଏଇବାଟେ ଦେଇ ଯାଉଥିଲି। ଅବଶ୍ୟ ମୁଁ ପହଞ୍ଚିବା ପୂର୍ବରୁ କେହି ଦୁଇଜଣ ମୋ'ରି ଆଗରେ, ଏ ଅନ୍ଧାର ଭିତରେ ଲୁଚିଗଲେ।

ଗୀତା — କ'ଣ କହିଲେ ?

ନିବିଶ୍ — ମୁଁ କିନ୍ତୁ କୌଣସି ବ୍ୟାପାରରେ ସଂପୃକ୍ତ ନୁହେଁ। ମୁଁ ଜଣେ ପଥଚାରୀ ମାତ୍ର।

ଗୀତା — ଆପଣ.... (କାନ୍ଦିବା)

ନିବିଶ୍ — ଏଁ.... । ତୁମେ କାନ୍ଦୁଛ ? ଛି ଭଉଣୀ। ତୁମେ ଆଗ କାନ୍ଦ ବନ୍ଦକର ?

ଗୀତା — ମୋତେ କ୍ଷମା କରିବେ।

ନିବିଶ୍ — ମୁଁ କ୍ଷମା କରିବି ? ତୁମକୁ ? କାହିଁକି ? କ'ଣ ପାଇଁ ?

ଗୀତା — ଆପଣ ଯାଆନ୍ତୁ କବି।

Digitized by srujanika@gmail.com

ନିବିଶ୍		ଯିବିତ ନିଶ୍ଚୟ... ହେଲେ ଭଉଣୀ, ତମେ ?
ଗୀତା		ନା' ମୋତେ ଭଉଣୀ କୁହନ୍ତୁ ନାହିଁ। ମୁଁ କାହାର ଭଉଣୀ ନୁହେଁ। ଏ ଦୁନିଆରେ କିଏ କାହାର ଭଉଣୀ ବା ଆପଣମାନଙ୍କ ଭାଷାରେ ସିଷ୍ଟର ନୁହଁନ୍ତି କି କେହି କାହାର ଭାଇ ବା ବ୍ରଦର ନୁହଁନ୍ତି।
ନିବିଶ୍		ତୁମେ ତାହାହେଲେ ନିଶ୍ଚିତ ଶିକ୍ଷିତା ନା', ତେବେ ବୁଝିପାରିବ ସିଷ୍ଟର। ବୋଧହୁଏ.... ମୋର ସମ୍ବୋଧନଟା ଆଦୌ ଭୁଲ ନୁହେଁ।
ଗୀତା		କ୍ଷମା କରିବେ, ମୋତେ କିଛି ପଚାରନ୍ତୁ ନାହିଁ। ମୋତେ ଯିବାକୁ ଦିଅନ୍ତୁ।
ନିବିଶ୍		ଆପତ୍ତି ନାହିଁ। ଏମିତି କହିଲେ, ସତରେ ମୁଁ ତୁମ ପଥ ଅଟକାଇବାକୁ କିଏ ? ହେଲେ, ଭଉଣୀ, କେଉଁଠିକି ଯିବ ?
ଗୀତା		ଯୁଆଡ଼େ ଯାଉଥିଲି।
ନିବିଶ୍		ମାନେ ?
ଗୀତା		ଆପଣ ଯାଆନ୍ତୁ କବି।
ନିବିଶ୍		ବିଶ୍ୱାସ ଥିଲେ, ପରିଚୟ ଟିକିଏ.... ?
ଗୀତା		(କାନ୍ଦିଉଠି) ପରିଚୟ ଯାହାର ନାହିଁ, ତା'ର ପରିଚୟ ଖୋଜି ଲାଭ କ'ଣ ? ମୋତେ କ୍ଷମା କରିବେ କବି। (ଯିବାକୁ ଉଦ୍ୟତ)
ନିବିଶ୍	:	ନା', ମୁଁ ବି କହୁଛି ଭଉଣୀ, ମୋତେ କ୍ଷମା କର, ଆଉ କହିଦିଅ, ତୁମେ କିଏ ? ସେମାନେ କିଏ ? ତୁମେ ସେମାନଙ୍କୁ ଜାଣ ?
ଗୀତା	:	ନା', କବି। ମୋତେ କିଛି ପଚାରନ୍ତୁ ନାହିଁ। ଥାଉ ସେ ସବୁ। ଥାଉ। (ପ୍ରସ୍ଥାନ)
ନିବିଶ୍		ତୁମେ ଯେଉଁଠିକି ଯିବ, ମୁଁ ସେଇଠିକି ଯିବି ସିଷ୍ଟର। ତୁମକୁ କେବେ ହେଲେ ମୁଁ ଅଜ୍ଞାତ ଭାବେ ଛାଡ଼ି ଦେବି ନାହିଁ। ତୁମେ କିଏସେ, ମୋତେ ଆବିଷ୍କାର କରିବାକୁ ହେବ, ଏକଥାଟି ସତ୍ୟ।

ଯବନିକା

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(ସୁସଜ୍ଜିତ କକ୍ଷ। ଚୁପ୍ ଚାପ୍ ବସିଛନ୍ତି ବିଜୟ ଏବଂ ବିଶ୍ରାନ୍ତ। ସିଗାରେଟ୍‌ର ଧୂମ୍ରକୁଣ୍ଡଳୀ ଭିତରେ କିଛି ଚିନ୍ତାଗ୍ରସ୍ତ ଏବଂ ପରସ୍ପର ପ୍ରତି ଦୃଷ୍ଟିପାତ୍ ଯେମିତି କିଛି ଗୋଟେ ବ୍ୟତିକ୍ରମ।)

ବିଶ୍ରାନ୍ତ — ମୁଁ କିନ୍ତୁ ଏତେଟା ବିଶ୍ୱାସ କରିନଥିଲି।

ବିଜୟ — ମୋର ସେଥିପ୍ରତି ଡ଼େମ୍‌କେୟାର। କିନ୍ତୁ ଏ ଶଳା ମହାନ୍ତିଟା....। ମାନେ କାଲି ରାତିର....। ମୋର କାହିଁକି ବିଶ୍ୱାସ... ?

ବିଶ୍ରାନ୍ତ — ତା' ହେଲେ ତାକୁ ତ' ଗୋଟେ ସମୁଚିତ ଶିକ୍ଷାଦେବାକୁ ହେବ !

ବିଜୟ — ମାନେ ?

ବିଶ୍ରାନ୍ତ — ମାନେ....। ସବୁ ତା'ରି ମୁଣ୍ଡରେ ଢ଼ାହି ଦେବାକୁ ହେବ। ଗୀତାର ପଳାୟନ ପଛରେ, ସେ ନିଜେ ! ତା'ରି କୁମନ୍ତ୍ରଣା ! ଏମିତି କିଛି ଗୋଟେ ଯୋଜନା ବଦ୍ଧ କାମ କରିବାକୁ ପଡ଼ିବ ? ନାଇଁ, ଭଲରେ ଭଲରେ ସବୁ ତ, ସେ ଠିକ୍। ଆମେ ଠିକ୍।

ବିଜୟ — ବିଶ୍ରାନ୍ତ !

ବିଶ୍ରାନ୍ତ — ମୋତେ ଛାଡ଼ି ଦିଅ, ବିଜୟ ! ମୁଁ ତାକୁ ଠିକ୍ ବାଟ ଦେଖାଇ ଦେବି। ବିଶ୍ରାନ୍ତ କେବେ ବି ଶାନ୍ତ ନୁହେଁ। ଆବଶ୍ୟକ ପଡ଼ିଲେ ... (ଛୁରିଟାଏ ହଠାତ୍ ପକେଟ୍‌ରୁ ବାହାର କରି ପ୍ରଦର୍ଶନ କରିବା)।

ବିଜୟ — ବିଶ୍ରାନ୍ତ !

ବିଶ୍ରାନ୍ତ — ତୁ ନିଶ୍ଚୟ ଜାଣିଛୁ ଯେ ପରିସ୍ଥିତି ମୁକାବିଲା ପାଇଁ ବିଶ୍ରାନ୍ତ କେବେ ବି କେଉଁଠି ହଟିନାହିଁ କି ଏବେ ହଟିବାର ନୁହେଁ।

Digitized by srujanika@gmail.com

ବିଜୟ (ଇତସ୍ତତଃ ଚାହିଁ) ଆସ୍ତେ, ରୁନି ଏଣେ ଅସୁଛି।

ବିଶ୍ରାନ୍ତ ରୁନିଟା ବି ଏଇଟାର ଗୋଟାପଣେ ପଢ଼ଶିଷ୍ୟା ନା' ? କହିଲା କି ଅଧ୍ୟାପକ ? ଆରେ ସେଇଟା ବି ଶଳା ଗୋଟେ ମୁହଁ ଚଟା ବିଲେଇ ମ' ? ତୁମେ ସିନା ସେଇଟାକୁ ତୁମ ଘରେ ପ୍ରଶୟ ଦେଉଛ ? ହେଲେ...।

ବିଜୟ କିଛି ଦେଖିଲେ କି ଜାଣିଲେ ସିନା ? (ରୁନି ଚା' ଧରି ପ୍ରବେଶ)

ରୁନି ଗୀତାର କିଛି ସନ୍ଧାନ ପାଇଲ ଭାଇ ?

ବିଶ୍ରାନ୍ତ ହଁ ଖୋଜିଲୁ, ଖୋଜୁଛୁ। ଏଯାଏଁ ମିଳିନାହିଁ। ସେ କ'ଣ ବସା ବନ୍ଧା ଚଢ଼େଇ ଯେ.... ?

ରୁନି ନା', ମୋତେ କାହିଁକି ପାପ ଛୁଉଁଛି। ସେ ମୋତେ ଅନେକ ସମୟରେ କୁହେ....।

ବିଜୟ କ'ଣ କୁହେ ?

ରୁନି ଆତ୍ମ ହତ୍ୟା କରିଦେବ।

ବିଜୟ କାହିଁକି ? କ'ଣ ତାର' ଅସୁବିଧା ?

ରୁନି ତାହା ମୁଁ କେମିତି କହିବି ? ରାଣ ନିୟମ ଦେଲେ ବି, ସେ କୁହେ, ମୋର ଠାକୁର ନାହିଁ। ଦୁନିଆରେ କେଉଁ ଲୋକଟା ଭଲ ନୁହେଁ। ସମସ୍ତେ ଫାଇଦା ଉଠାଇବା ଜାଣନ୍ତି।

ବିଶ୍ରାନ୍ତ ମାନେ ତୁ' କହୁଛୁ, ତୁମ ଘର ତାକୁ ଭଲ ଲାଗୁନଥିଲା।

ରୁନି ସେକଥା ନୁହେଁ ଯେ.... ଏଇ ଯେପରି ସାର୍‌ଙ୍କ ସାମ୍ନାରେ ବିଭ୍ରାଟ ସୃଷ୍ଟି ହେଲା।

ବିଶ୍ରାନ୍ତ କ'ଣ ହେଲା ସେଇଠୁ ?

ରୁନି : ମୁଁ ଯାହା ଅନୁମାନ କରୁଥିଲି..... ମୁଁ ବହୁ ଚେଷ୍ଟା କରିଥିଲି ଅନିଦ୍ରା ରହିବାକୁ। ହେଲେ....।

ବିଜୟ ଠିକ୍ ଅଛି। ତୁ' ଗଲୁ, ଯା। ବୋଧହୁଏ ତୋ' ସାର୍ ଏଇନେ ଆସିବେ।

ରୁନି ସାର୍, କ'ଣ ଆଜି ଆସିବେ ? କି ମୋତେ ଆଉ ନଆସିବେ କିଏ ଜାଣେ ?

Digitized by srujanika@gmail.com

ବିଶ୍ରାନ୍ତ	କାହିଁକି ? ତାଙ୍କୁ କ'ଣ ବାଧିଲା କି ? ସିଏ ତା ପାଇଁ ହାମୁଡ଼ି ପଡ଼ିବାକୁ କିଏ ? ତା' ପାଇଁ ତାଙ୍କର ଏତେ ଦରଦ କିଆଁ ?

ରୁନି	ସ୍ୱାର୍ଥ ରଖି କିଏ କ'ଣ କାହାକୁ ସାହାଯ୍ୟ କରେ ବିଶ୍ରାନ୍ତ ଭାଇ ?

ବିଜୟ	ତୁ' ଗଲୁ ଏଠୁ। ତୁ ପିଲାଲୋକ କ'ଣ ଜାଣିଛୁ ?

ରୁନି	ଆଉ ତୁମେ ବଡ଼ ହୋଇ ଠିକ୍ ଜାଣିଛ ତ ? (ରୁନିର ପ୍ରସ୍ଥାନ। ସିଆଡ଼କୁ ଚାହିଁଥିଲେ ବିଜୟ ଓ ବିଶ୍ରାନ୍ତ)

ବିଜୟ	ସତେତ, ରୁନିଟାତ ତା' ସାର୍‌ଙ୍କୁ ଗୋଟାପଣେ....। ସତ କହିଲୁ, ଏବେ ସିଏ ଗଲା କୁଆଡ଼େ ?

ବିଶ୍ରାନ୍ତ	ଯୁଆଡ଼େ ଇଛା ସିଆଡ଼େ ଗଲା ! ଉଡ଼ନ୍ତା ଚଢ଼େଇର ଟାଙ୍କ ଗଣି ଲାଭ କ'ଣ ?... କେତେ ଏମିତି ମରିହଜି ଯାଉଛନ୍ତି ନା' ? (ପ୍ରବେଶ କରିଛନ୍ତି ଆଶିଷ ମହାନ୍ତି, ଅଧ୍ୟାପକ। ବିଜୟ ଓ ବିଶ୍ରାନ୍ତ ଯାଉଯାଉ ଡାକିଛନ୍ତି.....) ଆରେ ରୁନି, ତୋ ସାର୍ ଆସିଲେଣି।

(କିଛି ଅନ୍ୟମନସ୍କ ଭାବରେ ସୋଫା ଉପରେ ବସିରହିଛନ୍ତି ଆଶିଷ। ପ୍ରବେଶ କରିଛି ରୁନି)

ଆଶିଷ	ବସ...। କ'ଣ ସବୁ ଟ୍ୟାକ୍ସ କରି ଦେଇଛ ତ ?

ରୁନି	ନା'।

ଆଶିଷ	ଗୋଟାଏ ଦିନ ଗଲା, ଅଥଚ... ? ତା'ହେଲେ ଏଇ ବର୍ତ୍ତମାନ କର।

(ରୁନିର କିଛି ଲେଖିବାର ପ୍ରଚେଷ୍ଟା ଏବଂ ଭିନ୍ନମନା ଭାବେ ବେଳେବେଳେ ଆଶିଷଙ୍କୁ ଦୃଷ୍ଟିପାତ)

ଆଶିଷ	ଆଚ୍ଛା ରୁନି, ତମ ଘରେ ସବୁ ଠିକ୍ ତ ?

ରୁନି	.....।

ଆଶିଷ	କ'ଣ ହୋଇଛି ? କିଛି ଗୋଟେ ଅସଜଡ଼ା ଲାଗୁଛି। କେମିତି କେମିତି ଜଣାପଡୁଛି ?

ରୁନି	ନାଇଁତ। (ରୁନି ଉଠି କିଛି ସମୟ ପାଇଁ ଅନ୍ତର୍ଦ୍ଧାନ ହେବା ଏବଂ ପୁଣି ଫେରି ଆସିବା।)

ରୁନି	ଗୀତା ନାହିଁ ସାର୍।

Digitized by srujanika@gmail.com

ଆଶିଷ	ନାହିଁ ମାନେ ?
ରୁନି	କାଲିର ଘଟଣା ପରେ ଗୀତା...।
ଆଶିଷ	ଚାଲି ଯାଇଛି ? ମାନେ, ସେ ଫେରାର୍ ହୋଇଯାଇଛି ।
ରୁନି	ମୁଁ ଭାବୁଛି, ସେ ଆତ୍ମହତ୍ୟା...।
ଆଶିଷ	ଆତ୍ମହତ୍ୟା । ତୁ' ଏସବୁ କ'ଣ କହୁଛୁ ?
ରୁନି	ହଁ ସାର୍, କାଲି ରାତିରୁ ବହୁତ ଖୋଜିଲୁଣି । ତାକୁ ପାଉନୁ । ସେ ମୋତେ ଅନେକଥର ଏମିତି ମରିଯିବା କଥା କହିଛି । ମୋର କାହିଁକି ବିଶ୍ୱାସ ହେଉଚି....।
ଆଶିଷ	ସେ ଆଉ ନଥିବ ତ ! ମୁଁ କାହିଁକି ସେଇଆ ଭାବୁଛି । ତୁମ୍ଭେମାନେ, ବିଚରା ସେଇ ନିରୀମାକ୍ଷୀଟିର ଜୀବନଟାକୁ ଶେଷ କରିଦେଲ । ଓଃ ଗଡ୍ ।
ରୁନି	ଆପଣ ଟିକିଏ ଖୋଜନ୍ତୁନା ସାର୍ ? ପାଇଲେ, ଆପଣଙ୍କ ପାଖକୁ ନେଇଯାଆନ୍ତୁ ।
ଆଶିଷ	ଠିକ୍ ଅଛି । ପାଇଲେ ତ' ନିଜ ପାଖକୁ ନେବା କଥା ଚିନ୍ତା କରିବି ? ନପାଇଲେ ? ଆଛା ତୁ' ଟିକିଏ ବିଜୟ ଓ ବିଶ୍ରାନ୍ତକୁ ଡାକିଲୁ ।(ରୁନିର ପ୍ରସ୍ଥାନ ଓ ପ୍ରବେଶ କରିଛନ୍ତି ବିଜୟ ଓ ବିଶ୍ରାନ୍ତ)
ଆଶିଷ	ଦେଖ ବିଜୟ, ଏସବୁ କ'ଣ ଠିକ୍ ହେଲା ? ମୁଠାଏ ଖାଇବାକୁ ଦେଇଛ, ଉପକାର ପାଇଛ, ହେଲେ ଗୀତାର ଯଦି କିଛି କ୍ଷତି ହୋଇଥାଏ ।
ବିଶ୍ରାନ୍ତ	ସେଥିପାଇଁ ଚିନ୍ତା କରିବାର ଆବଶ୍ୟକତା ନାହିଁ । ଉଡନ୍ତା ପକ୍ଷୀ, ଉଡ଼ିଗଲା । ବାସ୍ । ଏତିକି ବୁଝିନେଲେ ସବୁ ଠିକ୍ ।
ଆଶିଷ	ବିଶ୍ରାନ୍ତ !
ବିଶ୍ରାନ୍ତ	ହଁ ଉଡ଼ିଗଲା । ଏଥିପାଇଁ ଆପଣଙ୍କର ବା ଆମର ଲାଭ କ୍ଷତିର ଫର୍ଦ୍ଦ ଯୋଡ଼ିବା ଆବଶ୍ୟକ କ'ଣ ?
ଆଶିଷ	ତୁମେ ଏକଥା କହିପାରୁଛ ବିଶ୍ରାନ୍ତ ? କଥାଟାକୁ ଏତେ ସହଜ... ମାନେ ମୁଁ ଭାବୁଛି....।

Digitized by srujanika@gmail.com

ବିଜୟ — ଆପଣଙ୍କର ଏତେ ମୁଣ୍ଡ ଖେଳେଇବା ମାନେ ?

ବିଶ୍ରାନ୍ତ — ନାଇଁ, ଆପଣଙ୍କ ଦରଦଟା ଶୁଣେ ?

ଆଶିଷ — ମୁଁ ଜଣେ ମଣିଷ। ମଣିଷ ପାଇଁ ମଣିଷର ଦରଦ ରହିବା ସ୍ୱଭାବିକ୍।

ବିଶ୍ରାନ୍ତ — କ'ଣ ସମସ୍ତଙ୍କ ପାଇଁ ନା', ଏଇ ଗୀତା ପାଇଁ ? ଆପଣଙ୍କ କିଛି, ସ୍ୱାର୍ଥ ନାହିଁ ତ ?

ଆଶିଷ — ତୁମେ ସୀମା ଟପିଯାଉଛ ବିଶ୍ରାନ୍ତ।

ବିଶ୍ରାନ୍ତ — ମାନେ ମୁଁ, ନା' ଆପଣ ଟପୁଛନ୍ତି ? ମୁଁ ପଚାରୁଛି, ଗୀତା ଆପଣଙ୍କର କିଏ ?

ଆଶିଷ — ଗୀତା ମୋର ଯାହା ହେଉ କି ନହେଉ, ମୁଁ ପଚାରୁଛି, ତୁମେ କହି ପାରିବ କି ଏ ସବୁଥିପାଇଁ ଦାୟୀ କିଏ ?

ବିଶ୍ରାନ୍ତ — ଆପଣ ! ଆପଣ ଚକ୍ରାନ୍ତ କରି ଗୀତାକୁ ଏଠୁ ଖସାଇ ନେଲେ କି ଉଠାଇନେଲେ, ଆଉ ଦୋଷଟା ଲଦି ଦେବାକୁ ଯାଉଛନ୍ତି ଆମ ଉପରେ।

ଆଶିଷ — ବିଶ୍ରାନ୍ତ !

ବିଶାନ୍ତ ଓ

ବିଜୟ — ତା' ହେଲେ ଗୀତା ଗଲା କୁଆଡ଼େ ? ତୁମେ ଜାଣିନାହଁ ତ, ଜାଣିଛି

ବିଜୟ — କିଏ ? ଆଜି ପୁଣି ଛଳନା କରି ଏଠାକୁ କାହିଁକି ?

ଆଶିଷ — ବିଜୟ ?

ବିଶ୍ରାନ୍ତ — ସାବ୍‌ଧାନ। ଅନ୍ତତଃ କେଉଁଠି ଛିଡ଼ାହୋଇ ଆପଣ କଥାବାର୍ତ୍ତା କରୁଛନ୍ତି ଏକଥା ଜାଣିଛନ୍ତି ତ ? କୁହନ୍ତୁ, ଗୀତା ଗଲାକୁଆଡ଼େ ?

ଆଶିଷ — ସେ ଉତ୍ତର ମୁଁ ଦେବି, ନା' ତୁମେ ?

ବିଜୟ — ତୁମେ ଦେବ ? ତୁମେ ଅଲବତ୍ ଦେବ ?

ବିଶ୍ରାନ୍ତ — ଚାକିରି ଦେବା ଆଶାରେ ତୁମେ ତାକୁ ଉଠାଇ ନେଇ ନାହଁ ?

ବିଜୟ — ତା' ସାର୍ଟିଫିକେଟ୍ ମୁଁ କାଲି ଚିରଦେଲା ପରେ, ତୁମେ ତମ ତମ ଚାଲିଗଲ କାହିଁକି ? ଏବେ ଅଲ୍‌ବତ୍ ଯାର ଜବାବ୍ ଦେବାକୁ ପଡ଼ିବ ? କୁହ ଏବେ ଗୀତା କେଉଁଠି ?

Digitized by srujanika@gmail.com

ଆଶିଷ	ତା'ହେଲେ ତୁମକୁ ନିଶ୍ଚିତ ଭାବେ ପ୍ରସ୍ତୁତ ରହିବାକୁ ହେବ।
ବିଶ୍ରାନ୍ତ	ଆମକୁ ନା' ତୁମକୁ ? (ମାଡ଼ିଆସି ଏବଂ ଚାକୁ ଦେଖାଇ) କ'ଣ, କହିବେ ନାହିଁ ?
ଆଶିଷ	ହ୍ୱାଟ୍ ଡୁ ୟୁ ଥିଙ୍କ ଅଫ୍ ମି ? ମୁଁ କାପୁରୁଷ ନୁହେଁ।
ବିଶ୍ରାନ୍ତ	ହ୍ୱାଟ୍ ?
ଆଶିଷ	କ'ଣ ବଳ କଷିବାକୁ ଚାହୁଁଛ ?
ବିଶ୍ରାନ୍ତ	ବେଶ୍ ବଢ଼ି ବଢ଼ କଥା କହୁଛ ମାଷ୍ଟ୍ରେ। ଆଇ ସେ. ଗେଟ୍ ଆଉଟ୍।
ଆଶିଷ	ମୁଁ ନା' ତମେ ?
	(ବିଶ୍ରାନ୍ତ ଆଶିଷଙ୍କ ଆଡ଼କୁ ମାଡ଼ିଯାଉଥିବା ବେଳେ ଦୁହିଁଙ୍କ ମଧରେ ରୁନିର ପ୍ରବେଶ)

ଯବନିକା

Digitized by srujanika@gmail.com

ତୃତୀୟ ଦୃଶ୍ୟ

(ନିବିଶ୍‌ଙ୍କ କକ୍ଷ। କିଛ ପଢ଼ାରେ ବ୍ୟସ୍ତ ନିବିଶ୍। ଟା' କପଟିଏ ଧରି ଅପେକ୍ଷାରତ ଚାକର ସୂର୍ଯ୍ୟମଣି (ହିଞ୍ଜଡ଼ା)। କିଛି ସମୟ ଉତ୍ତାରୁ।)

ନିବିଶ୍ — ସୂର୍ଯ୍ୟମଣି।

ସୂର୍ଯ୍ୟମଣି — ଆଜ୍ଞା।

ନିବିଶ୍ — କ'ଣ ସବୁ ଠିକ୍ ଅଛି ତ'।

ସୂର୍ଯ୍ୟମଣି — ଭେରିଗୁଡ୍ ଆଜ୍ଞା।

ନିବିଶ୍ — କ'ଣ କହିଲ ?

ସୂର୍ଯ୍ୟମଣି — ଏଇ ଆପଣ ଯୋଉ କହନ୍ତି। ଭେରିଗୁଡ୍, ନାଇସ୍, ନଣ୍ଡସଣ୍ଡ। ସେଇକଥା ତ' ମୁଁ କହିଲି।

ନିବିଶ୍ — ମୁଁ କ'ଣ ପଚାରୁଛି, ତୁମେ କହୁଛ କ'ଣ ?

ସୂର୍ଯ୍ୟମଣି — ମୁଁ କ'ଣ ଜାଣିପାରୁନି ସାର୍। ବିଲ୍‌କୁଲ୍ ନାଇସ୍। ନୋହିଲେ ତ' ସେଇ ନଣ୍ଡସଣ୍ଡ କଥା।

ନିବିଶ୍ — ମୁଁ ତୁମକୁ କ'ଣ କହିଥିଲି ?

ସୂର୍ଯ୍ୟମଣି — ଆଉ ସେଗୁଡ଼ାକ ମନେ ଅଛି ? ଆପଣ ସିନା କବି ଲୋକ ଯେ କେତେ କଥା ମନେ ରଖୁଛନ୍ତି। ଆମେ ପରା ମୂର୍ଖ ଚାକର ବାକର, ସେଗୁଡ଼ାକ କୁଆଡ଼େ ମନେ ରହିବ ? ମୁଁ କ'ଣ କହୁଥିଲି କି, ଆଉଥରେ କହିଦେଉନାହାଁନ୍ତି ?

Digitized by srujanika@gmail.com

ନିର୍ବିଶ୍ ; ହଁଏ, ଭେରିଗୁଡ୍ କେଉଁଠି ଆଉ ନନ୍‌ସେନ୍‌ସ୍ କୋଉଠି ବ୍ୟବହାର କରାଯାଏ ।
ସୂର୍ଯ୍ୟମଣି କେଉଁଠି କ'ଣ ବା ! ଯୋଉଠି ମାନେ ସେଇଠି । ତମେତ କେତେବେଳେ ଗୁଡ୍, କେତେବେଳେ ଭେରିଗୁଡ୍, କେତେବେଳେ ନାଇସ୍,କେତେବେଳେ ନଣ୍ଡସଣ୍ଡ କହୁଛ । ମୋ ତୁଣ୍ଡକୁ ଯେତେବେଳେ ଯେଉଁଟା ଦିଶିଲା, ଫିଟିଗଲା । ଆଉ ସେଥିକୁ କ'ଣ ବାଛୁଚ ଯେ ? ତୁମଠୁ ତ ସବୁ ଶିଖିଛି । ମନେ ରଖି ଯାହା ଗୋଟେ କହିଦେଲି ନା' ?
ନିର୍ବିଶ୍ ଆହେ ନଣ୍ଡସଣ୍ଡ କ'ଣ ? ନନ୍‌ସେନସ୍ କହୁନ ?
ସୂର୍ଯ୍ୟମଣି ହଁ ମ' ସେଥିରେ କ'ଣ ଅଛି । ଜିଭ ଓଲଟୁନି ବୋଲି ନା' । ସବୁ ଓଲଟପାଲଟ୍ ହେଇଯାଉଛି, ହଉ ହେଲା ଏବେ କହୁନାହାନ୍ତି ନାଇସ୍ ନଣ୍ଡସଣ୍ଡ । କୋଉ କଥା କହୁଥିଲେ ଯେ ?
ନିର୍ବିଶ୍ ନାଇଁ ଯେ ଆଉ ସବୁ ଘର ଖବର... ।
ସୂର୍ଯ୍ୟମଣି ଖବର୍ ତ' ଜବର୍ । ହିଁ, ହିଁ । ତମରି କଥାତ ଭେରି ଗୁଡ୍ ନାଇସ୍ ନଣ୍ଡସଣ୍ଡ ।
ନିର୍ବିଶ୍ ସୂର୍ଯ୍ୟମଣି !
ସୂର୍ଯ୍ୟମଣି ଆଜ୍ଞା ।
ନିର୍ବିଶ୍ ତୁମେ କେଉଁ କଥା କହୁଛ ?
ସୂର୍ଯ୍ୟମଣି ଆଉ କୋଉ କଥା କୁହନ୍ତି ଯେ, ସେଇ କଥା ତ ! ନାଇ ମାନିବାକୁ ହେବ ନା' !
ନିର୍ବିଶ୍ ମାନିବାକୁ ହେବ ।
ସୂର୍ଯ୍ୟମଣି କ'ଣ ଉଖୁରେଇ ଉଖୁରେଇ ପଚାରୁଛ ଯେ, ନାଇସ୍, ନଣ୍ଡସଣ୍ଡ । ନାଇ, ମନକୁ ଆସିଲା ନା' ! ରଘୁମାଷ୍ଟ୍ର ଝିଅଟାତ ତ୍ରିପଣ୍ଡ କାଳୀ । ନିହାତି ନଣ୍ଡସଣ୍ଡଟା । ଇଏ କଥାରେ କହିଲା ପରି କବି ମନକୁ ଯେମିତି ବାସେନା' !
ନିର୍ବିଶ୍ ସୂର୍ଯ୍ୟମଣି !
ସୂର୍ଯ୍ୟମଣି ଏଇନେ ତ ଦିନାକେତେ କବିତା ଛୁଟିବ ଯେ, କଲମ ମୁନ ମୁଣ୍ଡା ହୋଇଯିବ । ଅନ୍ୟ କଥାଗୁଡ଼ାକ ନଣ୍ଡସଣ୍ଡିଆ ଧରିବ ।

Digitized by srujanika@gmail.com

ନିର୍ବିଶ୍	ସୂର୍ଯ୍ୟମଣି !
ସୂର୍ଯ୍ୟମଣି	ମଲା, ତୁଛାକୁ କାହିଁକି ରାଗୁଛ ମ !
ନିର୍ବିଶ୍	ତୁମେ କାହା ସମ୍ପର୍କରେ କହୁଛ ?
ସୂର୍ଯ୍ୟମଣି	କାହା ସମ୍ପର୍କରେ କ'ଣ ମ ? କାଲି ରାତିରେ ଯାହାଙ୍କୁ ସାଙ୍ଗରେ ନେଇ ଘରକୁ ଆସିଛ ? ସେ ଘରେ ଯିଏ ବସିଛି; ମୁଁ ତାରି' କଥା କହୁଛି ପରା !
ନିର୍ବିଶ୍	ବନ୍ଦ କର, ବନ୍ଦ କର ସୂର୍ଯ୍ୟମଣି । ତୁମେ ଜାଣ । ସେ ମୋ ସିଷ୍ଟର ।
ସୂର୍ଯ୍ୟମଣି	(ଜିଭ କାମୁଡ଼ି) ମୋତେ ଆଗରୁ କହନ୍ତେନି ନଣ୍ଡସଣ୍ଡ ? ମୁଁ କ'ଣ ଜାଣିଛି ସେ ତୁମର ସିଷ୍ଟର କି ଫିଷ୍ଟର ହେବେ ? ଇଏ, ତମର ତ କେତେ ସିଷ୍ଟର ଅଛନ୍ତି । ମୁଁ ଭାବିଥିଲି, ସେମିତିକା କିଏ ଗୋଟେ ନଣ୍ଡସଣ୍ଡ ହୋଇଥିବେ ନା' ।
ନିର୍ବିଶ୍	ପୁଣି ସେଇକଥା !
ସୂର୍ଯ୍ୟମଣି	ନଣ୍ଡସଣ୍ଡ ହୋଇଗଲା !
ନିର୍ବିଶ୍	ସୂର୍ଯ୍ୟମଣି !
ସୂର୍ଯ୍ୟମଣି	ଆଜ୍ଞା । ହେଉ ଏଥର କୋଉକଥା କହୁଥିଲେ କୁହନ୍ତୁ ।
ନିର୍ବିଶ୍	ମୁଁ କ'ଣ କହୁଥିଲି କି, ଘରେ ଡାଲି, ଚାଉଳ, ପନିପରିବା..... ?
ସୂର୍ଯ୍ୟମଣି	କାଲି ପରା ପିପିଲି ହାଟରୁ ଆଣିଥିଲ ? ଶୁଖୁଆ ସରିଯାଇଛି । ପାତୁଆ ବଜାରରୁ ଶହେ ନେଇଆସିଲେ, ନଣ୍ଡସଣ୍ଡ କରିଦିଅନ୍ତେ ?
ନିର୍ବିଶ୍	ଛିଃ ।
ସୂର୍ଯ୍ୟମଣି	କାହିଁକି ବା ? ସବୁଦିନ ତ' ଆଣ, ଆଜି କାହିଁକି ବା' ନାକ ଟେକୁଛ ? ହେଲା ହେଲା, ସିଷ୍ଟର ଆସିଛନ୍ତି ପରା ! ନଣ୍ଡସଣ୍ଡ ହେବନି । ତା'ହେଲେ ଆଉ କ'ଣ ଆଣିବ ଯେ ?
ନିର୍ବିଶ୍	ଥାଉ । ତୁମେ ରୋଷେଇ ଦେଖ ।
ସୂର୍ଯ୍ୟମଣି	ଯାଉଛି । (ଯିବାକୁ ଉଦ୍ୟତ)
ନିର୍ବିଶ୍	ସୂର୍ଯ୍ୟମଣି ?
ସୂର୍ଯ୍ୟମଣି	ପଛରୁ ଡାକିଲେ ।
ନିର୍ବିଶ୍	ତୁମେ ସିଷ୍ଟରଙ୍କୁ କିଛି ପଚାରାପଚରି କରିବ ନାହିଁ ।
ସୂର୍ଯ୍ୟମଣି	କି କଥା କହୁଛନ୍ତି ? ଆପଣ ନ' ଜାଣିଲେ । ମୁଁ କ'ଣ କହୁଥିଲି

Digitized by srujanika@gmail.com

କି.... କେତେ ଦିନ ରହିବେକି ତୁମ ସିଷ୍ଟର ?

ନିର୍ବିଶ୍ — ତୁମେ ସେଥିରୁ କ'ଣ ପାଇବ, ଗଲ ।

ସୂର୍ଯ୍ୟମଣି — କ'ଣ ହେଲା, ପାଇବିନି ? ହେଲା, ପାଏ କି ନପାଏ, ତମେ କହୁନ, ସେ କେତେ ଦିନ ରହିବେ ?

ନିର୍ବିଶ୍ — ସବୁଦିନ ।

ସୂର୍ଯ୍ୟମଣି — ସବୁଦିନ ? ଇଏ କେମିତିକା କଥା ଯେ, ଇଏ ଟିକିଏ ଖୋଲିକି କହୁନ ନାଇସ୍ ନଣ୍ଡସଣ୍ଡ ।

ନିର୍ବିଶ୍ — ତୁମେ ଗଲ ।

ସୂର୍ଯ୍ୟମଣି — ମୁଁ କ'ଣ ଯାଉନିକି ? ତୁମେ ଖାଲି ପଛରୁ ଡାକିକି ନଣ୍ଡସଣ୍ଡ କରୁଛ ନା' । (ଯିବାକୁ ଉଦ୍ୟତ)

ନିର୍ବିଶ୍ — ସୂର୍ଯ୍ୟମଣି !

ସୂର୍ଯ୍ୟମଣି — ଦେଖ, ବେଳକୁ ଭେରିଗୁଡ୍ ନୋହିଲେ ଏମିତିକୁ ନଣ୍ଡସଣ୍ଡ, ଗଲା ତ,.... ! ଏକାଥରକେ କହୁନ, ସବୁ ସାରି ଦେଉନ । ତା'ପରେ ବସିକି କବିତା ଲେଖିବ ନିଷ୍ଚିନ୍ତରେ ।

ନିର୍ବିଶ୍ — ଗୀତାକୁ କହିଦେବ ।

ସୂର୍ଯ୍ୟମଣି — ତାଙ୍କ ନା' ତା'ହେଲେ ଗୀତା ! ହଉ, ଯାଉଛି । (ପ୍ରସ୍ଥାନ)

(ନିର୍ବିଶ୍ ପୁନଶ୍ଚ ପଢ଼ାରେ ମନ ନିବେଶ କଲେ । ଅନ୍ତରାଳରୁ ମୃଦୁ ସଂଗୀତ : ଏଇ ମନ କେତେ ଖୋଜେ.... କେବେ ହଜେ.... । ଇତି ମଧ୍ୟରେ ଗୀତାଙ୍କର ପ୍ରତୀକ୍ଷା ।)

ନିର୍ବିଶ୍ — (ମୁଣ୍ଡ ଉଠାଇ) ଆରେ କେତେବେଳୁ ? ବସ । ଛିଡ଼ା ହୋଇଛ କାହିଁକି ? (ଗୀତା ଆସନ ଗ୍ରହଣ କରିଛନ୍ତି) ଏଇଟା ଆଜିଠୁ ତୁମ ଘର । ଏଠି ଲଜ୍ଜା କି ସଂକୋଚ ସବୁ ଛାଡ଼ିବାକୁ ହେବ । ଗୋଟାଏ ସ୍ୱାଧୀନ ପକ୍ଷୀପରି ଏଇ ଘରର ପରିଧି ମଧ୍ୟରେ ତୁମେ ଘୁରି ବୁଲ । ଆଉ ଏ ସୂର୍ଯ୍ୟମଣି, ଦେଖୁଛ ତ' ବାପା ବୋଉ ଗଲାଦିନଠାରୁ ମୋ' ପାଖରେ । ଏମିତି, ଏଇ ଘରକାମ, ରୋଷେଇ ବାସ.. । ହଁ ଏଥର ତମ କଥା । ମୋ ମତରେ ପଛ କଥା ଗୁଡ଼ାକ ଏଣିକି ମନରୁ ପୋଛି ଦିଅ । ଆତ୍ମହତ୍ୟା କଲେ, କ'ଣ ସବୁର ସମାଧାନ ହେବ ? ସଂଗ୍ରାମ

Digitized by srujanika@gmail.com

କରିବାକୁ ହେବ। ନୋହିଲେ ତ ହାରିଯିବା ଆମେ। କେହି ମଲେ ତା' ପଛରେ ଅନ୍ୟ କେହି ଗୋଡ଼ାଇ ଯାଏନା। ବରଂ ଏହା କାପୁରୁଷତାର ଲକ୍ଷଣ। ମୁଁ ଏହାକୁ ଘୃଣା କରେ। ମାନୁଛି, କୌଣସି ପରିସ୍ଥିତିରେ ତୁମେ ଘରୁ ଗୋଡ଼ କାଢ଼ିଦେଇଛ। ଯାବୋଲି ମସ୍ତବଡ଼ ଭୁଲ ହେଲା କେଉଁଠି ? ସମୟ ଆସିବ, ସବୁ ସୁଧୁରିଯିବ। ପୁଣି ଫେରିବ। ଯଦି ବର୍ତ୍ତମାନ ବି ଚାହଁ, ମୁଁ ତୁମ ଘର ସହିତ ଯୋଗାଯୋଗ ରକ୍ଷା କରି ପାରେ।

ଗୀତା — ମୁଁ ଚାଲିଯିବି ସାର୍। ମୁଁ କେଉଁଠିକୁ ଫେରିବାକୁ ଚାହୁଁନି।

ନିବିଶ୍ — ମାନେ, ମୋ' ପ୍ରତି ତୁମର ବିଶ୍ୱାସ ନାହିଁ ? ବୁଝୁଛି, ତୁମକୁ ମୋ ପରି ଏମିତି ଅନେକ ଆଶ୍ୱାସନା ବାଣୀ ଶୁଣାଇ ନିଜର କରିଥିବେ। ତା'ପରେ କିଛି ବିଭ୍ରାଟ ଘଟିଥିବ। ଏଇଆ ତ'... ? ତୁମେ ନୀରବ ରହିଲ ଯେ ?

ଗୀତା — ଥାଉ ସାର୍।

ନିବିଶ୍ — ଥିବ କାହିଁକି ? ମୋର ଅନୁମାନ, ନିର୍ଭୁଲ ସତ୍ୟ। କିନ୍ତୁ କବି ନିବିଶ୍ ତା' ନୁହେଁ। ସେ ଭିନ୍ନ ମଣିଷ। ତା'ର ସମାଜରେ ଆତ୍ମ ସମ୍ମାନ ଅଛି; ମର୍ଯ୍ୟାଦା ଅଛି; ସେ କଦାପି ପଶୁ ହୋଇନପାରେ। ମୁଁ ପାଶବିକତା ଓ ଅଶ୍ଳୀଳତାକୁ ଘୃଣା କରେ। ମୁଁ ତା' ବିରୁଦ୍ଧରେ ସଂଗ୍ରାମ କରେ।

ଗୀତା — ମୋ ଭଳି ପତିତା ଆପଣଙ୍କ ଆତ୍ମ ସମ୍ମାନ ଉପରେ....

ନିବିଶ୍ — ଓଲଟି ସମ୍ମାନ ଆଣିବ। ମୁଁ ଗୋଟେ ପତିତାକୁ ଉଦ୍ଧାର କରିଛି ବୋଲି, ଆତ୍ମ ତୃପ୍ତି ପାଇବି। ବାସ୍, ଆଉ କ'ଣ କହିବାର ଅଛି ?

ଗୀତା — ଥାଉ ସାର୍। ମୋ ଯୋଗୁଁ ଆପଣ କଳଙ୍କିତ ହୁଅନ୍ତୁନାହିଁ।

ନିବିଶ୍ — ଷ୍ଟପ୍ ଇଟ୍ ଗୀତା। ଆଇ ସେ, ଆଇ ଆମ୍ ୱିଥ୍ ୟୁ। ମୁଁ ତମ ମୁହଁରେ ହସ ଦେଖିବାକୁ ଚାହେଁ। ତୁମର ପରିଚୟ ମୋର ଦରକାର ନାହିଁ। ତୁମେ ଜଣେ ନାରୀ। ବାସ୍ ଏତିକି ଯଥେଷ୍ଟ। ଆଉ ତୁମର ଆଶ୍ରୟ ଏଇଠି, ଏଇ କବି କୁଟୀରରେ। ତୁମେ ଅଲବତ୍ ଏଇଠି ରହିବ। ସମୟ ଆସିଲେ, ମୁଁ ଜାଣିବି, ତୁମେ ପ୍ରକୃତରେ କ'ଣ ? ତୁମେ

Digitized by srujanika@gmail.com

ଜାଣିବ, ମୁଁ ମଧ୍ୟ କ'ଣ ? ଏଠି ଅସାମାଜିକତା ଏବଂ ଅଶ୍ଳୀଳତାର ଛବି ନାହିଁ। ଏଠି କବି ନିର୍ବିଶ୍ ଅଛି, ତୁମେ ଅଛ, ଆମେ ଠିକ୍ ଅଛେ, ମୁଁ ଏଇ ମୋ କଲମ ଛୁଇଁ କହୁଛି। (ସୂର୍ଯ୍ୟମଣିର ପ୍ରବେଶ)

ସୂର୍ଯ୍ୟମଣି — କ'ଣ ଗାଧୋଇବନିକି ନଣ୍ଡସଣ୍ଡ। ଆଜିପରା କୁଆଡ଼େ କବିତା ପଢ଼ିବାକୁ ଯିବ ? ଛି ଛି କବି ଗୁଡ଼ାକ ଏଡ଼େ ନଣ୍ଡସଣ୍ଡ। ଏଡ଼େ ପାଗଳିଆ ? କୁଆଡ଼େ କ'ଣ ଭୁଲିଯିବେ ଯେ, ଯିବେ, ଚାହିଁଥା।

ନିର୍ବିଶ୍ — ଶୁଣିଲ ଗୀତା ?

ସୂର୍ଯ୍ୟମଣି — ସବୁତ ଖାଲି ଭେରି ଗୁଡ୍, ନାଇସ୍, ନଣ୍ଡସଣ୍ଡ। କ'ଣ ନା' ଶୁଣିଲ ଗୀତା ? (ସମସ୍ତଙ୍କ ମୁହଁରେ ହସ।)

ଯବନିକା।

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ଆଶିଷ ମହାନ୍ତିଙ୍କ ବାସଭବନ। ନିରାଡ଼ମ୍ବର କକ୍ଷ। ଛୁରୀଟିଏ ହାତରେ ଧରି ଧାର ପରଖୁଛନ୍ତି ଆଶିଷ। ପ୍ରବେଶ କରୁଛନ୍ତି ଶ୍ୟାମଳେନ୍ଦୁ ଏବଂ ବିକ୍ରମ ଏବଂ ଏକସ୍ୱରରେ କହିଛନ୍ତି -)

ଶ୍ୟାମଳେନ୍ଦୁ
ଏବଂ ବିକ୍ରମ : ଗୁଡ଼ ଇଭିନିଙ୍ଗ୍ ମିଷ୍ଟର ମହାନ୍ତି ?

ଆଶିଷ : ଗୁଡ୍ ଇଭିନିଙ୍ଗ। ହଠାତ୍ ସନ୍ଧ୍ୟାବେଳେ।

ଶ୍ୟାମ : ଆମେତ ହଠାତ୍! ହେଲେ ମାଷ୍ଟ୍ରେ ଛୁରୀ ଅଭ୍ୟାସ କଲେଣି କେବେଠୁ, ଆଗେ ଶୁଣାନ୍ତୁ ତ ?

ବିକ୍ରମ : କିଛିଟା ଅଭିପ୍ରାୟ ଥାଇପାରେ, ନୁହେଁ ମିଷ୍ଟର ମହାନ୍ତି ?

ଆଶିଷ : ଏକ୍‌ଜାଟ୍‌ଲି। ସ୍ଥାନ,କାଳ ଏବଂ ପାତ୍ରନେଇ ବେଳେବେଳେ ଏ ସବୁର ଆବଶ୍ୟକତା ଥାଏ।

ଶ୍ୟାମ : ତୁମେ ତା' ହେଲେ ଏହାର ସଦ୍‌ବ୍ୟବହାର କରିବତ ମି. ମହାନ୍ତି. ?

ଆଶିଷ : ଅନୁମାନ ବ୍ୟର୍ଥ ନୁହେଁ। ଏଇ ଯେମିତି କଣ୍ଟାକୁ କଣ୍ଟା.... ସେମିତି ଛୁରୀକୁ ଛୁରୀ....।

ବିକ୍ରମ : କିଛି ବୁଝି ହେଉନାହିଁ ମିଃ ମହାନ୍ତି ?

ଆଶିଷ : ଆପଣଙ୍କର ଅନେକ କଥା ହୁଏତ ମୁଁ ବୁଝିପାରିବିନି। ମୋର୍ ବି

Digitized by srujanika@gmail.com

ଅନେକ କଥା ଆପଣମାନେ ନ ବୁଝିପାରିବା ବି ସ୍ୱଭାବିକ୍। ଏମିତି କେହି କାହାର କଥା ବୁଝିପାରନ୍ତି ନାହିଁ କି ଅନେକ ସମୟରେ ଆବଶ୍ୟକ ବି ମନେ କରନ୍ତି ନାହିଁ। ମାତ୍ର ନିଜ ପରିସ୍ଥିତି ସମ୍ଭାଳିବାକୁ ନିଜେ ତତ୍ପର ଥାଆନ୍ତି। କେହି ଅନ୍ୟର ପରିସ୍ଥିତିକୁ ମୁକାବିଲା କରନ୍ତି ନାହିଁ।

ବିକ୍ରମ ପରିସ୍ଥିତି.... ! ମୁକାବିଲା.... ! ! ଏମିତି ଗୁଡାଏ ଶବ୍ଦର ମାନେ ?

ଆଶିଷ ଆପଣବି କାଲି ଶୁଣାଇ ପାରନ୍ତି ଏମିତି ଅନେକ ଶବ୍ଦ। ମୋ ହାତରେ ଛୁରୀ, ଆପଣଙ୍କ ହାତରେ ବନ୍ଧୁକ। ଆଉ ଶ୍ୟାମଳେନ୍ଦୁଙ୍କ ହାତରେ ହ୍ୟାଣ୍ଡ ବମ୍ ଥାଇପାରେ.... । ଏବଂ ଏଇମାନଙ୍କ ସାହାଯ୍ୟରେ ପରିସ୍ଥିତିର ସଠିକ୍ ଜବାବ୍ ବି ଦିଆଯାଇପାରେ। ମୁଁ ଭାବୁଛି, ସମୟ ପଡ଼ିଲେ, ବିନ୍ଦୁଏ ରକ୍ତ ଥିଲା ଯାଏଁ, ମଣିଷ ବି ଲଢ଼ିପାରେ।

ଶ୍ୟାମଳେନ୍ଦୁ : ଆପଣଙ୍କର କ'ଣ ହୋଇଛି ମିଷ୍ଟର ମହାନ୍ତି ?

ଆଶିଷ ମୋର ଯାହା ହୋଇଛି ଆପଣଙ୍କର ତାହା ହୋଇନାହିଁ, ହୋଇବି ନପାରେ। ଆମେ ଭିନ୍ନ ପ୍ରକୃତିର ମଣିଷ ବା ଭିନ୍ନ ମଣିଷ।

ଶ୍ୟାମଳେନ୍ଦୁ : ଭିନ୍ନ ମଣିଷ !

ଆଶିଷ ନୁହେଁ ? କିଏ ରାକ୍ଷସ, କିଏ ଦେବତା; କିଏ ଲମ୍ପଟ; କିଏ ଧୂର୍ତ; କିଏ ଶଠ; କିଏ ଧପାବାଜି; କିଏ ବେଇମାନ। ଆମେ ନିଜ ନିଜ ଇଲାକାରେ ନିଶ୍ଚିତ ଭାବରେ ଗୋଟାଏ ଗୋଟାଏ ଶିକାରୀ ଯିଏକି କାହା ପଛରେ ହେଲେ ଧାବମାନ।

ବିକ୍ରମ ଆପଣ ନିଶ୍ଚିତ ଭାବରେ କୌଣସି କାରଣରୁ କ୍ରୋଧିତ। କାରଣଟା ଶୁଣାଇଲେ କେମିତି ହୁଅନ୍ତା ?

ଆଶିଷ ଫାଇଦା ?

ବିକ୍ରମ ସବୁଠିତ ଫାଇଦାର ହିସାବ ନଥାଏ ?

ଶ୍ୟାମଳେନ୍ଦୁ : ହେଲା, ଏବେ ଫାଇଦା ଅଛି ?

ଆଶିଷ ସବୁଶୁଣାଇ ଯଦି ଫାଇଦା ହାସଲ ନହେଲା, ସେଠି ଦୁଃଖର ମାତ୍ରା ବଢ଼େ ଶ୍ୟାମଳେନ୍ଦୁ, କମେନି। ସ୍ୱାର୍ଥପଛରେ ଦୌଡୁଥିବା ସମସ୍ତ ମଣିଷ ନ୍ୟାୟ ପାଇଁ କଦାପି ନିଃସ୍ୱାର୍ଥପର ହୋଇପାରିବେ ନାହିଁ।

Digitized by srujanika@gmail.com

କେତେଜଣ ଯୀଶୁପରି କ୍ରୁଶ ବିଦ୍ଧ ହେବେ ? କେତେଜଣ ଗୁଳିଚୋଟକୁ ସ୍ୱାଗତ କରିବେ କହିଲ ଦେଖି ? ଶରାଘାତ ହଂସର ଯନ୍ତ୍ରଣା ଏକା ସେହି ହଂସ ଜାଣେ ।

ବିକ୍ରମ : ଆପଣ ତା'ହେଲେ ....।

ଆଶିଷ : ନିଶ୍ଚିତ, ଶିକ୍ଷକଟିଏ ହୋଇ ମୁଁ ଛୁରୀ ନେଇଛି ହାତକୁ। ଛୁରୀ ପାଇଁ ଛୁରୀ, ରକ୍ତ ପାଇଁ ରକ୍ତ ! ଏଇଟା ଏ ଯୁଗ ଚାହୁଁଛି ବିକ୍ରମ।

ଶ୍ୟାମଲେନ୍ଦୁ : ତୁମେ ରକ୍ତପାତ କରିବ ? ଛୁରୀ ପେଲିବ ମାଷ୍ଟ୍ରେ ?

ଆଶିଷ : କରିନି। କରିପାରେ, ଇଏତ ପ୍ରସ୍ତୁତି ମାତ୍ର।

ଶ୍ୟାମଲେନ୍ଦୁ : କାରଣଟା ଖୋଲିକି କହୁନାହାନ୍ତି ମିଃ. ମହାନ୍ତି ?

ଆଶିଷ : ଗୋଟେ ଅସାହାୟା ଯୁବତୀକୁ ସାହାଯ୍ୟ କରିବାକୁ ଯାଇ ମୋର ବେକକୁ ଚାଲିଆସୁଥିବା ଛୁରିଟାର ସାମ୍ନା କରିବାକୁ ଯାଉଛି ମୁଁ। ବାସ୍ ଏତିକି ବୁଝ ଏବଂ ଏହାଠାରୁ ଅଧିକ କିଛି ବୁଝିବାକୁ ଚେଷ୍ଟା କର।

ବିକ୍ରମ : ଅସହାୟା.... !

ଆଶିଷ : ହଁ ଅସହାୟା, ହୋଇପାରେ ବି ଧର୍ଷିତା। ଏମିତ୍ ବହୁତ କିଛି। ମୁଁ ଭାବୁଛି.......

ଶ୍ୟାମଲେନ୍ଦୁ : କ'ଣ ଭାବୁଛନ୍ତି ?

ଆଶିଷ : ମୁଁ ଭାବୁଛି ହୁଏତ ସେ ଆତ୍ମହତ୍ୟା କରିଥାଇପାରେ।

ବିକ୍ରମ ଓ
ଶ୍ୟାମଲେନ୍ଦୁ : ଆତ୍ମହତ୍ୟା !

ଆଶିଷ : ହଁ ବିକ୍ରମ। ମୁଁ ଜବାବ୍ ଦେଇଥିଲି ଯେ, ଗୋଟେ ଚାକିରି ଯୋଗାଡ଼ କରି ତା' ମୁହଁରେ ଟିକେ ହସ ଫୁଟାଇଥା'ନ୍ତି। ମାତ୍ର ପାରିଲିନି ବିକ୍ରମ। ସମୟ ମୋତେ ସେ ସୁଯୋଗ ଦେଲା ନାହିଁ।

ଶ୍ୟାମଲେନ୍ଦୁ : ସେ ଆତ୍ମହତ୍ୟା କରିଥିବା କଥାଟା କ'ଣ ସତ୍ୟ ?

ଆଶିଷ : ମିଥ୍ୟାବୋଲି ବିଶ୍ୱାସ କରିବି କିପରି ? ଦୁଇମାସ ତଳେ ସେ ଏତିକି ଶୁଣାଇଥିଲା - ସାର୍, ଆପଣଙ୍କ କହିବା କଥା ସବୁ ଘଟିଗଲା। ଆପଣ ମୋ' କଥା ଶୀଘ୍ର ବୁଝନ୍ତୁ। ନୋହିଲେ ମୋ ଜୀବନକୁ ମୁଁ ନିଜେ ସଂକଟାପନ୍ନ କରିଦେବି। କେବେଳ ଆପଣଙ୍କ ଆଶ୍ୱାସନାରେ

Digitized by srujanika@gmail.com

ମାଟି କାମୁଡ଼ି ପଡ଼ିଛି। ମୁଁ କହିଥିଲି - ଟାଇପ୍ ଶିଖିନିଅ। କମ୍ପୁଟର କର। ଜବାବ୍ ଦେଇଛି। ମୁଁ ନିଶ୍ଚୟ ତୁମ କଥା ବୁଝିବି। ଆଉ କ'ଣ ହେଲା ଜାଣିଛ ଶ୍ୟାମଳେନ୍ଦୁ ? ଗତ ରବିବାର ଦିନ ସେ ସମସ୍ତ ସାର୍ଟିଫିକେଟକୁ ଟିକ୍ ଟିକ୍ କରିଦେଲା ବିଜୟ ପଟ୍ଟନାୟକ। ମୁଁ ପ୍ରତିବାଦ କରିବାରୁ, ମୋ ଉପରକୁ ବିଶ୍ରାନ୍ତ ଉଠାଇଲା ଛୁରୀ ?

ଶ୍ୟାମଳେନ୍ଦୁ
ଓ ବିକ୍ରମ   କ'ଣ ହେଲା ?

ଆଶିଷ   ଖାଲି ସେତିକି ନୁହେଁ, ସେହି ରାତିରୁ ବିଚରା ନିରିମାଖି ଗୀତା, ନିଖୋଜ।

ବିକ୍ରମ   ଗୀତା !

ଆଶିଷ   କଲେଜ ପଢ଼ା ଗୀତା, ଚାକରାଣୀ ଗୀତା ନିରୁଦ୍ଦିଷ୍ଟ। ଶୁଣି ମତରେ ସେ ଆତ୍ମହତ୍ୟା କରିଥାଇପାରେ। ଆଉ ଏଥିପାଇଁ ଦାୟୀ ଖୋଦ୍ ବିଜୟ ଓ ବିଶ୍ରାନ୍ତ।

ଶ୍ୟାମଳେନ୍ଦୁ :   ତୁମେ ସତ କହୁଛ ମିଃ. ମହାନ୍ତି ?

ଆଶିଷ   ପ୍ରକୃତ ମାଷ୍ଟର ଟିଏ ସତ୍ୟଛଡ଼ା ମିଥ୍ୟା କୁହେନାହିଁ। କି ମିଥ୍ୟା ପଢ଼ାଏ ନାହିଁ। ଏକଥା ତୁମେ ଠିକ୍ ବୁଝିବ ଶ୍ୟମଳେନ୍ଦୁ।

ବିକ୍ରମ   ତୁମେ...।

ଆଶିଷ   ମୁଁ ଗୀତାପାଇଁ ପ୍ରତିଶୋଧ ନେବି। ତୁମେ ସ୍ୱାର୍ଥାନ୍ଧ ହୋଇପାର ବିକ୍ରମ, ଅନ୍ୟାୟକୁ ବି ଘୋଡାଇପାର ଶ୍ୟାମଳେନ୍ଦୁ। ମାତ୍ର ଆଶିଷ ମହାନ୍ତି ନୁହେଁ। ଆଜି ତା' ହାତରେ ଛୁରୀ, ହୁଏତ କାହା ଗଳାରେ ଏ ଛୁରୀ କାର୍ଯ୍ୟକାରୀ ହୋଇପାରେ। (ଛୁରୀଟାର ତୀକ୍ଷ୍ଣଧାର ନଖରେ ପରୀକ୍ଷା କରିବା)

ଶ୍ୟାମଳେନ୍ଦୁ :   ଗୀତା ସମ୍ପର୍କରେ ...।

ଆଶିଷ   ଆବଶ୍ୟକ ନାହିଁ। ଖାଲି ଏତିକି ବୁଝ, ବିଚାରୀ ଗୋଟାଏ ନିରୁଦ୍ଦିଷ୍ଟା।

ଶ୍ୟାମଳେନ୍ଦୁ :   ଠିକ୍ ଅଛି। ଆମେ ଆପଣଙ୍କୁ ସାହାଯ୍ୟ କରିବୁ।

ଆଶିଷ   କ'ଣ ମୋ ସହିତ ପ୍ରତିଶ୍ରୁତି ବଦ୍ଧ ହୋଇପାରିବ ?

ବିକ୍ରମ ଓ
ଶ୍ୟାମଳେନ୍ଦୁ :   ପ୍ରୋମିଜ୍।

Digitized by srujanika@gmail.com

ଆଶିଷ　　କ'ଣ ରକ୍ତ ପାଇଁ ରକ୍ତ ଆଉ ଛୁରୀ ପାଇଁ ଛୁରୀ ଉଠାଇ ପାରିବ ?

ବିକ୍ରମ ଓ
ଶ୍ୟାମଳେନ୍ଦୁ :　　ତା' ପାଇଁ ବି ପ୍ରମିଜ୍ !

ଆଷିଷ　　କିନ୍ତୁ

ଶ୍ୟାମଳେନ୍ଦୁ :　　କିନ୍ତୁ... କିନ୍ତୁ କ'ଣ ?

ଆଶିଷ　　କିନ୍ତୁ ମନ ପାଇଁ ପର ନାରୀ ନୁହେଁ। ଧର୍ଷଣ ପାଇଁ କଷଣ ନୁହେଁ। ଓ୍ୱାନ୍‌ସ୍ ମୋର ପୋମିଜ୍ ଦେଇପାରିବ ?

ବିକ୍ରମ,
ଶ୍ୟାମଳେନ୍ଦୁ :　　ଥାଉଜାଣ୍ଡସ୍ ପ୍ରୋମିଜ୍।

ଆଶିଷ　　ଠିକ୍ ଅଛି। ଆପଣମାନେ ଏବେ ଆସନ୍ତୁ। ମୁଁ ପରିସ୍ଥିତିକୁ ଅନୁଧ୍ୟାନ କରି ତୁମ୍ଭକୁ କିଛି ଜଣାଇପାରେ। (ବିକ୍ରମ ଓ ଶ୍ୟାମଳେନ୍ଦୁଙ୍କ ପ୍ରସ୍ଥାନ। ସେମାନଙ୍କ ଗତିପଥକୁ ଚାହିଁ ରହିଛନ୍ତି ଆଶିଷ। ପ୍ରବେଶ କରିଛନ୍ତି ରୁନି)

ଆଶିଷ　　ତୁମେ ଏଠି କାହିଁକି ରୁନି ? ତୁମେ କ'ଣ ଏକା ଏଠିକି ଆସିଛ ?

ରୁନି　　ମୁଁ ଏକା ଆସିଛି ସାର୍।

ଆଶିଷ　　ତେବେ କାହିଁକି ?

ରୁନି　　ଆପଣ କ'ଣ ମୋତେ ପଢ଼େଇବାକୁ ଯିବେନି ସାର୍ ?

ଆଶିଷ　　ତୁମେ ଠିକ୍ ବୁଝିଛ। ହେଲେ, ତୁମେ ଏଠିକି ଆସିଛ ବୋଲି ଯଦି ବିଜୟ କି ବିଶ୍ରାନ୍ତ ଜାଣନ୍ତି.... ?

ରୁନି　　ବିଶ୍ରାନ୍ତ ଭାଇ ଦେଖିଛନ୍ତି, ସାର୍।

ଆଶିଷ　　କ'ଣ ମୋ' ଘରକୁ ଆସିବାର ଦେଖିଛି ?

ରୁନି　　ନା', ପଚାରିଲେ - ତୁ' ରାତିରେ ଏକା କୁଆଡ଼େ ? ମୁଁ କହିଲି - ଇଲା ଘରକୁ ବହିପାଇଁ ଯାଉଛି। ତା'ପରେ ସେ ଛିଡ଼ାହୋଇ କ'ଣ ଗୋଟେ ଭାବିଲେ, କିଛି ବାଟ ମୋ ପଛେ ପଛେ ଆସି ପୁଣି ଫେରିଗଲେ।

ଆଶିଷ　　ତୁମେ ଆସି ଭୁଲ କରିଛ ରୁନି।

ରୁନି　　ଭୁଲ କରିଛି କି ଠିକ୍ କରିଛି, ମୁଁ ନିଜେ କହିପାରିବି ନାହିଁ ସାର୍। ମୁଁ କିନ୍ତୁ....

Digitized by srujanika@gmail.com

ଆଶିଷ   କ'ଣ ହେଲା ?

ରୁନି   ଆପଣଙ୍କୁ...... ଛାଡ଼ିପାରିବିନି କି ଭୁଲି ପାରିବିନି ସାର୍। ଆପଣ ମୋତେ ପଢ଼େଇବେ।

ଆଶିଷ   ରୁନି, ତୁମେ ପାଗଳୀ ନା' କ'ଣ ?

ରୁନି   ଆପଣ ବୁଝିପାରିବେ ନାହିଁ ସାର୍। ଆପଣ ମୋ ପାଇଁ ଭିନ୍ନ ବ୍ୟକ୍ତି ନୁହଁନ୍ତି।

ଆଶିଷ   ତୁମଠାରୁ ଏମିତି ଶବ୍ଦ ମୁଁ ମୋଟେ ଆଶା କରିନଥିଲି ରୁନି। ଏକଥା ଏତିକିରେ ବନ୍ଦ କର। ତୁମେ ମୋତେ ବିଭ୍ରାନ୍ତ କରନାହିଁ। ଏଠୁ ଚାଲିଯାଅ। ମୁଁ ତୁମ ସାର୍। ଆମ ସମ୍ପର୍କ....।

ରୁନି   ଭଲ ପାଇବାର ସମ୍ପର୍କ ପୁରୁଷ ଅପେକ୍ଷା ନାରୀର ଅଧିକ ସାର୍। ଆପଣ ଏକଥା ବୁଝିପାରିବେ ନାହିଁ। ତା' ମନର ଭାବ, ଏ ସାମାଜିକ କଟକଣା ଭିତରେ ସଦାବେଳେ ଚାପି ହୋଇ ରହିଥାଏ। କିନ୍ତୁ ମନ କଥା ପ୍ରକାଶ ନିମନ୍ତେ ଉବୁଗୁ ଚୁବୁଗୁ ହଉଥାଏ। ଆପଣ ଏକଥା ବୁଝି ପାରିବେ ନାହିଁ ସାର୍।

ଆଶିଷ   ତୁମେ ଏସବୁ କ'ଣ କହୁଛ ?

ରୁନି   ଗୀତା ଠିକ୍ ବୁଝିଥିଲା ସାର୍। ମାତ୍ର ପରିସ୍ଥିତିକୁ ଚାଲେଞ୍ଜ୍ କରିପାରିଲାନି ବୋଲି, ହାରିଗଲା। କିନ୍ତୁ ମୁଁ ନୁହେଁ।

ଆଶିଷ   ରୁନି।

ରୁନି   ଆପଣ ଥରଟିଏ ଖାଲି କହିଦିଅନ୍ତୁ ନା' ସାର୍ ଯେ ମୁଁ ଆପଣଙ୍କ ପସନ୍ଦରେ ଅଛି।

ଅଶିଷ   ମୁଁ ପାରିବିନି ରୁନି। ମୁଁ ଆଦୌ ପାରିବିନି। ଦୟାକରି ତୁମେ ଚାଲିଯାଅ।

ରୁନି   ଆପଣ ପାରିବେନି ସାର୍ ? କାହିଁକି ପାରିବେନି ? କ'ଣ ଗୁରୁଶିଷ୍ୟା ସଂପର୍କରେ ଅସମ୍ଭବ ବୋଲି ଭାବୁଛନ୍ତି ? ସ୍ୱାମୀ ବି ତ' ଗୁରୁ ନା' ? ପ୍ରକୃତି, ପୁରୁଷ ଓ ପ୍ରବୃତ୍ତି ପାଖରେ ଅସମ୍ଭବ କ'ଣ ସାର୍ ? ଏ ପ୍ରେମ ମୋ ତରଫରୁ ଅସତ୍ୟ ନୁହେଁ। ଦେହର ବାସ୍ନାରେ ସାମୟିକ ସୁଖପାଇଁ ମୁଁ ଆପଣଙ୍କ ପଛରେ ଦୌଡ଼ି ନାହିଁ ସାର୍। ଆପଣଙ୍କୁ ନେଇ ସୁନ୍ଦର ନୀଡ଼ଟିଏ ରଚିବାର ସ୍ୱପ୍ନ ମୁଁ

Digitized by srujanika@gmail.com

	ଦେଖୁଛି ! ଆପଣ କେବଳ କହିଦିଅନ୍ତୁ ନା' – ରୁନି, ମୁଁ ତୋତେ ପସନ୍ଦ କରେ ।
ଆଶିଷ	ନା' ରୁନି ।
ରୁନି	ଥରୁଟିଏ କହିଦିଅନ୍ତୁ ସାର୍ ?
ଆଶିଷ	ଓଃ । ତୁମେ ଗଲ ରୁନି ।
ରୁନି	ମୁଁ କିନ୍ତୁ ଶେଷ ପର୍ଯ୍ୟନ୍ତ ପ୍ରତୀକ୍ଷା କରିଛି ସାର୍ ।
ଆଶିଷ	ନିଜ ଗଳାକୁ ବିପଦର ଦଉଡ଼ି ଟାଣି ଆଣନାହିଁ ରୁନି ।
ରୁନି	ବିପଦ ତ ଆମ ଗଳାକୁ ତିଆରି ହେଉଛି ସାର୍ । ବିଶ୍ରାନ୍ତ ଭାଇ ବି ମୋ ପଛରେ ଦୌଡୁଛନ୍ତି, ଆଉ ଆପଣଙ୍କ ବିରୁଦ୍ଧରେ ଭାଇଙ୍କ ସହିତ ନାନା ମନ୍ତ୍ରଣା ଚଳାଇଛନ୍ତି ।
ଆଶିଷ	ତା'ମାନେ ?
ରୁନି	ଆପଣ ସତର୍କ ରୁହନ୍ତୁ ସାର୍ ? ମୁଁ ମୋର ଶେଷ ବିନ୍ଦୁ.... ।
ଆଶିଷ	ରୁନି !
ରୁନି	ରୁନିର କୌଣସି ପୃଷ୍ଠା ଆପଣ ପଢ଼ିନାହାଁନ୍ତି ସାର୍ । ମାତ୍ର ମଲା ବହିର କେତୋଟି ପୃଷ୍ଠା ପଢ଼ାଇଛନ୍ତି । ଏବେ ଟିକିଏ ପଢ଼ିବାକୁ ଚେଷ୍ଟା କରନ୍ତୁ ।
ଆଶିଷ	ବନ୍ଦକର ଏଗୁଡ଼ାକ ରୁନି ।
ରୁନି	ବନ୍ଦ ହେବ ନାହିଁ ସାର୍ । ଗୀତା ଯଦି ଏଇ ଜଗତରେ ଥାଏ, ଦେଖିବେ, ତା' ପ୍ରତି ହୋଇଥିବା ଅସଦାଚରଣର ପ୍ରତିଶୋଧ ରୁନି ହିଁ ନେବ । ଆଉ ନାରୀର ଭଲପାଇବାକୁ, ଯେ ଛଳନାରେ ଅବମାନନା କରିଛି, ତାକୁ ନର୍କକୁ ଠେଲିଛି, ତାକୁ କେବଳ ସେଇ ନାରୀହିଁ ଶିକ୍ଷା ଦେବ । ଭଲ ପାଇବାର ମଞ୍ଚରେ ସେ କେବଳ ଅଭିନେତ୍ରୀ ନୁହେଁ, ସେ ବି ଗୋଟିଏ ଦୁର୍ଗା ହୋଇପାରେ । ମୁଁ ଏ ସ୍ୱାର୍ଥପର ସମାଜକୁ ଘୃଣା କରେ ।
ଆଶିଷ	ରୁନି !
ରୁନି	ଆପଣ ନିଜକୁ ସତର୍କ ରଖନ୍ତୁ ସାର୍ । ଆଉ ଦେଖିବେ, ରୁନିର ପଥ କେହି ବି ଜଣେ ରୋକି ପାରିବେ ନାହିଁ । କାହାର କାୟା ପାଇଁ ସେ କେବଳ ଛାୟା ନୁହେଁ, ତା' ଛାଇତଳେ, କାହାର କାୟାକୁ ବି

Digitized by srujanika@gmail.com

ଲୁଚାଇ ଦେଇପାରେ। ମାତ୍ର ଲୁଚିଯିବ ନାହିଁ କି ଅଶ୍ଳୀଳତାକୁ କ୍ଷମା ଦେଇପାରିବ ନାହିଁ।

ଆଶିଷ — ରୁନି।

ରୁନି — ମୁଁ ଯାଉଛି ସାର୍। ଆପଣ ନ କହିଲେ ବି, ରୁନି ପାଇଁ ଆପଣ ଦିନେ ନିଶ୍ଚୟ ବ୍ୟସ୍ତ ହେବେ, ତାକୁ ଲୋଡ଼ିବେ, ଖୋଜିବେ। ହୁଏତ ସେତେବେଳେ ରୁନି ଆପଣଙ୍କ ପାଇଁ ଥାଇପାରେ, ନଥାଇପାରେ ବି, ମୁଁ ଏକଥା ଭଲ କି ଜାଣେ।

ଆଶିଷ — ରୁନି....। (ରୁନିର ପ୍ରସ୍ଥାନ)

<u>ଯବନିକା</u>

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

(କବି ନିର୍ବିଶ ତାଙ୍କ ଶୟନକକ୍ଷରେ ଶୟନରତ। ଅନ୍ଧାର ମଧ୍ୟରେ ଦଳକାଏ ଆଲୋକରେ ସର୍ବାଙ୍ଗ ଉଦ୍‌ଭାସିତ। ତା'ପରେ ଆଲୋକ ଅପସରି ଯାଇ ଆସ୍ତେ ଆସ୍ତେ ଘନ ଅନ୍ଧକାର। ଶୁଣାଯାଇଛି ଗୋଟିଏ ଦୁଃଖଦ ଆତ୍ମାର ସଙ୍ଗୀତର ମୂର୍ଚ୍ଛନା: ତୁମେ ଜାଣନା... ଜାଣନା .... ଜାଣନା.... ତୁମେ ଲାଗି ଯାଗେ ଯେତେ ବାସନ.....। କ୍ରମଶଃ ସଙ୍ଗୀତର ସ୍ୱର ଥମିଆସେ। ତା'ପରେ ଅନତି ଦୂରରେ ଶୁଭ୍ରବସ୍ତ୍ର ପରିହିତା ଆଲୁଳାୟିତା କେଶା ଏକ ନାରୀର ଛବି ଦୃଷ୍ଟିଗୋଚର ହୁଏ। ବିଷଣ୍ଣ ବଦନ। ନିର୍ବିଶଙ୍କ ଆଡ଼କୁ କ୍ରମଶଃ ମନ୍ଥର ଗତିରେ ପ୍ରବେଶ। ସ୍ପଟ୍ ଲାଇଟ୍‌ରେ ମୃଦୁ ପଦକ୍ଷେପ। .... ନିର୍ବିଶଙ୍କ ଶଯ୍ୟା ପାଖରେ ଶୁଭ୍ରବସ୍ତ୍ରାଙ୍କ ଦଣ୍ଡାୟମାନ। ନିର୍ବିଶଙ୍କ ଆପାଦମସ୍ତକକୁ ଏକ ଦୃଷ୍ଟିପାତ୍। ଆଶ୍ୱାସନରା ମୁକ୍ତ ହସ୍ତ। ତା'ପରେ ଶଯ୍ୟାପାଖରେ ଆସୀନ, କବିଙ୍କ ଆପାଦ ମସ୍ତକରେ ମୃଦୁ ହସ୍ତ ଚାଳନା। କେଇ ମୁହୂର୍ତ୍ତ ପାଇଁ ତାଙ୍କ ବକ୍ଷ ଉପରେ ଲୁଚି ଯିବାର ଚେଷ୍ଟା। ପୁନଶ୍ଚ ଦଣ୍ଡାୟମାନ। ପୁନଶ୍ଚ ଦୃଷ୍ଟିପାତ୍। ସେଇ ଆଶ୍ୱାସନାର ହସ୍ତ। ପ୍ରତ୍ୟାବର୍ତ୍ତନ। ଅନ୍ଧକାର ମଧ୍ୟରେ ପୁଣି ଅପସରି ଯିବା ଅନତି ଦୂରରେ। ପୁନଶ୍ଚ ଦୁଃଖଦ ଯନ୍ତ୍ରଣାର ଏକ ମୂର୍ଚ୍ଛନାର ସ୍ୱର। ତା'ପରେ ଅନ୍ତରାଳରୁ ଚିତ୍କାର – ନା' ନା', ମୋତେ ଛାଡ଼। ମୁଁ ତୁମ ହାତ ଧରୁଛି; ତୁମ ଗୋଡ଼ ଧରୁଛି। ... ଓଃହ ଭଗବାନ, ମୋତେ ରକ୍ଷା କର। ନା' ନା' ମୋତେ ଛୁଅଁନା। ମୋତେ ମାରିଦିଅ ପଛେ ଛୁଅନା'। ହେ ଭଗବାନ ଏମାନେ କେଡ଼େ ନିଷ୍ଠୁର... ନିର୍ବିଶ.... ତୁମେ ପାରିଲନି ନିର୍ବିଶ.... ତୁମେ ପାରିଲନି... ଓଃ ... ନିର୍ବିଶ... ମା'...... ଆଃ.....। (କିଛି ସମୟ ଉତ୍ତାରୁ କିଛି ଆଲୋକର ଶିଖା ଉଦ୍‌ଭାସିତ ହୁଏ ନିର୍ବିଶଙ୍କ ନିଦ୍ରାଗତ ବକ୍ଷ ଉପରେ। ପୁନଶ୍ଚ ଅନ୍ତରାଳରୁ। ଆଃ କ'ଣ କଲ.... କ'ଣ

Digitized by srujanika@gmail.com

କଲ.... ନା'.... ନା'.... ମୁଁ ତୁମକୁ ଛାଡ଼ିବିନି। ମୋର ତୁମେ ସବୁ ନେଇଛ। ମୁଁ ତମକୁ ଛାଡ଼ିବିନି। ମୋ ସତୀତ୍ୱର ପରାକାଷ୍ଠାରେ ତୁମେ କଳଙ୍କ ଆଣିଛ। ମୁଁ ଏ ସମାଜକୁ ଜାଳିଦେବି। କ'ଣ କଲ ତୁମ୍ଭେମାନେ ଆଃ.... ମା'..... ନିର୍ବିଶ.... । ତା'ପରେ ହଠାତ୍ ଏକ ଉଚ୍ଚ ଆଓ୍ୱାଜ !) (ନିର୍ବିଶ ନିଦ୍ରାରୁ ଉଠି ଚିତ୍କାର କରିଛନ୍ତି।)

ନିର୍ବିଶ – ଗୀତା.... ! (ପୁନଶ୍ଚ ନାରୀମୂର୍ତ୍ତିର କ୍ଷଣିକ ଉପସ୍ଥିତି ଏବଂ ପରେ ଅଦୃଶ୍ୟ। ନିର୍ବିଶ ଚିତ୍କାର ସହ ଦୌଡ଼ିଛନ୍ତି ସେହିଆଡ଼େ।)

ନିର୍ବିଶ ଗୀତା... ! ଗୀତା... ! ! (ପ୍ରବେଶ କରିଛି ସୂର୍ଯ୍ୟମଣି)

ସୂର୍ଯ୍ୟମଣି କ'ଣ ହେଲା... କ'ଣ ହେଲା ? କାହିଁକି ଏମିତି ଚିତ୍କାର କଲ ତୁମେ ? (ନିର୍ବିଶ ସେହି ଅଦୃଶ୍ୟ ମୂର୍ତ୍ତି ଦିଗକୁ ଚାହିଁଛନ୍ତି ଏବଂ ସୂର୍ଯ୍ୟମଣି ହାତଧରି ଟାଣୁ ଟାଣୁ... ।)

ସୂର୍ଯ୍ୟମଣି ତୁମେ ଆସିଲ ? ଆସ। କ'ଣ ହୋଇଛି ତୁମର ? ନାଇଁ କ'ଣ ହେଲା ଯେ ? କ'ଣ ସ୍ୱପ୍ନ ଦେଖିଲ ? (ପ୍ରବେଶ କରିଛନ୍ତି ଗୀତା। ଏକପାଖିଆକି ଚୁପ୍‌ଚାପ୍ ଦଣ୍ଡାୟମାନ।)

ଗୀତା ଏମିତି କାହିଁକି ଚିତ୍କାର କରି ଉଠିଲେ କବି ? କ'ଣ ହୋଇଛି ତାଙ୍କର ?

ସୂର୍ଯ୍ୟମଣି କ'ଣ ହେବ ତାଙ୍କର ? ସେଇ ଗୀତା ତ ! ତାକୁ ସ୍ୱପ୍ନ ଦେଖି ଥିବେ ! ସଦାବେଳେ ତାକୁଇ ସ୍ୱପ୍ନ ଦେଖି ଏମିତି କ'ଣ ଗୁଡ଼ାଏ ନଣ୍ଡସଣ୍ଡ ହେଉଛନ୍ତି। ବିଳିବିଳେଇକି ଚିହିଁକି ଉଠୁଛନ୍ତି। ଆଉ କ'ଣ ହେବ ?

ଗୀତା ଗୀତା !

ସୂର୍ଯ୍ୟମଣି ଏମିତି ପରା କେତେଥର ହେଲେଣି। ମୁଁ କହିଲି, ମାଗା ଅଜାଙ୍କଠୁ ଡ଼େଉଁରିଆ ଆଣିବା। ଏମିତି କେତେ ନଣ୍ଡସଣ୍ଡ ହେବ। ସେ ଡ଼େଉଁରିଆ ବାନ୍ଧିଦେଲେ ଆଉ ମୋଟେ ସ୍ୱପ୍ନ ଦେଖିବନି। ସିଏ କ'ଣ ଶୁଣୁଛନ୍ତି ? ଏପଟେ ଏତେ ନଣ୍ଡସଣ୍ଡ ହେଉଛନ୍ତି ପଛେ, କହୁଛନ୍ତି ନା' କ'ଣ, ଥାଉ।

ନିର୍ବିଶ୍ ସୂର୍ଯ୍ୟମଣି ?

Digitized by srujanika@gmail.com

ସୂର୍ଯ୍ୟମଣି — ମଲା, କହିବିନି କାହିଁକି ମ ? କ'ଣ ଭଲ ପାଇବ ବୋଲି ରାତି ଶୁଆଇ ଦେବନି ନା' କ'ଣ ମ ?

ନିର୍ବିଶ୍ — ସୂର୍ଯ୍ୟମଣି ?

ସୂର୍ଯ୍ୟମଣି — ଥାଉ, ମୁଁ ଆଜି ଯାଇ ମାଗା ଅଜାଙ୍କଠୁ ଡ଼େଉଁରିଆ ଆଣିବି। ମଲା ମଲା, କୋଉ ଦୁବ ବରକୋଳିପତ୍ର ପଡ଼ିଛି ଯେ ? କିଲୋ ତମକୁ ଯିଏ ମାରିଲା, ତାକୁ ଡରାଉନ। ତମ ମଲା ଉତାରୁ ଯାଙ୍କଠି କିଆଁ ରାଣ ଦେଲାପରି ଲାଗିଛ ମ' ?

ନିର୍ବିଶ୍ — ସୂର୍ଯ୍ୟମଣି !

ସୂର୍ଯ୍ୟମଣି — କାହିଁକି ପାଟି କରୁଛମ' ରାତିଟାରେ। ସବୁକଥାକୁ ତ ତମର ଏ ନଣ୍ଡସଣ୍ଡ ଗଲାନି।

ଗୀତା — ରୀତା, କିଏସେ ସୂର୍ଯ୍ୟମଣି ?

ନିର୍ବିଶ୍ — (ଗୀତାଙ୍କୁ ଦେଖି) ତମେ ଉଠି ଆସିଛ ପରା ଗୀତା । ସେ ସବୁ କିଛି ନୁହେଁ। ତୁମେ ଯାଅ ଶୋଇବ। ଇଏ ଗୋଟିଏ ଦୁଃସ୍ୱପ୍ନ।

ସୂର୍ଯ୍ୟମଣି — କିଛି ନୁହେଁ କ'ଣ ମ ? ସିଏତ ଏମିତି ବାରମ୍ବାର ତମ ଦେହରେ ପ୍ରକାଶୁଛି ! ସେଇଥିଲାଗି ମୁଁ ପରା କୁହେ - କାଳି କୋଉଠି ହେଉପଛେ, ରଘୁମାଷ୍ଟ୍ର ଝିଅଟାକୁ ଛନ୍ଦି ହୋଇଯାଅ। ସିଏ ଆଉ ଲୋଭେଇବନି। ତୁମ ଦେହ କୀଳି ହୋଇଯିବ। ତମେ କ'ଣ ଶୁଣଛ ? କ'ଣ ନା', ମୁଁ ବାହା ହେବିନି। ଇଏ କଥାରେ କୁହନ୍ତିନି, ମୁଁ ବାଚଲର ରହିବି। ପୁଣି କ'ଣ ନା, ରୀତା ସ୍ମୃତିରେ ! ସ୍ମୃତିରେ, ନା' ଛେନା ଗୁଡରେ !

ଗୀତା — ସୂର୍ଯ୍ୟମଣି !

ସୂର୍ଯ୍ୟମଣି — ମୁଁ ସତ କହୁଛି ଦେଈ, ରୀତାବୋଲି ଝିଅଟିଏ। ଦି' ଗଳି ଛାଡ଼ି ତା'ର ଘର। କେଉଁଠି ମନେମନେ ଯାଙ୍କୁ ସିଏ ଭାରି ଭଲ ପାଉଥିଲା ! ହେଲେ ଆଜିକାଲିକା କଥାତ ଜାଣୁଛ ? ଇଏ ଖବର କାଗଜ ପଢୁଛଟି ?

ନିର୍ବିଶ୍ — ସୂର୍ଯ୍ୟମଣି।

Digitized by srujanika@gmail.com

ସୂର୍ଯ୍ୟମଣି	କେମିତି ସବୁ ସାରି ଦେଇ ତଣ୍ଟିଚିପି ରାସ୍ତାକଡ଼ରେ ଶୁଆଇ ଦେଉଛନ୍ତି ? କହନ୍ତିନି କ'ଣ ରେପ୍ ଆଣ୍ଡ ମର୍ଡ଼ର ? ସେମିତି ତାକୁ କିଏ ତଣ୍ଟି ଚିପି ଶୁଆଇଦେଲା ।

ଗୀତା	ସୂର୍ଯ୍ୟମଣି !

ସୂର୍ଯ୍ୟମଣି	ହଁ ଦେଈ ! ହେଲେ, ତା' ପ୍ରେତାତ୍ମାଟା... ।

ନିବିଶ୍	ସୂର୍ଯ୍ୟମଣି !

ସୂର୍ଯ୍ୟମଣି	ୟାଙ୍କୁ କ'ଣ କମ୍ ନଣ୍ଡସଣ୍ଡ କଲାଣି !

ନିବିଶ୍	ତୁମେ ଗଲ ସୂର୍ଯ୍ୟମଣି । ମୁଁ ଟିକିଏ ଶୁଏ ।

ସୂର୍ଯ୍ୟମଣି	ତୁମେ କ'ଣ ଏକା ଶୋଇବ । ନାଇଁ ମୁଁ ଆଜି ଏଇଠି ଶୋଇବି । ପୁଣି କ'ଣ ବାଉଳିବ ଯେ ସେପଟେ ଦେଈ ଚମକିବେ ।

ନିବିଶ୍	ତୁମେ ଡରିଲକି ଗୀତା ? ନାଇଁ ମ', ଡରିବାର କିଛି ନାହିଁ । ଯାଅ ଶୋଇବ ଯାଅ ।

ସୂର୍ଯ୍ୟମଣି	ତମେ କ'ଣ ସତରେ ଡରିଲକି ଦେଈ ।

ଗୀତା	(ଅନ୍ୟମନସ୍କ ଭାବେ) ଏଁ କ'ଣ କହିଲ ?

ସୂର୍ଯ୍ୟମଣି	ଡରିଲେ ନା' କ'ଣ ? ମୁଁ ଜାଣେ ପରା, ଇଏ ସମସ୍ତଙ୍କୁ ଭେରିଗୁଡ୍‌ରୁ ନଣ୍ଡସଣ୍ଡ କରିଦେବେ । ଚାଲିଲ ଦେଈ, ମୁଁ ଆଜି ତୁମକୁ ଜଗି ପାଖରେ ଶୋଇବି ।

ଗୀତା	ନା'.... । (ହଠାତ୍ ଗୀତା ପଡ଼ିଯିବାର ଅଭିନୟ କରିବା ଏବଂ ବସିପଡ଼ି ଆକ୍ତାମାକ୍ତା ଅନୁଭବ କରିବା ।)

ନିବିଶ୍	ଗୀତା, କ'ଣ ହୋଇଛି ?

ସୂର୍ଯ୍ୟମଣି	ଏମିତି ପରା ଆଠ ଦଶଦିନ ହେବ ଆଲଜିଆ ହେଉଛନ୍ତି ! କୋଉ ଖିଆ ପିଆ ଅଛିକି ? ତୁମେ ସେଗୁଡ଼ାକ କ'ଣ ଜାଣୁଛ ?

ନିବିଶ୍	ମୋତେ ତା'ହେଲେ କହି ନାହଁ କାହିଁକି ?

Digitized by srujanika@gmail.com

ସୂର୍ଯ୍ୟମଣି ତୁମକୁ ଯୋଉ ସମୟ... ଛାଡ଼ ଛାଡ଼। ଖାଲି ତ ସଦାବେଳେ ଇଆଡ଼େ ଡ଼ିଆଡ଼େ ନଣ୍ଡସଣ୍ଡ। ଆଉ କହିବି କେତେବେଳେ? ଫେରେ ତ ସେଥିକୁ ଦେଈଙ୍କର ରାଣ ନିୟମ। କ'ଣ ନା' କହନା।

ନିବିଶ୍ କ'ଣ ହୋଇଛି ଗୀତା। (ଗୀତା କାନ୍ଦି ଉଠିଲା) ତୁମେ ଗଲ ସୂର୍ଯ୍ୟମଣି। ମୁଁ କ'ଣ ହୋଇଛି ବୁଝେ।

ସୂର୍ଯ୍ୟମଣି ତୁମେ ଯୋଉ ନେଫେଡ଼ା ବୁଝିବନା ନଣ୍ଡସଣ୍ଡ, ମୁଁ ଜାଣିଛି, ମୁଁ ଭାବୁଛି....।

ନିବିଶ୍ କ'ଣ ଭାବୁଛ ?

ସୂର୍ଯ୍ୟମଣି ଦେଈଙ୍କଠି ସିଏ ପ୍ରବେଶିଲାଣି ନା' କ'ଣ ?

ନିବିଶ୍ ତୁମେ ଗଲ ଏଠୁ ?

ସୂର୍ଯ୍ୟମଣି ମୁଁ ଯାଆନ୍ତିନିକି ? ଆସିଲ ଦେଈ, ମୁଁ ତୁମକୁ ଜଗିକି ଶୋଇବି। କହିଲ ଭଲା, ଏଥିରେ ମୁଁ କାହା କଥା ବୁଝିବି ? ଏ ନଣ୍ଡସଣ୍ଡଙ୍କ କଥା, ନା' ମୋ ଦେଈଙ୍କ କଥା। ଏଇ କାନୀରେ ଗଣ୍ଠି ପକେଇ କହୁଛି, କାଲି ଯଦି ଗୁଣିଆ ଡାକି ଏ ଘର ମୁଁ ନ କୀଳିଛି,ମୋ ନା' ସୂର୍ଯ୍ୟମଣି ନୁହଁ। ଭଲାରେ ଭଲା, କେତେ ବହପ ମ, ସେଇ ମାଇକିନା ଚୋକୀଟାର। (ଗୀତାଙ୍କୁ ଟାଣି) ଆସିଲ ଦେଈ, ସିଏ କ'ଣ କରୁଛନ୍ତି କରୁଥା'ନ୍ତୁ। (ଗୀତା ଆଉ ସୂର୍ଯ୍ୟମଣି ପ୍ରସ୍ଥାନ, ସିଆଡ଼କୁ ଚାହିଁ ରହିଥିଲେ ନିବିଶ୍।)

ଯବନିକା

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

(ପଥପ୍ରାନ୍ତ । ରାସ୍ତାକଡ଼ରେ ବସିଛନ୍ତି ସି.ଆଇ.ଡ଼ି. ଇନସ୍‌ପେକ୍ଟର ବି.କେ. ଶର୍ମା। ପାଗଳର ଅଭିନୟ। ନାଁ ଗେଣ୍ଡାଗୁଡ଼। ବୟସ ୫୦ ସରିକି। ... କିଛି ସମୟ ଉତାରୁ।)

ଗେଣ୍ଡାଗୁଡ଼ — ଗେଣ୍ଡୁଗୁଡ଼, ଶଳାଟା କହୁଛି ଆକାଶରୁ ତାରା ତୋଳିଦେବ। ହିଃ ହିଃ ହିଃ.... କହିଲା କି ଘରୁ ଭିଡ଼ି ଆଣିବ। ହିଃ ହିଃ ହିଃ, ଆଣୁନୁ... ନାଇଁ ଆଣୁନୁ..., ଗୋଗଛ ବାଡ଼ିଆଟେ ହେଲେ, ସେଇଠୁ ଗେଣ୍ଡାଗୁଡ଼... ମଜା ନିକିଲି ଯିବ! ଯା... ଯା ... ମାମୁଁ ଘର ଯା'...। ପେଲେ ଘଣା। ଘଣା ପେଲେ। ପେଲୁଥା ପୁଅ, ପେଲୁଥା ଘଣା। ଗେଣ୍ଡାଗୁଡ଼ କେଡ଼େ ନାଲିଆଖି ଦେଖେଉଛି ମ'। ଗେଣ୍ଡାଗୁଡ଼, ମାଇଲା ଧୁସୁମ୍ ଧୁସୁମ୍... ତୁସ୍ ତୁସ୍...। .... ହିଃ ହିଃ ହିଃ. ଛୁରୀ, ଗେଣ୍ଡଗୁଡ଼, ପେଲିଦିଏ ଛୁରୀ। ଦେ ପେଲିଦିଏ। (କଲେଜ ବହିପତ୍ର ଧରି ରୁନିର ପ୍ରବେଶ)

ରୁନି — କ'ଣ ହୋଇଛି ଗେଣ୍ଡାଗୁଡ଼, ଆଜି ଖାଲି ଛୁରୀ ପେଲିଦେଉଛ? କାହାକୁ ଏମିତି ଛୁରୀ ପେଲୁଛ ମ?

ଗେଣ୍ଡଗୁଡ଼ — ଗେଣ୍ଡାଗୁଡ଼, ତାକୁ, ଯାକୁ, ତୁମକୁ, ମୋତେ ଫସ୍... ହିଃ ହିଃ।

Digitized by srujanika@gmail.com

ରୁନି ତୁମେ ସିଆଡ଼କୁ ଗଲ ଗେଣ୍ଡାଗୁଡ଼ । ମୋତେ ଭାରି ଡର ମାଡୁଛି ।

ଗେଣ୍ଡାଗୁଡ଼ : ତା' ହେଲେ ଥାଉ ଥାଉ । ହଉ, ହଉ, ହଉ । (ହାତ ପତେଇଲା । ରୁନି ଟଙ୍କାଟିଏ ବଢ଼େଇ ଦେଇଛନ୍ତି ଏବଂ ଏତିକି ବେଳେ ପଛରୁ ପ୍ରବେଶ କରିଛନ୍ତି ବିଶ୍ରାନ୍ତ)

ଗେଣ୍ଡାଗୁଡ଼ ଗେଣ୍ଡାଗୁଡ଼, ତମେ ଆସିଗଲ । ଭଲ କଲ ଗେଣ୍ଡାଗୁଡ଼ ଭଲ କଲ.. ହିଃ .. ହିଃ । (ହାତ ପତେଇବା)

ବିଶ୍ରାନ୍ତ ଆଜି କିଛି ନାହିଁ ।

ଗେଣ୍ଡାଗୁଡ଼ ହିଃ ହିଃ । (ଏବଂ ପୂର୍ବପରି ହାତ ବଢ଼େଇବା)

ବିଶ୍ରାନ୍ତ ନାହିଁ ପରା ।

ଗେଣ୍ଡାଗୁଡ଼ ନାଇଁ.. ନାଇଁ.. ? ହେଲା... ହେଲା ଗେଣ୍ଡାଗୁଡ଼ ହେଲା... । (ବସିପଡ଼ି ପଇସା ଗଣିବା ଏବଂ ରୁନି ଚାଲିଯିବାକୁ ଉଦ୍ୟତ ।)

ବିଶ୍ରାନ୍ତ (ପଛରୁ), ରୁନି

ରୁନି କ'ଣ ମୋତେ କହୁଛ ?

ବିଶ୍ରାନ୍ତ ହଁ, ହଁ ତୋତେ କହୁଛି ।

ରୁନି କାହିଁକି ? କହିବାକୁ କ'ଣ ଘରେ ଯାଗା ନଥିଲା । ଏ କଲେଜ ରାସ୍ତାରେ କାହିଁକି ?

ବିଶ୍ରାନ୍ତ କ'ଣ ପ୍ରଳୟ ହୋଇଗଲା ସେଇଠୁ ? କ'ଣଟା ଅଶୁଦ୍ଧି ହୋଇଗଲା ?

ରୁନି ପ୍ରଳୟ... ଅଶୁଦ୍ଧି, ଏସବୁ ତୁମେ କାହାକୁ କହୁଛ ? କ'ଣ ପାଇଁ କହୁଛ ?

ବିଶ୍ରାନ୍ତ ତୋତେ କହୁଛି । ଆଉ କାହାକୁ କହିବି ? ଓଃ ଅଟକେଇ ଦେଲିନା ? ଆଗୁଆ ଟିକିଏ ଗଲେ, ସାର୍‌ଙ୍କ ସଙ୍ଗେ ଏକାନ୍ତରେ ଦେଖାହୋଇ ଆଳାପ ହେବ, ନୂହେଁ ?

Digitized by srujanika@gmail.com

ଗୁନି — ବିଶ୍ରାନ୍ତ ଭାଇ ! ତୁମର ସ୍ଥାନ, କାଳ ଏବଂ ପାତ୍ରର ଧାରାଣା ଅଛିତ ?

ବିଶ୍ରାନ୍ତ — ସେଇ ଧାରଣା ନଥିଲେ, ମୁଁ ତୋ ପିଛା କରିନଥାନ୍ତି ଗୁନି। ତୁ' ଭାବିଛୁ, ବିଲେଇ ଆଖି ବୁଜିବୁଜି ଦୁଧ ପିଉଛି କେହି ଦେଖିପାରୁନାହାଁନ୍ତି ?

ଗୁନି — ପ୍ରଶାନ୍ତ ଭାଇ। ତୁମେ କାହା ସମ୍ପର୍କରେ କ'ଣ କହୁଛ ?

ବିଶ୍ରାନ୍ତ — ସେଇ ତୋ'ରି ସାର୍‌ଙ୍କ ସମ୍ପର୍କରେ। ଆଉ ....।

ଗୁନି — ଆଉ.. ଆଉ କିଏ.... ?

ବିଶ୍ରାନ୍ତ — ଠିକ୍ ଅନୁମାନ କରୁଥିବୁ।

ଗୁନି — ବିଶ୍ରାନ୍ତ ଭାଇ।

ବିଶ୍ରାନ୍ତ — ହଁ ଡାକେ ଡାକେ ଭାଇ ବୋଲି ଡାକେ। ବେଳକୁ ଭାଇ... ଆଉ ବେଳକୁ ... ହାଃ ହାଃ... ଯେମିତ ସାର୍, ଆଉ ଠିକ୍‌ବେଳକୁ ...... ସେମିତି ଏ ବିଶ୍ରାନ୍ତ ଭାଇ।

ଗେଣ୍ଟାଗୁଡ଼ — ହିଃ ହିଃ .... ଗେଣ୍ଟାଗୁଡ଼ କହିଲା ଭାଇ.. ଭାଇ....।

ବିଶ୍ରାନ୍ତ — ଗେଣ୍ଟଗୁଡ଼ ?

ଗେଣ୍ଟାଗୁଡ଼ — ନାଇଁ... ନାଇଁ... ତୁସମ୍ ତୁସମ୍।

ବିଶ୍ରାନ୍ତ — (ହାତ ଉଠାଇ ମାରିବାକୁ ଉଦ୍ୟତ।) ଚୁପ୍‌କର। (ଗୁନି ବିଶ୍ରାନ୍ତ ହାତକୁ ଟାଣି ଆଣିଛି ଏବଂ ଗେଣ୍ଟାଗୁଡ଼ର ପ୍ରସ୍ଥାନ)

ବିଶ୍ରାନ୍ତ — ଏଇ ହାତ... ଏଇ ହାତ...।

ଗୁନି — ତୁମ ମୁଣ୍ଡ ଠିକ୍ ଅଛି ତ ବିଶ୍ରାନ୍ତ ଭାଇ।

ବିଶ୍ରାନ୍ତ — ମୋ ମୁଣ୍ଡ କଥା କହୁଛୁ ନା' ତୋ ମୁଣ୍ଡ କଥା କହୁଛୁ.... ? ହଁ ହଁ, ଏଇହାତ ଯେତିକି କଅଁଳିଆ ଦେଖୁଛୁ, ସେତିକି ଶକ୍ତ, ମଜ୍‌ବୁତ୍।

ଗୁନି — ବିଶ୍ରାନ୍ତ ଭାଇ, ତୁମେ ଏମିତି ପାଗଳ ପରି କ'ଣ ହେଉଛ ?

Digitized by srujanika@gmail.com

ବିଶ୍ରାନ୍ତ ତୁ ମୋତେ ପାଗଳ କରିଛୁ। କ'ଣ କହୁଛୁ? ମୁଁ ପଚାରୁଛି, ସେ ମାଷ୍ଟ୍ରପିଛା ଛାଡ଼ିବୁ, ନା' ନାହିଁ?

ରୁନି ତୁମେ ତା' ହେଲେ...?

ବିଶ୍ରାନ୍ତ ଠିକ୍ ବୁଝିଛୁ ରୁନି। ଏଣୁ ଅବିଳମ୍ବେ....।

ରୁନି ତୁମେ ଭଦ୍ରାମିର ସୀମା ଟପି ଯାଉନତ' ବିଶ୍ରାନ୍ତ ଭାଇ?

ବିଶ୍ରାନ୍ତ ଥାଉ। କହିଦିଏ - ସେ ମାଷ୍ଟ୍ରପିଛା ଛାଡ଼ିବୁ ନା', ନାହିଁ?

ରୁନି ତୁମେ ମୋର କିମ୍ୱା ମୋର ସାରଙ୍କର କିଛିବି କିରିପାରିବ ନାହିଁ।

ବିଶ୍ରାନ୍ତ କିଛି କରିପାରିବି ନାହିଁ। ଏଇଆ ତ'। ଠିକ୍ ଅଛି। ଦେଖିବା... ଦେଖିବା.... ।

ରୁନି କ'ଣ ଦେଖିବ?

ବିଶ୍ରାନ୍ତ ସମୟ ଅସୁଛି, ଦେଖୁଛି....... ଇଏ ବାଘୁଣୀଟା ଯନ୍ତାରେ ପଡୁଛି କି ନାହିଁ।

ରୁନି ବାଘୁଣୀ...? କୋଉ ବାଘୁଣୀ...?

ବିଶ୍ରାନ୍ତ କ'ଣ ସବୁ କଥା ଖୋଲିକି ବୁଝାଇବାକୁ ପଡ଼ିବ?
(ରୁନୀକୁ ନିର୍ଦ୍ଦେଶ କରି, ଏଇ ବାଘୁଣୀ, ଏଇ ବାଘୁଣୀ କଥା)

ରୁନି ବିଶ୍ରାନ୍ତ ଭାଇ?

ବିଶ୍ରାନ୍ତ ଚିଲ୍ଲା ନାହିଁ? ଚିଲ୍ଲାନାହିଁ ଏଡ଼େ ପାଟିରେ, ଚୁପ୍, ସବୁ ଚୁପ୍। ଠିକ୍ ମନେ ରଖିଥା କଥାଗୁଡ଼ାକ। ସେଥିପାଇଁ ବାଟଟା ପରିଷ୍କାର କରିଦେବାର ଅଛି।

ରୁନି ଆଜି କଲେଜ ବନ୍ଦ ହେଉ ପଛେ, ତମ ନେଇ ଆଜି ଭାଇଙ୍କ ସାଙ୍ଗେ କଥାବାର୍ତ୍ତା।

ବିଶ୍ରାନ୍ତ ଭାଇକୁ କହିବୁ? ନା', ସେ ଭୁଲ କରେନା। ତୋ ଭାଇ ଓ ମୁଁ,

Digitized by srujanika@gmail.com

ଆମେ ଏକା ଢ଼ାବା ଲୋକ, ଗୋଟେ ତୁଠରୁ ପାଣି ପିଇବା ବାଲା । ହେଲେ, ସ୍ୱାର୍ଥକୁ ତୋ' ଭାଇ ତୋର ନୁହେଁ, କି ମୋର ନୁହେଁ । ବୁଝିଲୁ ତ ?

ରୁନି — କି ଅଭଦ୍ର ତୁମେ ?

ବିଶ୍ରାନ୍ତ — ନା' ନା', ମୋତେ ସେମିତି କୁହନାହିଁ ।

ରୁନି — କ'ଣ ଡରିକି ?

ବିଶ୍ରାନ୍ତ — ହଁ, ସେଇଆ କୁହ । ନୋହିଲେ ତୋ'ର କ୍ଷତି, ତୋ ଭାଇର କ୍ଷତି, ତୁ' ଯାହାପାଇଁ ପୂଜାରିଣୀ, ତା'ର କ୍ଷତି । ହାଁ ମନକଥା ମନରେ ରଖିଥା । କାଳେ ପ୍ରାପତ ନହେବ ? ଖୁବ୍ ସାବ୍ଧାନ । ଖୁବ୍ ସନ୍ତର୍ପଣ । ଏଠି କାହାର ନିସ୍ତାର ନାହିଁ ।

ରୁନି — ତମେ ?

ବିଶ୍ରାନ୍ତ — ଆସ୍ତେ । ମୋତେ କେବଳ ତୁମେ କୁହ,ଆପଣ ନକୁହ । ଭାଇବି କୁହନା, ତୁମେ କୁହ.... , ତମେ.... ହଁ ତମେ.... ହାଃ, ହାଃ.... ସେଇଆ କଲେ,କହିଲେ ବହୁତ ଭଲ ।

ରୁନି — ଇସ୍, ତୁମେ କି ବିଭତ୍ସ !

ବିଶ୍ରାନ୍ତ — ତୋ' ପାଇଁ ଏଯାଏଁ ବିଭତ୍ସ ହୋଇନାହିଁ । ଏଠି ଆମର ନହେଲେ ସେ ରୂପ ଦେଖିବାକୁ ତୋତେ ଅବଶ୍ୟ ଦେବା । ବାସ୍,ଏଥର କଥାଟା ପରିଷ୍କାର ହେଇଗଲାନା ? ନିଜକୁ ପରିଷ୍କାର କରିଦେ ରୁନି । ଯେତେ ଶୀଘ୍ର ନିଷ୍ପତ୍ତି ନେବୁ ସେତିକି ଉତ୍ତମ । (ରୁନି ଚାଲିଯିବାକୁ ଉଦ୍ୟତ ।)

ବିଶ୍ରାନ୍ତ — ଏ... ଏ, ରୁନି, ଶୁଣ, ଯଦି କେହି ଏ କଥାର ଟିକିଏ ସୁରାକ୍ ପାଏ, (ଛୁରୀଦେଖାଇ ଭୁଷି ଦେବାର ଅଭିନୟ) ଏ ନିଷ୍ପତ୍ତି କରିବାକୁ ମୋତେ ଗୋଟେ ସେକେଣ୍ଡ ଲାଗିବନାହିଁ । (ରୁନିର ପ୍ରସ୍ଥାନ ।)

Digitized by srujanika@gmail.com

ଗେଣ୍ଡାଗୁଡ଼ (ପ୍ରବେଶି) ଗେଣ୍ଡାଗୁଡ଼... ଛୁରୀ ! ଛୁରୀ... ! ହିଃ ହିଃ ... ଭୁସ୍ ଭୁସ୍ ଭୁସ୍. ହିଃ ହିଃ । (ଡ଼େଇଁବାର ଅଭିନୟ)

ବିଶ୍ରାନ୍ତ ଗେଣ୍ଡାଗୁଡ଼ ?

ଗେଣ୍ଡଗୁଡ଼ ଡୁସ୍‌ମ୍ ଡୁସୁମ୍... ଭସ୍... ଭସ୍.... ଭୁସ୍.. ଗେଣ୍ଡାଗୁଡ଼ ଫୁସ୍.... ।

ବିଶ୍ରାନ୍ତ ଗେଣ୍ଡାଗୁଡ଼ ? (ରାଗରେ ଦି' ଗୋଇଠା ମାରିବା । ଗେଣ୍ଡାଗୁଡ଼ ଆଃ... ଆଃ ଗେଣ୍ଡାଗୁଡ଼, ଆଃ, ଇହି... ।)

ଯବନିକା

Digitized by srujanika@gmail.com

ସପ୍ତମ ଦୃଶ୍ୟ

(ଅଧ୍ୟାପକ ଆଶିଷ ତାଙ୍କ କକ୍ଷରେ ଚିଠିଟିଏ ପଢୁଥିବା ବେଳେ ପ୍ରବେଶ କରିଛନ୍ତି ନିବିଶ।)

ନିବିଶ୍ : କ'ଣ ଭଲ ଅଛନ୍ତି ତ?

ଆଶିଷ : ଭଲ ଭିତରେ ବେଳେବେଳେ ଭେଲ ପଶିଗଲେ.....!

ନିବିଶ୍ : ଆପଣଙ୍କର ପୁଣି...... ?

ଆଶିଷ : ବେଳେବେଳେ କିଛି ନଥାଇ ବି, ଅଠା ଆପଣାଛାଏଁ ଲାଗିଯାଏ। ଆଉ ତୁମକୁ ତାକୁ ଛଡ଼ାଇବାକୁ ହୁଏ, ନୁହେଁ?

ନିବିଶ୍ : ଅଠା ଯେମିତି ଲାଗୁ, ତାକୁ ଛଡ଼ାବାକୁ ହିଁ ହୋଇଥାଏ! ଆଉ ଆପଣ ନୂଆକଥା କ'ଣ କହିଲେ? ତେବେ ସମସ୍ୟାଟା.... କ'ଣ ଶୁଣାଇଲେ ଭଲ ହୁଅନ୍ତା?

ଆଶିଷ୍ : ସମସ୍ୟାତ ବହୁ ଜଟିଳ। ଆପଣ ଜାଣିଥିବେ, ମୁଁ ରୁନିକୁ ପଢ଼ାଇବାକୁ ଯାଏ..... ?

ନିବିଶ୍ : ହଁ, ଏଇ ବିଜୟର ଭଉଣୀ ରୁନି ତ! ରୁନିଟା ତ' ଖୁବ୍ ଭଲ ପିଲା! ବିଚରା ବାପମା' ଛେଉଣ୍ଡ ପିଲାଟାଏ।

ଆଶିଷ : ମୁଁ ସେ ସବୁ ଇତିହାସ ଜାଣିଛି। କିନ୍ତୁ ତାଙ୍କ ଘରକଥାକୁ ନେଇ......।

ନିବିଶ୍ : ଭଲ ପାଇବାର ସଂପର୍କ ନେଇ ନୁହେଁତ?

ଆଶିଷ୍ : କବି!

Digitized by srujanika@gmail.com

ନିବିଶ୍ : ହେଲେ, ମନ୍ଦ ନୁହେଁ। ଗୁନି ଆଉ ତୁମ ମଧ୍ୟରେ ବୟସର ବିଶେଷ କିଛି ପାର୍ଥକ୍ୟ ନାହିଁ। ଭଲ ହୁଅନ୍ତା, ନିଜର କଲେ। ବିଚରା ଦୁଃଖିନୀଟାଏ ! ଖୁସିରେ ରହିପାରନ୍ତା ତ’।

ଅଶିଷ୍ : କବି !

ନିବିଶ୍ : ଯଦି ବିଜୟ ଚାହୁଁଥାଏ, ମୋ ମତରେ, ଆପତ୍ତି କ’ଣ ?

ଆଶିଷ : ସେମିତି କିଛି ନୁହେଁ କବି। ଆପଣ ଏତେ ଭିତରକୁ ଯାଆନ୍ତୁ ନାହିଁ। ତାଙ୍କ ଘର ସଂପର୍କିତ ଆହୁରି ଭିନ୍ନ କାହାଣୀ ଅଛି। ଆବଶ୍ୟକ ପଡ଼ିଲେ କହିବି। ଏଇନେ ଆପଣ ସେନେଇ ମୋଟେ ବ୍ୟସ୍ତ ହୁଅନ୍ତୁ ନାହିଁ। ଆଉ ଗୁନି ମୋ’ ନେଇ ଆପଣଙ୍କର ଏ ମନ୍ତବ୍ୟ....। ଏମିତି ଗୋଟିଏ ଅସମ୍ଭବ କଥା କେମିତି କହିଲେ ? ଛାଡ଼ନ୍ତୁ । ଗୁନି ଘରେ ଗୀତା ବୋଲି ଝିଅଟିଏ ଥିଲା। ସେ ତାଙ୍କର ଗୋଟିଏ ଶିକ୍ଷିତା ଚାକରାଣୀ। ତୁମେ ଏକଥା ଜାଣ କି କବି ?

ନିବିଶ୍ : ନା’, କ’ଣ ହେଲା ?

ଆଶିଷ : ସେ ଏବେ ନିରୁଦ୍ଦିଷ୍ଟା। ତାକୁ କେନ୍ଦ୍ରକରି ମୋ ମୁଣ୍ଡରେ ଅଠା। ସେଇଥିପାଇଁ ଏ ଛୁରୀ। ବୁଝିଲେ ? ଏ ନେଇ ଆପଣ ମୋତେ କିଛି ସାହାଯ୍ୟ କରିପାରିବେ।

ନିବିଶ୍ : ଅବଶ୍ୟ କରିବି।

ଆଶିଷ୍ ଏବେ ଆପଣଙ୍କ କଥା କୁହନ୍ତୁ ତ’ ?

ନିବିଶ୍ : ମୋ କଥା ଆଉ କ’ଣ ? ରୀତା ଗଲାପରଠାରୁ ଜୀବନଟା କେମିତି ଗୋଟାଏ ଶୂନ୍ୟଶୂନ୍ୟ ଲାଗୁଛି।

ଆଶିଷ୍ : ଶୂନ୍ୟତାକୁ ପୂର୍ଣ୍ଣ କରଦିଅନ୍ତୁ କବି।

ନିବିଶ୍ : ଏବେତ ପୂର୍ଣ୍ଣତା କହିଲେ ରୀତା ମୃତ୍ୟୁ ପ୍ରତିଶୋଧ ଛଡ଼ା, ମୋର ଆଉ କିଛି ଚିନ୍ତା ନାହିଁ।

ଅଶିଷ୍ : ତୁମେ ପ୍ରତିଶୋଧ ନେବ ?

ନିବିଶ୍ : ହଁ, ନେବି। ଏଥିରେ ଆଶ୍ଚର୍ଯ୍ୟ ହେବାର କ’ଣ ଅଛି ?

Digitized by srujanika@gmail.com

ଆଶିଷ୍ : ତୁମେ ସେମାନଙ୍କୁ ଜାଣ ?.... ଜାଣିଲେ କ'ଣ ପାରିବ ?

ନିବିଶ୍ : ସେମାନଙ୍କୁତ ସମସ୍ତେ ଜାଣନ୍ତି । ଏଇ ଗଳିକନ୍ଦିରେ ଘଟୁଥିବା କାହାଣୀ ଏବଂ ସେ କାହାଣୀକାରଙ୍କୁ କିଏ ନଜାଣେ ? ସମସ୍ତଙ୍କ ହାତ ଏକଜୁଟ୍ ହେଲେ, ସେଗୁଡ଼ାଙ୍କୁ ସାଧିବାକୁ କ'ଣ ଅସମ୍ଭବ ଲାଗନ୍ତା ?

ଆଶିଷ : ଆମେ ନିଶ୍ଚୟ ପାରିବା କବି । ମୁଁ ଆପଣଙ୍କୁ ସାହାଯ୍ୟ କରିବି । ଆପଣ ଜାଣନ୍ତି ନାହିଁ ଯେ ମୁଁ ମାଷ୍ଟ୍ରଟିଏ ହୋଇ କାହିଁକି ଛୁରୀ ନେଇଛି ହାତକୁ ?

ନିବିଶ୍ : ମାଷ୍ଟ୍ରଙ୍କ ହାତରେ ଛୁରୀ ! ବଡ଼ ଆଶ୍ଚର୍ଯ୍ୟ କଥା !

ଆଶିଷ : ଆଶ୍ଚର୍ଯ୍ୟ ହୁଅନ୍ତୁ ନାହିଁ କବି । ସମୟ ଆସିଲେ ଦେଖିବେ, ମୁଁ କ'ଣ ?

ନିବିଶ୍ : ଆମେ କ'ଣ ସମସ୍ତେ ସମସ୍ୟା ଭିତରେ ଅଛେ ?

ଆଶିଷ : ହଁ, ଆପଣ, ମୁଁ ଏମିତିକି ଇନିକ୍ସପେକ୍ଟର ବି.କେ. ଶର୍ମା । ଆପଣ ତାଙ୍କ ଝିଅ କଥା ଜାଣିଛନ୍ତି ତ ?

ନିବିଶ୍ : ରେପ୍ ଆଣ୍ଡ ମର୍ଡ଼ର ।

ଆଶିଷ : ଏଥିରେ କୁହନ୍ତୁ ତ' ଆମେ ନିରାପତ୍ତା କାହାଠୁ ଖୋଜିବା ? ଯଦି ନିରାପତ୍ତା ଦେବାଲୋକ, ନିରାପଦ ନୁହେଁ,, ସିଏ ଆମକୁ ସାହାଯ୍ୟ କରିବ କ'ଣ ?

ନିବିଶ୍ : କିଛି ତ' ରାସ୍ତା ବାହାର କରିବାକୁ ହେବ ?

ଆଶିଷ : ସାମାଜିକ ପରିବର୍ତ୍ତନ ପାଇଁ ଗୋଟିଏ କବିର ଆବଶ୍ୟକତା ଅଛି । ଶିକ୍ଷକ ଓ ଶିକ୍ଷାର ମଧ୍ୟ ଭୂମିକା ଅଛି ।

ନିବିଶ୍ : ଖାଲି "ଅଛି କୁହନାହିଁ ଆଶିଷ୍" ଅଛିକୁ କାର୍ଯ୍ୟକାରୀ କରିବାହିଁ ଅସଲ କଥା, ଆମେ କ'ଣ ପାରିବା ?

ଆଶିଷ : ନିଶ୍ଚୟ !

ନିବିଶ୍ : ତେବେ ଆସନ୍ତୁ, ମିଳାନ୍ତୁ ହାତ ।

ଯବନିକା

Digitized by srujanika@gmail.com

ମଲା ଜହ୍ନରେ ଯଉବନ

ଦ୍ୱିତୀୟ ଅଙ୍କ

Digitized by srujanika@gmail.com

Digitized by srujanika@gmail.com

ପ୍ରଥମ ଦୃଶ୍ୟ

(ଆଶିଷଙ୍କ କକ୍ଷ । ଛୁରୀଟିର ଧାର ପରୀକ୍ଷା କରୁଥିବା ସମୟରେ ପ୍ରବେଶ କରିଛନ୍ତି ବିଜୟ । ତଥାପି ଅନ୍ୟମନସ୍କ ଆଶିଷ ।)

ବିଜୟ : ଛୁରୀ ଚାଳନା ଅଭ୍ୟାସ ତା'ହେଲେ ଆରମ୍ଭ କଲେଣି ନା' ଅଧ୍ୟାପକ ଆଶିଷ !... ଭଦ୍ର ଖୋଳରେ ଜଣେ ଅଧ୍ୟାପକ ହୋଇ, ତୁମେ ଏଡ଼େ ଅଭଦ୍ର, ଚରିତ୍ରହୀନ ?

ଆଶିଷ : (ବୁଲିପଡ଼ି) ତୁମେ !

ବିଜୟ : ହଁ, ମୁଁ ବିଜୟ । ରୁନିର ଭାଇ ମୁଁ ବିଜୟ କହୁଛି - ତୁମେ ଜଣେ ନଷ୍ଟ ଚରିତ୍ର, ଅଭଦ୍ର ।

ଆଶିଷ : ନଷ୍ଟ ଚରିତ୍ର କିଏ ? କାହାକୁ ଏକଥା କହୁଛ ବିଜୟ ? ମୋତେ, ନା' ତୁମ ନିଜକୁ ? ଭଦ୍ରଖୋଳରେ କିଏ ସେ ଅଭଦ୍ର ? ନିଜକୁ ସେଇ ଆଖିରେ ଦେଖ । ଛିଃ ଛିଃ, ଲାଜ ଲାଗୁନି, ଅପମାନ ଲାଗୁନାହିଁ ? ଏ ଶବ୍ଦଗୁଡ଼ାକ ବୁମେରାଂ ପରି, ତୁମ ପାଇଁ ପ୍ରଯୁଜ୍ୟ । ତେବେ ଛାଡ଼, ମୋ ଦୁଆରକୁ ଆସିଛ ଯେତେବେଳେ, ତୁମ ପ୍ରତି ଏମିତି ଗୁଡ଼ାଏ ବାକ୍ୟ ପ୍ରୟୋଗ, ମୋ ମୁହଁରେ ସୁନ୍ଦର ନୁହେଁ । ନଚେତ୍‌.... ।

ବିଜୟ : ନଚେତ୍‌... ?

ଆଶିଷ : ତୁମେ ଯାହା ଶିଖାଇଛ । ଏଇ, ଛୁରୀ ପାଇଁ ଛୁରୀ, ରକ୍ତ ପାଇଁ ରକ୍ତ, ଜବାବ୍ ପାଇଁ ଜବାବ୍ ! ଏଗୁଡ଼ାକ କ'ଣ ବୁଝାଇବାକୁ ପଡ଼ିବ ?...

Digitized by srujanika@gmail.com

	କ୍ଷମା କରିବେ। ତୁମେ ଜଣେ ଇଡ଼ିଅଟ୍ ହେଲେ ମଧ ମୁଁ ତୁମକୁ ଇଡ଼ିଏଟ୍ ବୋଲି କହିପାରୁନି।
ବିଜୟ	କ'ଣ କହିଲ, ଇଡ଼ିଏଟ୍? ମୁଁ ଚାହିଁଲେ, ଏଇ ମୁହୂର୍ତ୍ତରେ...।
ଆଶିଷ	ବୁଝୁଛି, ତୁମେ ଏଇ ମୁହୂର୍ତ୍ତରେ କିଛି କରିପାର। ମୁଁ ବି କିଛି କରିପାରେ? (ଛୁରୀ ଧାର ଉପରେ ନଖ ଚାଳନା) ମାତ୍ର ମୁଁ ହଠାତ୍ ଅଭଦ୍ରାମୀ କରିପାରିବିନି ଏଇଥି ପାଇଁ ଯେ, ମୁଁ ଜଣେ ଶିକ୍ଷକ। ଆଉ ଯେତେହେଲେ, ତମେ ଯେତେବେଳେ ମୋ ଦୁଆରେ, ମୋର ଜଣେ ଅତିଥି। ନୋହିଲେ, ସେହି କଥା...।
ବିଜୟ	ମାଷ୍ଟ୍ରେ, ତୁମ ଥୋମଣି....!
ଆଶିଷ	ଥୋମଣି ଭାଙ୍ଗି ଦେବ ବା ବଙ୍କା କରିଦେବ, ଏଇଆତ? କିନ୍ତୁ ଏତେ ଶୀଘ୍ର ନୁହେଁ, ଅପେକ୍ଷା କର। ମନେ ରଖିବା କଥା ଯେ ଏଇଟା ତୁମ ଘର ନୁହେଁ, ମୋ ଘର, ଜଣେ ଶିକ୍ଷକର ଘର। ଏଠି ପାଟିତୁଣ୍ଡ ମୋଟେ ଶୋଭା ପାଏନା। ତୁମେ ଏକା ଆସିଛ ନା', ତୁମ ବନ୍ଧୁ ବିଶ୍ରାନ୍ତ ତୁମ ସଙ୍ଗରେ।
ବିଜୟ	ମୋତେ କାହାର ଜରୁରତ୍ ନାହିଁ।
ଆଶିଷ	ଓଃ, ତୁମେ ଏକା ପାରିବ। ଭଲ କଥା। ଅତି ଉତ୍ତମ। ତେବେ, ତା' ପୂର୍ବରୁ ଅନ୍ତତଃ କାରଣଟା ଶୁଣାଇ ଦେଲେ...?
ବିଜୟ	କାରଣ କହିବି ମୁଁ? ତୁମେ କାରଣଟା ଜାଣିନ ମାଷ୍ଟ୍ରେ?
ଆଶିଷ	ଦେଖନ୍ତୁ ଏମିତି ଆଦୌ ପାଟି କରନ୍ତୁ ନାହିଁ। କହିଛି ଏଇଟା ମୋ ଘର। ଆଗ କାରଣଟା କହିଦିଅନ୍ତୁ। ତା'ପରେ ମୁଲାକତ୍ କରିବେ। ଏବେ ସଂଯତ ହୋଇ କାରଣଟା କୁହନ୍ତୁ ତ?
ବିଜୟ	ସଂଯତ ମୁଁ ହେବି, ନାଁ ତୁମେ ହେବ ମାଷ୍ଟ୍ରେ?

Digitized by srujanika@gmail.com

ଆଶିଷ   ହେଲା, ଉଭୟେ ସଂଯତ ହେଲେ, ବହୁତ ଭଲ ହେବ। ତେବେ ମୋତେ, ସେଇ କାରଣଟା ଦରକାର।

ବିଜୟ   : ତୁମେ ଭାବୁଛ, ମୁଁ କିଛି ଜାଣିପାରୁନି, ନୁହେଁ? ତମେ.... ଆଶିଷ ତମେ ?

ଆଶିଷ   : ହଁ, ହଁ କୁହ .... ମୁଁ ଆଶିଷ, କୁହ।

ବିଜୟ   ତୁମେ ଗୋଟେ ଢିଭ ଚଟା ବିରାଡ଼ି। ଗୋଟାଏ ଚରିତ୍ରହୀନ। କଳଙ୍କିତ ମଣିଷ।

ଆଶିଷ   ଏକଥା ତ' ସମସ୍ତେ ଜାଣନ୍ତି। ତୁମେ ଆଉ ଅଧିକ କ'ଣ କହୁଛ ? ତେବେ କେଉଁ କଥା ପାଇଁ ମୁଁ ଜଣେ ଏମିତି ଲୋକ, ସେଇଟା ପରିଷ୍କାର କରିଦେଉନ କାହିଁକି ?

ବିଜୟ   : ରୁନି ସହିତ ତୁମର ସମ୍ପର୍କ କ'ଣ ?

ଆଶିଷ   : ଉତ୍ତମ, ଖୁବ୍ ଉତ୍ତମ !

ବିଜୟ   : ଉତ୍ତମ !

ଆଶିଷ   : କହିଲି ପରା, ଅତି ଉତ୍ତମ। ସେ ମୋର ଶିଷ୍ୟା, ମୁଁ ତା' ଗୁରୁ, ଏକଥା ତୁମେ ଜାଣ, ସେ ଜାଣେ ଏବଂ ସମସ୍ତେ ଜାଣନ୍ତି। ଆଉ କ'ଣ ଭିନ୍ନ ସମ୍ପର୍କ ଥାଇପାରେ ବୋଲି ତୁମେ ଯଦି ଭାବୁଥାଅ, ତେବେ ବେଶ୍, ଖୋଲିଦିଅ।

ବିଜୟ   : ତୁମେ ତା' ପ୍ରତି ଅସଦାଚରଣ କରୁନାହଁ ?

ଆଶିଷ   : ଅସଦାଚରଣ ? ମୁଁ କରୁଛି ? ତୁମେ ଏକଥା ବିଜୟ ପଟ୍ଟନାୟକ କହୁଛ ?

ବିଜୟ   : ହଁ, ହଁ, ମୁଁ ବିଜୟ ପଟ୍ଟନାୟକ କହୁଛି, ତୁମେ ତା' ଚରିତ୍ର ସଂହାର କରିନାହଁ ?

ଆଶିଷ   ମାନେ, ମୁଁ ରୁନିର ଚରିତ୍ରସଂହାର କରିଛି ବୋଲି ତୁମେ କହୁଛ ? ତୁମେ ରୁନିର ଭାଇ ବିଜୟ ପଟ୍ଟନାୟକ ଏକଥା

Digitized by srujanika@gmail.com

କହୁଛ ? ଭାଇ ହୋଇ ଭଉଣୀ ସଂପର୍କରେ ଏମିତି କହିପାରୁଛ, ଛି.... ଛି.... ।

ବିଜୟ : ତୁମେ ତାକୁ ଭଲ ପାଉଛ । ମୁଁ ଏକଥା ଜାଣିଥିଲି । ମାତ୍ର..... ।

ଆଶିଷ ଏବେ ତ ମୁଁ ତାକୁ ଭଲ ପାଏ । ଖୁବ୍ ଭଲ ପାଏ । ଭଲ ପାଇବାରେ ଆବିଳତା ଆସିଲା କେଉଁଠି ଶୁଣେ ? ଭଲ ପାଇବାର ଅପରାଧଟା କୋଉଠି ଜାଣେ ? ଜଣେ ଶିକ୍ଷକ, ତା' ଛାତ୍ର ବା ଛାତ୍ରୀକୁ ଭଲ ପାଇଲା । ଏଠି ଭୁଲଟା ରହିଲା କୋଉଠି ?

ବିଜୟ : ମୁଁ ସେ ଭଲ ପାଇବା କଥା କହୁନି ମାଷ୍ଟ୍ରେ ? କଥାଟାକୁ ତେରେଛେଇ ବୁଲେଇ ଦେଉଛ କାହିଁକି ? ତୁମେ ତା' ଜୀବନରେ କଳଙ୍କ ଲଗେଇଛ, ଏକଥା କ'ଣ ମିଛ ? ମୁଁ ତୁମକୁ ତା' ପରିଣାମ ଭୋଗିବାକୁ ଦେବି ।

ଆଶିଷ : ସମସ୍ତେ ଭୁଲ ପାଇଁ ପରିଣାମ ଭୋଗନ୍ତି, ଦଣ୍ଡ ପାଆନ୍ତି । ମାତ୍ର ଯାହା ଭୁଲ ନୁହେଁ, ତାହାପାଇଁ ତ ପୁରସ୍କାର ସୁନିଶ୍ଚିତ ! ତେବେ ମୁଁ ଏତିକି ଜାଣେ ଯେ ସତ୍ୟଟା ସଦାବେଳେ ଆକାଶରେ । ଠିକ୍ ସମୟରେ ପ୍ରକାଶ ପାଇଥାଏ ।

ବିଜୟ ମାଷ୍ଟ୍ରେ ?

ଆଶିଷ : ପାପ ପାତାଳ ଫିଟି ବାହାରେ, ନିଆଁ ଅଣ୍ଟି ପୋଡ଼ିଦିଏ ।

ବିଜୟ ଖୁବ୍ ବଢ଼ି ବଢ଼ି କଥା କହୁଛ ମାଷ୍ଟ୍ରେ ?

ଆଶିଷ : କହିଛି, ଏଇଟା ତୁମ ଘର ନୁହେଁ, ମୋ ଘର, ଶିକ୍ଷକର ଘର, ତୁମେ ଛିଡ଼ା ହୋଇ ମୋ ଘରେ କଥା କହୁଛ,ହଁ ମନେ ରଖ ତୁମେ ଯାହା କହୁଛ, ସେ କଥାର ଅର୍ଥଟା ଠିକ୍ ଧରିପାରିଲି । କିଏ କାହାକୁ, କାହା ଅଜ୍ଞାତରେ ଭଲ ପାଉଥିଲେ, ସେ ମୋଟେ ଭୁଲ କରୁନି । ଯେତେବେଳେ ପ୍ରକୃତ "ଶବ୍ଦଟା" ଅର୍ଥାତ୍ "ଭଲ" "ମାନେ ତୁମେ ଯାହାକୁ "ଗୁଡ୍" କହୁଛ, ତାହା ଠିକ୍, ସେଠି ଅମୃତରୁ ଅମୃତ ମିଳିଲାପରି, ଭଲ ପାଇବାରୁ ଆନନ୍ଦ ବା ପ୍ରେମ ମିଳିଥାଏ । ତାହା ତ

Digitized by srujanika@gmail.com

ଅମୃତ। ତା' ବି ମନେ ରଖିବା କଥା ଯେ ଗୋଟାଏ ହାତରେ କେବେ ତାଳି ବାଜିନଥାଏ ବା ଦି'ଟା ମନର ମିଳନ ଘଟୁନଥିଲେ, ସେଠି ପ୍ରେମର ଉଦ୍‌ବେଳନ ହୋଇନଥାଏ। ଯେଉଁଠି ପ୍ରେମ ବଳ ପ୍ରୟୋଗ କରି ଆଦାୟ କରଯାଇଥାଏ, ତାହାକୁ ରାକ୍ଷସ ପ୍ରବୃତ୍ତି ଏବଂ ଅଶ୍ଳୀଳତା କୁହାଯାଏ।

ବିଜୟ ମାଷ୍ଟ୍ରେ ?

ଆଶିଷ : ମାଷ୍ଟ୍ରେ ଏଯାଏଁ ତୁମେ ଯେଉଁ ପ୍ରେମ କଥା କହୁଛ, ମାନେ ଭଲ ପାଇବା କଥା, ସେମିତି କାହାକୁ ଭଲ ପାଇନାହାଁନ୍ତି। ମାତ୍ର ସେ ଭଲ ପାଇଛନ୍ତି, ପାଉଛନ୍ତି ଏମିତି ବି ଭଲ ପାଉଥିବେ ତାଙ୍କ ସମ୍ପର୍କରେ ଆସୁଥିବା ଅଥବା ନିଜର କରୁଥିବା ଲୋକମାନଙ୍କୁ, ସେମାନେ ଛାତ୍ର ହୋଇପାରନ୍ତି, ଛାତ୍ରୀ ହୋଇପାରନ୍ତି ବା' ଆଉ କେହି ହୋଇପାରନ୍ତି।

ବିଜୟ : ପୁଣି ସେହି ବଢ଼ି ବଢ଼ି କଥା କହୁଛ ମାଷ୍ଟ୍ରେ ? ତୁମର ସାହସ ତ' କମ୍ ନୁହେଁ ?

ଆଶିଷ : ମୋ ଘରେ, ମୋର ସାହାସ ରହିବ ନାହିଁ ତ ଆଉ କୋଉଠି ରହିବ ? ପୁନଶ୍ଚ ଦୁର୍ବଳତାଥିଲେ ସିନା କାହାକୁ ଡରିବା କଥା ! ମୋର ଯେତେବେଳେ ଦୁର୍ବଳତା ନାହିଁ, ମୁଁ କାହିଁକି କାହାକୁ ଡରିବି ? ତୁମେ ଯେଉଁ ଭଲ ପାଇବା କଥା କହୁଛ, ସେଇଟା ମୋ ପାଇଁ ଗୋଟେ ଅସମ୍ଭବ ବ୍ୟାପାର। ପୁନଶ୍ଚ ମୋ ଦ୍ଵାରା ଯାହା ଏଯାଏଁ ସମ୍ଭବ ହୋଇନାହିଁ, ମୁଁ ସେକଥାକୁ ମାନି ନେବି କେମିତି ? କିନ୍ତୁ ଯଦି ମୋ' ଅଜାଣତରେ, ମୋତେ ହଜାର ହଜାର ଭଲ ପାଆନ୍ତି, ସିଏ ଦେହର ବାସନା ପାଇଁ ହେଉ କି, ଆଉ ଯୋଉଥି ପାଇଁ ହେଉ, ମୁଁ ସେଥିକୁ କ'ଣ କରିବି ? ସେମିତି ବି କହିଲେ, ମୁଁ କ'ଣ ସମସ୍ତଙ୍କର ହୋଇପାରିବି ? ମୁଁ ତ ଏଯାଏଁ, ଜଣକୁ ବି ଭଲ ପାଇ ଶିଖିନାହିଁ। ଭାବୁଛି ସେ ବେଳ ବୋଧେ ଆସିନାହିଁ। ଆଉ ଯେତେବେଳେ କାହାକୁ ଭଲପାଏ, ସେତେବେଳେ ମୁଁ ସମାଜକୁ ବିଶୃଙ୍ଖଳିତ କରିବି

Digitized by srujanika@gmail.com

କିଆଁ ? ଅନ୍ୟ ପକ୍ଷରେ ମୋ ଭଲ ପାଇବାରେ ନିଶ୍ଚୟ ଏକ ସାମାଜିକ ସ୍ୱୀକୃତି ଥିବ, ଯେତେବେଳେ ମୁଁ ବାଜା ବଜାଇ, ବାଣ ଫୁଟାଇ, ଏବଂ ରୋଷଣୀ ଜାଳି ସମସ୍ତଙ୍କୁ କହିଦେବି ଯେ ମୁଁ ଭଲ ପାଉଥିବା ଲୋକଟିକୁ ନିଜର କରିବାକୁ ଯାଉଛି।

ବିଜୟ : ମାଷ୍ଟ୍ରେ, ତୁମକୁ ତା' ହେଲେ ଶିଖେଇବାକୁ ହେବ ?

ଆଶିଷ ମାଷ୍ଟ୍ରେ ଶିଖାନ୍ତି। ଏମିତି କି ଛୁରୀ ଚଳାଇବାପାଇଁ ଗୁରୁଙ୍କ ଠାରୁ ଶିକ୍ଷା ବି ଦରକାର। ଧନୁଟଙ୍କାରିବାକୁ ବି ଗୁରୁ! ତେଣୁ ସବୁଠି ତ' ସେଇ ମାଷ୍ଟ୍ରଙ୍କ କଥା। ତମେ ଶିଖିବା ଲୋକ, ମୋତେ କେମିତି ଶିଖେଇବ ? ଶୁଣ, ନିଜ ଭଉଣୀ ସଂପର୍କରେ, ଏମିତି ଅଧିକ କହିଲେ, ନିଜର କ୍ଷତି ହେବ। ତୁମେ ଚାଲିଯାଅ। ଗୁନିକୁ ମୁଁ ଘୃଣା କରେନା', ଶ୍ରଦ୍ଧା କରେ। ଶ୍ରଦ୍ଧା ଅର୍ଥରେ ମୁଁ ତାକୁ ଭଲ ପାଏ।

ବିଜୟ : କଥା ତ', ବେଶ୍ ବାଗେଇ ବାଗେଇ କହୁଛ ମାଷ୍ଟ୍ରେ ? ମୁଁ ଏଇନେ ଚାହିଁଲେ....।

ଆଶିଷ କହିଛି ପ'ରା, ଏଇଟା ମୋ ଘର। ଯା', ଚାଲି ଯାଆ। ଯେମିତି ଆସିଛ ସେମିତି ଚାଲିଯା'। ଗୁନିର କ୍ଷତି କିରବି ନାହିଁ ବୋଲି, ମୁଁ କହୁଛି ତୁମେ ଚାଲି ଯା'। ଚାଲି ଯା'।

ବିଜୟ : (ଉତ୍ୟକ୍ତ ହୋଇ ଏବଂ ହାତ ଉଠାଇ) ମାଷ୍ଟ୍ରେ।

(ପ୍ରବେଶକରିଛନ୍ତି ଶ୍ୟାମଳେନ୍ଦୁ ଏବଂ ବିକ୍ରମ)

ବିକ୍ରମ : ଥାଉ, ହାତଟାକୁ ସାବଧାନ ପୋଜିସନ୍‌କୁ ନେଇଆସ ବିଜୟ ?

ଶ୍ୟାମଳେନ୍ଦୁ : ହଁ, ହଁ, ଆଗ ହାତଟାକୁ ସାବ୍ଧାନ ପୋଜିସନ୍‌କୁ ନେଇଆସ। ଟିକିଏ ଥଣ୍ଡା ହୋଇ ଯାଅ, ନରମି ଯାଅ।

ବିଜୟ : ବିକ୍ରମ! ଶ୍ୟାମଳେନ୍ଦୁ!!

ବିକ୍ରମ : ହଁ, ହଁ ଭାଇଟା ପରା, ଟିକିଏ ନରମି ଯା'।

ଶ୍ୟାମଳେନ୍ଦୁ (ଆଶିଷଙ୍କ ପ୍ରତି) ଟିକିଏ ଏସବୁ ନେଇ କିଛି କହିବେ କି ମିଃ. ମହାନ୍ତି!

Digitized by srujanika@gmail.com

ଆଶିଷ : ଛାଡ଼ନ୍ତୁ, ଏଗୁଡ଼ାକ ମୋ ବ୍ୟକ୍ତିଗତ ବ୍ୟାପାର।

ଶ୍ୟାମଳେନ୍ଦୁ : ବ୍ୟକ୍ତିଗତ !

ଆଶିଷ : ହଁ, ବ୍ୟକ୍ତିଗତ। ଏଇଟା ବିଜୟ ଏବଂ ମୋ ମଧ୍ୟରେ କଥା।

ବିକ୍ରମ : ଠିକ୍ ଅଛି, ତୁମର ଯେତେବେଳେ ବ୍ୟକ୍ତିଗତ କଥା, ଆମେ ସେଥିରେ କାହିଁକି ମୁଣ୍ଡଟା ଭର୍ତ୍ତି କରିବା। ହଁ, ଆଉ ସେଦିନ ଯୋଉ କଥାଟା କଥାବାର୍ତ୍ତା ହେଉଥିଲେ, ଆମେ ଆପଣଙ୍କ ସହିତ ପୁରା ଏକମତ ଏବଂ ପ୍ରସ୍ତୁତ। ଖାଲି ନା'ଟା କହିଦିଅନ୍ତୁ ନା', ଦେଖିବେ ତା'ପରେ କ'ଣ ହେଉଛି ?

ଆଶିଷ : ବେଳ ଆସୁ। ମୁଁ ସିନା, ନପାରିଲେ....।

ଶ୍ୟାମଳେନ୍ଦୁ : ତୁମ କ'ଣ ପାରିବ ? କଥାରେ କହନ୍ତି ନାହିଁ: ଠେଙ୍ଗା ବାହାର କରୁକରୁ ଘୁଷୁରିଯାଇ ମଙ୍ଗଳପୁରରେ ହାଜର। ସେମିତି ତୁମ ମାଷ୍ଟ୍ର ଗୁଡ଼ାକଙ୍କ କଥା। ସବୁ କଥାକୁ ଗର୍ଜୁଥିବ, କିନ୍ତୁ ପାରୁନଥିବ। ସବୁ କାମକୁ ପୁରା ଅନ୍‌ଫିଟ୍।

ବିକ୍ରମ : ତୁମେ କାଲି ସେ ଝିଅଟା ନା' ଗୀତା ବୋଲି କହୁଥିଲ ନା' ? ଏବେ ସେ ସଇତାନ ଗୁଡ଼ାକଙ୍କ ନାଁ କହିଦେଲେ, ଆମେ ଆମ କାମ ଠିକ୍ ଆରମ୍ଭ କରିଦେବୁ ! ତୁମେ ଏଠୁ ଉଠିବାର ପ୍ରଶ୍ନ ନାହିଁ।

ଶ୍ୟାମଳେନ୍ଦୁ : ଆଚ୍ଛା। ସେ ଝିଅଟା ନା' ଗୀତା ଠିକ୍ ତ'।

ଆଶିଷ : ତମେ କେମିତି ଜାଣିଲ ?

ଶ୍ୟାମଳେନ୍ଦୁ : ତୁମେ ସେଦିନ କହୁନଥିଲ ?

ଆଶିଷ : ହଁ, କହୁଥିଲି; ତେବେ। ସେ ଦି'ଟାଙ୍କ ନାଁ...।

ଶ୍ୟାମଳେନ୍ଦୁ : କ'ଣ ସନ୍ଦେହ ଅଛି ? ତେବେ ଏତିକି ଜାଣନ୍ତୁ ଯେ ଯନ୍ତୁଗୁଡ଼ାଙ୍କର ଠିକ୍ ଠିକଣା ନଜାଣିଲେ, ଶିକାର କରିବା ସହଜ ହୁଏନା। ଏଣେ, ଯଦି ଶିକାରଗୁଡ଼ାକୁ ଅନେକ ସମୟ ପାଇଁ ଏମିତି ଛାଡ଼ି ଦିଆଯାଏ,

Digitized by srujanika@gmail.com

ମାନେ ବାରାହା କି ଘୁଷୁରି ଠିକ୍ ଚିହ୍ନ ନପାରି, ସେଠି ବେଶି ଖଦା ହେବାର ସମ୍ଭାବନା ଥାଏ ।

ବିକ୍ରମ : ସେଇଆ ମିଃ. ମହାନ୍ତି, ଏକଜାଟ୍ଲି ସେଇଆ ।

ଆଶିଷ ; (ବିଜୟ ପ୍ରତି) ତୁମେ ଯାଇପାର ବିଜୟ । ଆଉ କେବେ ଦେଖାହେବ । ଅନ୍ତତଃ ଏତିକି ମନେ ରଖିବ ଯେ ଆମ ଦୁର୍ହିଙ୍କର ଆତ୍ମସମ୍ମାନ ଅଛି । (ବିଜୟର ପ୍ରସ୍ଥାନ ।)

ବିକ୍ରମ : (ଆଶିଷଙ୍କ ପ୍ରତି) । ମିଃ ମହାନ୍ତି ?

ଆଶିଷ : ତୁମ ଅନୁମାନ ଠିକ୍ ବିକ୍ରମ, ଆଉ ଠିକ୍ ଶ୍ୟାମଳେନ୍ଦୁ ।

ବିକ୍ରମ ; (ଶ୍ୟାମଳେନ୍ଦୁ ପ୍ରତି) ତା' ହେଲେ ଶିକାର ଟା ହାତ ପାଆନ୍ତାରୁ ଖସିଗଲା ?

ଯବନିକା

Digitized by srujanika@gmail.com

ଦ୍ୱିତୀୟ ଦୃଶ୍ୟ

(ନିଜସ୍ୱ କକ୍ଷରେ ତନ୍ଦ୍ରାସକ୍ତ କବି ନିବିଶ। କିଛି ସମୟ ଉତ୍ତାରୁ ସଙ୍ଗୀତର ଲହରି ଛୁଟିଆସେ: ତୁମେ ଜାଣନା... ଜାଣନା... ଜାଣନା...., ତୁମ ଲାଗେ ଯାଗେ ଯେତେ ବାସନା.... । ମଞ୍ଚ ଅନ୍ଧାର। ଦୃଶ୍ୟର ପରିବର୍ତ୍ତନ। ରୀତାର ସେଇ ସଙ୍ଗୀତ। ଲୁକ୍‌କାୟିତ ଭାବେ ଛିଡ଼ା ହୋଇଛନ୍ତି କବି। ସଙ୍ଗୀତ ଶେଷ ଉତ୍ତାରୁ।

ନିବିଶ୍ : ଚମତ୍‌କାର ଚମତ୍‌କାର ରୀତା। ତୁମେ ଯେମିତି ସୁନ୍ଦର, ତୁମର କଣ୍ଠ ମଧ୍ୟ ସେମିତି ମଧୁର।

ରୀତା : ଉହୁଁ, ସେମିତି କ'ଣ କହୁଛ ମ।

ନିବିଶ୍ : ମୁଁ କ'ଣ ମିଛ କହୁଛି ?

ରୀତା : କବିଙ୍କ ଆଖିକୁ ସବୁ ସୁନ୍ଦର ଦିଶେ। ସେଥିପାଇଁ ତ ଲୋକେ କୁହନ୍ତି, କବି ଗୁଡ଼ାକ କୁଆଡ଼େ ପାଗଳ। ଭଲ ମନ୍ଦ କ'ଣ ଜାଣି ପାରନ୍ତି ନାହିଁ।

ନିବିଶ୍ : ତୁମେ ବି ଏଇଆ କହିଲ।

ରୀତା : କ'ଣ ଜୋରିମାନା ?

ନିବିଶ୍ : ହଁ, ଜୋରିମାନା, ହେଲା ! ଏ କବିତାଟି ତ ମୋର ? ମୋ କବିତାଟି ତୁମେ ଚୋରି କରିଛ। ମୋତେ ଦେଇଦିଅ।

ରୀତା କବିମାନେ ଯୋଉ ମନ ଚୋରି କରିନିଅନ୍ତି, ତାକୁ ସେମାନେ ଫେରାଇ ଦିଅନ୍ତି ତ ?

Digitized by srujanika@gmail.com

ନିବିଶ୍ : କବି କାହାମନ କିପରି ଚୋରି କରେ ବୋଲି ଯଦି ଜାଣିପାରନ୍ତା, ତେବେ ସିନା, ଫେରାଇ ଦେବାପାଇଁ ଚେଷ୍ଟା କରନ୍ତା ?

ରୀତା : କବି ପରା ସବୁଠି ପ୍ରବେଶ କରେ ? ସିଏ ପୁଣି ଜାଣିପାରେନି କେମିତି ?

ନିବିଶ୍ : ଜାଣିଲେ ବି ଅଜଣା ରୁହେ । କାରଣ ସେ କବି । ତାକୁ ଧରିବା ବା ସେ ଏତେ ସହଜରେ କାହାକୁ ଧରାଦେବା ବହୁତ ମୁସ୍କିଲ୍ ।

ରୀତା : କବି !

ନିବିଶ୍ : ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ରୀତା ? ମୋ କବିତାଟି ମୋତେ ଦେଇ ଦିଅ ।

ରୀତା : ନଦେଲେ ?

ନିବିଶ୍ : (ଛଡ଼ାଇ ନେବାକୁ ଉଦ୍ୟତ) ଏଇ.....

ରୀତା : ନା' ନା'

ନିବିଶ୍ : ଦିଅ

ରୀତା : ନା' !

ନିବିଶ୍ : ଦେଇ ଦିଅ କହୁଛି ରୀତା ।

ରୀତା : ନିଅ (ଏକ ବ୍ୟତିକ୍ରମରେ ଛିଡ଼ାହେବା)

ନିବିଶ୍ : କ'ଣ ହେଲା

ରୀତା : ..... ।

ନିବିଶ୍ : କ'ଣ ହେଲା ? କବିତାଟି ରଖିବାରେ ଯଦି ଆଗ୍ରହ ଥାଏ, ତେବେ ନେଇଯାଅ । ମୁଁ ପୁଣି ସୁନ୍ଦର କବିତାଟିଏ ସୃଷ୍ଟି କରିପାରିବି ।

ରୀତା : ତୁମେ ପୁଣି ସୃଷ୍ଟି କରିବ ? ଏହାଠାରୁ ସୁନ୍ଦର ? ମାନେ ଆହୁରି ସୁନ୍ଦର ?

ନିବିଶ୍ : ଏଥିରେ ଆଶ୍ଚର୍ଯ୍ୟ ହେବାରେ କ'ଣ ଅଛି ?

ରୀତା : ଆଛା କହିଲ, କବିମାନେ କ'ଣ ମହୁମାଛି ?

ନିବିଶ୍ : ରୀତା ?

ରୀତା : ମୁଁ ତା'ହେଲେ... ।

ନିବିଶ୍ : ତୁମର କ'ଣ ହୋଇଛି ରୀତା ? ହଠାତ୍ ଏମିତି ପରିବର୍ତ୍ତନ କାହିଁକି ?

Digitized by srujanika@gmail.com

ରୀତା : ଯାଅ କବି, ତୁମ ସହିତ ମିଶିବା ମୋର ଭୁଲ ହୋଇଛି। ମୋ ଭଲ ପାଇବା... ।

ନିର୍ବିଶ୍ : ତୁମ ଭଲ ପାଇବା ଭୁଲ ବୋଲି କିଏ କହିଲା ?

ରୀତା ଆହୁରି ସୁନ୍ଦର ରୀତା ଅଛନ୍ତି କବି। ତାଙ୍କୁ ନେଇ, ତୁମେ ଖୁବ୍ ସୁନ୍ଦର ରାଗିଣୀର ଗୀତ ରଚନା କରିପାରିବ । ଆଉ ତାଙ୍କ ମୂର୍ଚ୍ଛନାରେ, ଆରାମରେ ବି ହଜିଯାଇପାରିବ।

ନିର୍ବିଶ୍ : ରୀତା ?

ରୀତା : ଏଯାଏଁ ମୁଁ ଥିଲି ତୁମ ମାନସ କବିତା ? ମାତ୍ର ତୁମେ କ'ଣ ସତରେ ଏ କବିତା ପଢ଼ିଛ କବି ?

ନିବିଶ୍ : କିଏ କହେ ତୁମେ ମୋ ମାନସ କବିତା ହୋଇ ରହିଯିବ ବୋଲି, ତୁମେ ମୋ କବିତାର ପ୍ରେରଣା ଓ ଉତ୍ସ। ତୁମେ ମୋ କବିତାର ପ୍ରତିଟି ଶବ୍ଦ, ଧାଡ଼ି ଏବଂ ପଂକ୍ତି। ତୁମେ ମୋ ଜୀବନର ଅର୍ଥ ଏବଂ ସବୁରି ମାନେ।

ରୀତା ସତ କହୁଛ କବି ! ଏହା ଛଳନା ନୁହେଁତ ?

ନିବିଶ୍ ନା'।

ରୀତା : ମୋ ଦେହ ଛୁଇଁଲ।

ନିବିଶ୍ : ନା'। ଏବେ ନୁହେଁ, ଦେହ ଛୁଆଁର ବେଳ ଆସୁଛି। (ସ୍ମିତହାସ୍ୟେ) ତା' ପୂର୍ବରୁ.....

ରୀତା : ଛିଃ, ତା' ପୂର୍ବରୁ ଯଦି ମୁଁ ମରିଯାଏ ?

ନିବିଶ୍ : ସେଇଟା ତ' ଅଦୃଶ୍ୟ ହାତ। ମୋ କଥା ବା ତୁମ କଥାର ଗ୍ୟାରେଣ୍ଟି ନାହିଁ।

ରୀତା ତଥାପି।

ନିର୍ବିଶ୍ କ'ଣ ଭାବୁଛ ?

ରୀତା କ'ଣ ଭାବିବି ? ... ଏଇ ଭୁଲିଯିବେ ବୋଲି ଭାବୁଛି ?

Digitized by srujanika@gmail.com

ନିବିଶ୍ : ମୁଁ ତୁମ ପାଇଁ କୋଣାର୍କ ଗଢ଼ିବି; ତାଜମହଲ ଗଢ଼ିବି। ଆଉ ତମ ସ୍ମୃତିରେ ଲାଙ୍ଗୁଳା ନରସିଂହ ଦେବ, ନୋହିଲେ ଶାହାଜାହାନ୍ ହେବି।

ରୀତା : ନାଁ କବି। ସେ କଥା କୁହନାହିଁ, ମୁଁ ପ୍ରେତାତ୍ମା ହୋଇଯାଏ ପଛେ, ମାତ୍ର ତୁମେ ମୋ ଲାଗି ପ୍ରେତ ନ ହୁଅ।

ନିବିଶ୍ : ତେବେ ଏପରି ପ୍ରଶ୍ନ ମାନେ କ'ଣ ରୀତା ?

ରୀତା : ଅନେକଙ୍କ ଆଖିର ଲୋଲୁପ ଦୃଷ୍ଟିରେ ପଡ଼ିଛି ମୁଁ କବି। ମାତ୍ର ମୁଁ କାହାର ହେବାକୁ ଚାହେଁ ନାହିଁ। କେବଳ.....।

ନିବିଶ୍ : ରୀତା।

ରୀତା : ତୁମେ ଯାଅ କବି, ତୁମେ ମୋ ପାଇଁ ଦେହ ଓ ମନ ସର୍ବସ୍ୱ।

ନିବିଶ୍ : ମୁଁ ଆସୁଛି ରୀତା। (ପ୍ରସ୍ଥାନ। ସିଆଡ଼କୁ ଚାହିଁଛନ୍ତି ରୀତା। ପୁଣି ସେଇ ସଙ୍ଗୀତର ମୂର୍ଚ୍ଛନା। ଦୃଶ୍ୟ ପରିବର୍ତ୍ତନ। ତନ୍ଦ୍ରା ଭାଗିଛି ନିବିଶ୍ଙ୍କର। ଟା' କପେ ଧରି ଛିଡ଼ା ହୋଇଛି ଗୀତା।)

ନିବିଶ୍ : ଗୀତା ତୁମେ ! ସୂର୍ଯ୍ୟମଣି ଗଲା କୁଆଡ଼େ ?

ଗୀତା : ନାହାଁନ୍ତି।

ନିବିଶ୍ : ନାହାଁନ୍ତି। ମାନେ, ବଜାରକୁ ଯାଇଛି ? ଠିକ୍ ଅଛି, ବସ। ତୁମେ ସଙ୍ଗେ ମୋର କିଛିଟା କଥା ଅଛି। ଆରେ ? ବସୁନ କାହିଁକି ? ଏଯାଏଁ ଆମଘରେ ତୁମେ ଚଳ ପ୍ରଚଳ ହେଉଥିଲେ ହେଁ, ଆମେ ଆମକୁ ଜାଣିବାର ଅବକାଶ ପାଇନାହେଁ। ଏହାର ମାନେ ନୁହେଁ ଯେ ମୁଁ ଆବଶ୍ୟକ ମନେକରିନାହିଁ। କିନ୍ତୁ ତୁମକୁ ପଢ଼ିବାକୁ ମୋର ଆବଶ୍ୟକତା ଥିଲା। ତୁମକୁ କିଛି ପ୍ରଶ୍ନ ପଚାରିବାକୁ ଚାହେଁ, ପଚାରିବି ?

ଗୀତା ......।

ନିବିଶ୍ ଭୟ କରନାହିଁ।

ଗୀତା ....।

ନିବିଶ୍ : ମୁଁ ଜଣେ ମଣିଷ, ମାତ୍ର ଟିକିଏ ଦରଦ ଦେବାରେ ବା ନେବାରେ

Digitized by srujanika@gmail.com

ମୋର ଆଗ୍ରହ। ମୁଁ କେବେ କହିବି ନାହିଁ ଯେ ମୋର କୌଣସି ଦୁର୍ବଳତାକୁ ତୁମେ ସ୍ୱୀକୃତି ଦିଅ।

ଗୀତା ..... କବି !

ନିବିଶ୍ : ଅନ୍ତତଃ ଏମିତି ଭୟ ତୁମଠି ନରହୁ। ଆରେ...... ପୁଣି ଛିଡ଼ା ହୋଇଛ। ସେମିତି ହେଲେ ତୁମକୁ ମୋର କିଛି ପ୍ରଶ୍ନ ପଚାରିବାରେ ନାହିଁ। ଦୁଃଖ ପାଉଥିଲେ, ତୁମେ ଯାଇପାର।

ଗୀତା ....।

ନିବିଶ୍ : ତୁମେ ଯାଇପାର ଗୀତା।

ଗୀତା : ଆପଣ ?

ନିବିଶ୍ : ମୁଁ କିଛି ଭାବୁନାହିଁ । ଦୁଃଖ ବି ନାହିଁ। ତୁମକୁ ତିଳେ ମାତ୍ର ଦୁଃଖ ଦେବାକୁ ମୋର ଇଚ୍ଛାନାହିଁ। ଦୁଃଖ ସମସ୍ତଙ୍କର ଅଛି, ମୋ ମନରେ ମଧ୍ୟ ଦୁଃଖ ଅଛି।

ଗୀତା .....କବି !

ନିବିଶ୍ : ହଁ , ସୂର୍ଯ୍ୟମଣି ଠାରୁ ତୁମେ କିଛି ଆଭାସ ପାଇଛ। ତାହାହିଁ ଯଥେଷ୍ଟ। ତୁମେ ବୁଝି ପାରିବନି ଗୀତା, ତୁମେ ଏ ଘରେ ପାଦ ଦେଲାଦିନଠାରୁ ମୁଁ କି ଶାନ୍ତିରେ ଅଛି, ଆନନ୍ଦରେ ଅଛି। ତୁମ ଉପସ୍ଥିତି ମୋତେ ଗୋଟେ ନୂଆଜୀବନ ଦେଇଛି।

ଗୀତା : କବି !

ନିବିଶ୍ : ହଁ, ଗୀତା ଏକଥା ମନେ ରଖିବ ଯେ କୌଣସି ସଂପର୍କ ଯୋଡ଼ିବା ପୂର୍ବରୁ ଆମେ ସବୁ ଭାଇ ଓ ଭଉଣୀ। ବୟସକ୍ରମେ କେହିବା ମଉସା ମାଉସୀ, ଏଇ ଦୃଷ୍ଟିରୁ ତୁମେ ମୋ ଭଉଣୀ। ମୁଁ ତୁମର କୌଣସି କ୍ଷତି କିରପାରେନା, ଗୀତା। କିନ୍ତୁ କିପରି ସେବାରେ ଆସିବି, ତାହାହିଁ ଭାବୁଛି। ମୋତେ ତୁମେ ଏତିକି ସାହାଯ୍ୟ କର।

ଗୀତା : ଆପଣ.....।

Digitized by srujanika@gmail.com

ନିବିଶ୍ : ଆପଣ ଶବ୍ଦଟା ମାନ୍ୟତାର ଶବ୍ଦ ଗୀତା ! ସେହି ମାନ୍ୟତାର ବିଶ୍ୱାସରେ ହୃଦୟର କିଛି ବାର୍ତ୍ତା ଖୋଲିଦେଲେ କ୍ଷତି କ'ଣ ?

ଗୀତା ମୋ କାହାଣୀ ଶୁଣିବାକୁ ଆପଣଙ୍କର ଧୈର୍ଯ୍ୟ ନାହିଁ କବି ।

ନିବିଶ୍ ମୋର ଧୈର୍ଯ୍ୟ ଅଛି ଗୀତା, ତୁମେ କୁହ ।

ଗୀତା ହଁ , ମୁଁ ଜଣେ ପତିତା, ପରିତ୍ୟକ୍ତା,କଳଙ୍କିନୀ । ମୋ ଇତିହାସ ଶୁଣିଲେ ଆପଣମାନେ ମୋତେ ଘୃଣା କରିବେ, କବି ।

ନିବିଶ୍ ତୁମେ କ'ଣ (?) ସେଥିରେ ମୋର ଯାଏ ଆସେ ନାହିଁ, ମାତ୍ର ତୁମେ ମୋ ପାଇଁ ପବିତ୍ର । ମୁଁ ତୁମ ଭାଇ । ଏତିକି କ'ଣ ଯଥେଷ୍ଟ ନୁହେଁ । ତୁମେ ନିଃସଙ୍କୋଚରେ କହିଯାଅ ଗୀତା । ମୋତେ ତୁମକୁ ଆବିଷ୍କାର କରିବାକୁ ଦିଅ ।

ଗୀତା : ମୁଁ ବିବାହିତା ! ହଁ, ମୁଁ ଭଲ ପାଉଥିବା ମଣିଷଟି ମନ୍ଦିରରେ ମୋ ମଥାରେ ସିନ୍ଦୁର ଦେଇଛି । ମୋ ପରିବାରର ଇଚ୍ଛା ବିରୁଦ୍ଧରେ ମୁଁ ତାଙ୍କ ପାଖକୁ ଚାଲି ଗଲି । ମାତ୍ର..... ସେ ମୋର ନ ହେଲା । ଏମିତି ତ କେତେ କାହାଣୀ ? କ'ଣ ଶୁଣାଇବି ଆପଣଙ୍କୁ । ଆପଣଙ୍କର ବା ସେ ଧୈର୍ଯ୍ୟ କାହିଁ ?

ନିବିଶ୍ ତୁମେ ବିବାହିତା ! ଠିକ୍ ଅଛି । ମୁଁ ସବୁ ଶୁଣିବି । ମୋର ସେ ଧୈର୍ଯ୍ୟ ଅଛି । ମୋତେ ଗୋଟିଏ ପରେ ଗୋଟିଏ ସବୁ କାହାଣୀ କହିଚାଲ ।

ଗୀତା ତେବେ ଶୁଣନ୍ତୁ । (ଦୃଶ୍ୟ ପରିବର୍ତ୍ତନ - ସହଦୃଶ୍ୟ - ୧)

ଗୀତା : ମୁଁ ଆଉ ଲୁଚିଲୁଚି କେତେଦିନ ସିନ୍ଦୂର ପିନ୍ଧୁଥାଆନ୍ତି ସୁବ୍ରତ ? କେତେ ଦିନ ତୁମକୁ ଏମିତି ପ୍ରେମ କରୁଥା'ନ୍ତି ? ଦେଖ, ତୁମେ ଯାହା ଆଶା କରୁଥିଲ, ମୁଁ ପାରିବିନି ।

ସୁବ୍ରତ କିଛି ଯଦି ହୋଇ ନ ପାରିଲା, ସିନ୍ଦୂର ପୋଛିଦିଅ ଗୀତା । ତୁମକୁ ଯେଉଁ ଆଶାରେ ମୁଁ ସିନ୍ଦୂର ପିନ୍ଧାଇଥିଲି, ତାହା ଯେତେବେଳେ ନ ହୋଇପାରିଲା..... ?

ଗୀତା ସୁବ୍ରତ ! ଏ ତୁମେ କ'ଣ କହୁଛ !

Digitized by srujanika@gmail.com

ସୁବ୍ରତ : ହଁ, ହଁ, ମୁଁ କହୁଛି; ମୋ ପରିବାର କହୁଛି। ନୋହିଲେ ଜଳି ପୋଡ଼ି ମରିବାକୁ ହେବ।

ଗୀତା : ମୋତେ କିରୋସିନି ପକାଇ ଜୀଅନ୍ତା ଜାଳିଦିଅ ପଛେ ସୁବ୍ରତ ମାତ୍ର....।

ସୁବ୍ରତ : ତା' ମାନେ ତୁମେ କହୁଛ ଆମେ ଜେଲ ଭୋଗୁ। ଫାଶୀ ଖୁଣ୍ଟକୁ ଯାଉ, ଏଇୟା ନା' ?

ଗୀତା : ତା' ହେଲେ... ତୁମ ସିନ୍ଦୂର। ତୁମେ ଭଲ ପାଇବା..... ?

ସୁବ୍ରତ : ଛଳନା ବୋଲି ଭାବ, ଆଉ ଛଳନା ବାସ୍ତବ ହୋଇପାରିବ ଯଦି ତୁମେ ଉଠାଇ ଆଣିପାରିବ ମୋଞ୍ଚାଏ ଧନ, ଫୁଳାଏ ଦୌଲତ, ପାରିବ ?

ଗୀତା : ସୁବ୍ରତ ! ମୁଁ ତୁମକୁ ବିଶ୍ୱାସ କରିପାରୁନି ସୁବ୍ରତ ! ଏ ତୁମେ କ'ଣ କହୁଛ ? ମୋତେ କ୍ଷମା କର।

ସୁବ୍ରତ : କ୍ଷମା... ହାଃ ହାଃ...। ମନରେ ସଉଦା ସଙ୍ଗେ ଆଉ ଗୋଟେ ଯେ ସଉଦା ଅଛି, ଏଇଟା କିପରି ଭୂଲିଯାଉଛ ? ମୁଁ ମୋ ପରିବାରକୁ ତ୍ୟାଗ କରିପାରେନା। ମୋତେ ସେମାନଙ୍କ ଗହଣରେ ଅଲବତ୍ ବଞ୍ଚିବାକୁ ହେବ।

ଗୀତା : ଆଉ ମୁଁ....।

ସୁବ୍ରତ (ବେକରେ ଧକ୍କା ଦେଇ) ନ ପାରିଲେ ବଂଚିପାର, ମରିପାର, ମୋର ଆପତ୍ତି ନାହିଁ।

ଗୀତା ତୁମ୍ଭ ଗୋଡ଼ ଧରୁଛି ସୁବ୍ରତ। ମୋତେ ବଂଚିବାକୁ ଦିଅ। ମୁଁ ଏବେ ଘରୁ ଗୋଡ଼କାଢ଼ି ଚାଲିଆସିଛି, ଆଉ ଫେରିବାର ନାହିଁ ଏବଂ ମୁଁ ତମର ହୋଇ ସାରିଛି, ଆଉ ତୁମକୁ ସବୁ ଦେଇଦେଇଛି.....।

ସୁବ୍ରତ : କିଏ କହୁଥିଲା ତୁମକୁ ସବୁ ଦେବାକୁ ? କେଉଁ ଗ୍ୟାରେଣ୍ଟିରେ ତୁମେ ମୋତେ ସବୁ ଦେଇ ଦେଲ ? ତୁମ ବାପା ମା'ଙ୍କ ସ୍ୱୀକୃତି ନେଇଛ ? ମୋ ବାପାଙ୍କର ନେଇଛ ? ଏ ସିନ୍ଦୂର ମିଛ। ବିବାହ ପୂର୍ବରୁ ଯେ

Digitized by srujanika@gmail.com

ସୁବୁଝିଛି ଦେଇପାରେ, ସେ ଯେ କ'ଣ ହୋଇନପାରେ ? ଏଥିରେ ଅବିଶ୍ୱାସ କ'ଣ ଅଛି ?

ଗୀତା ସୁବ୍ରତ !

ସୁବ୍ରତ : ତୁମେ ନଷ୍ଟ ଚରିତ୍ରା !

ଗୀତା : ସୁବ୍ରତ !

ସୁବ୍ରତ ତୁମେ ଅନେକ ଶଯ୍ୟାରେ ନାୟିକା !

ଗୀତା ଏ ତୁମେ କ'ଣ କହୁଛ ?

ସୁବ୍ରତ ତା' ନ ହୋଇଥିଲେ ... ମୋ ସହିତ । ଏହିପରି ଅନେକ ଥାଇପାରନ୍ତି ତମର ! ଯା, ସେଠି ଅଭିନୟ କର ।

ଗୀତା : ଥାଉ ସୁବ୍ରତ, ଥାଉ ।

ସୁବ୍ରତ : ସୁବତ୍ର ପାଇଁ ମିଛିମିଛିକିଆ ବ୍ରତର ଆବଶ୍ୟକତା ନାହିଁ । ତୁମେ ତୁମ ରାସ୍ତା ଦେଖିପାର (ପ୍ରସ୍ଥାନ)

ଗୀତା : ସୁବ୍ରତ !

(ଦୃଶ୍ୟ ପରିବର୍ତ୍ତନ - ସହଦୃଶ୍ୟ - ୨)

(ଗୀତା ପ୍ରଥପ୍ରାନ୍ତରେ ଲକ୍ଷ୍ୟହୀନ ହୋଇ ବୁଲୁଥିବା ବେଳେ ପ୍ରବେଶ କରିଛନ୍ତି ଜଣେ ଅନାମଧେୟ ବ୍ୟକ୍ତି । ବୟସ୍କ । ଗୀତାଙ୍କୁ କିଛି ସମୟ ଅନୁକ୍ଷଣ କରିଛନ୍ତି ଏବଂ ଗୀତାଙ୍କର ବିବ୍ରତତା ଦେଖି ପଚାରିଛନ୍ତି ।)

ଅ ବ୍ୟକ୍ତି : କୁଆଡ଼ିକି ଯିବ ମା' ?

ଗୀତା : ଏଁ... ନାଇଁ.... ନାଇଁ କୁଆଡ଼େ ନାହିଁ ।

ଅ ବ୍ୟକ୍ତି : ତୁମ ଗାଁ.... ?

ଗୀତା : ହଁ ... ହଁ... ମୋ ଗାଁ...... ।

ଅ ବ୍ୟକ୍ତି : ଗାଁ ନା', କହୁନାହଁ ?

ଗୀତା : ମୋର ଗାଁକୁ ଫେରିବାର ନାହିଁ । ଆପଣଙ୍କୁ ମୋ ଗାଁ ନା' ଜଣାଇ ଆପଣଙ୍କର ବା ମୋର ଲାଭ ନାହିଁ ।

Digitized by srujanika@gmail.com

ଅ ବ୍ୟକ୍ତି : ତୁମେ କ'ଣ ଘରୁ ରଷିକି ଚାଲିଆସିଛ ? ନା' ଆଉ କ'ଣ ଅସୁବିଧା ଅଛି ?.... ହଁ , ହଁ, ଏମିତି ବେଳେ ବେଳେ ହୁଏ। ହଁ.... ତୁମେ ଚାକିରୀ ଫାକିରୀ ଖୋଜୁଛକି ? ଶିକ୍ଷିତା ପରି ଜଣାପଡୁଛତ !

ଗୀତା ...ହଁ, ମୁଁ ପାଠ ପଢ଼ିଛି। ବି.ଏ ଯାଏଁ ପଢ଼ିଛି। ଆପଣ ମୋତେ ଚାକିରି କରାଇ ପାରିବେ ?

ଅ ବ୍ୟକ୍ତି : ପାରିବି ମାନେ ! ଆଜି ହୋଇଗଲା ବୋଲି ବୁଝ । ତୋ' ବେଳା ଠିକ୍ ଅଛି ମା' । ଆ', ମୋ ସଙ୍ଗେ ଆ, ଆଜି ଜଣେ କମ୍ପାନୀ ମ୍ୟାନେଜରଙ୍କ ସହିତ ତୋ'ର ଇଣ୍ଟରଭ୍ୟୁ କରେଇଦେବା। ଇଣ୍ଟରଭ୍ୟୁ ମିଛ ମ', ଚାକିରୀ ହେଲା ବୋଲି ତୁ ବୁଝ, ହେଲେ ତୁ' ଚାକିରି କରିବୁ ତ ? ରଖି ପାରିବୁ ତ', ଚାକିରି ?

ଗୀତା ହଁ, ମଉସା।

ଅ ବ୍ୟକ୍ତି ତା' ହେଲେ ମୋ ସଙ୍ଗେ ଆସେ। ଆଜି ଗୋଟେ ହୋଟେଲ୍‌ରେ ଇଣ୍ଟରଭ୍ୟୁ ଅଛି। ଆ' ମୋ ସଙ୍ଗେ ଆ'। (ଉଭୟ ପ୍ରସ୍ଥାନ ଏବଂ ଦୃଶ୍ୟ ପରିବର୍ତ୍ତନ - ହୋଟେଲ କକ୍ଷ, ଅପେକ୍ଷାରତ ଗୀତା ଏବଂ ଅଜ୍ଞାତ ବ୍ୟକ୍ତି। କିଛି ସମୟ ଉତ୍ତାରୁ।)

ଅ.ବ୍ୟ ଏଯାଏ ଆସିଲେ ନାହିଁ ଗୀତା। ବୋଧେ କାଲି ଆସି ପାରନ୍ତି। ଏ ରାତିଟା ଆଜି ଏଠି ଆମକୁ ରହିବାକୁ ପଡ଼ିବ।

ଗୀତା : ଆମେ ଆପଣଙ୍କ ଘରକୁ ଚାଲିଗଲେ ?

ଅ.ବ୍ୟ : ମୁଁ ସେହି କଂପାନୀର ଏଜେଣ୍ଟ। ମୋ ଘର କେନ୍ଦୁଝର। ସଦାବେଳେ ମ୍ୟାନେଜରଙ୍କ ସହିତ ମୋତେ ଏଇଠି ଦେଖା କରିବାକୁ ହୁଏ। ଆମେ କାଲି ଚାଲିଯିବା। ଆଜି ଏଠି ଥାକିଯିବା।

ଗୀତା : ଆମେ ଏଠି.... !

ଅ.ବ୍ୟ କିଛି ଭୟ କରିବାର ନାହିଁ। ଚାକିରି କଲେ ଏମିତି ଜୀବନଯାପନ କରିବାକୁ ହୁଏ। କେତେକ ଲୋକଙ୍କ ସଂସ୍ପର୍ଶରେ ଆସିବାକୁ ହେବ। ମିଶିବାକୁ ହେବ। ତାଙ୍କ ସଙ୍ଗେ ବୁଲିବାକୁ ହେବ !

Digitized by srujanika@gmail.com

ଗୀତା : ତା'ମାନେ ମିଶିବାକୁ ହେବ ? ତାଙ୍କ ସଙ୍ଗେ ବୁଲିବାକୁ ହେବ ?

ଅ.ବ୍ୟ : ନା' ନା' ସେସବୁ ନୁହେଁ ଯେ ଅଫିସରଙ୍କର ମନନେଇ ପାରିଲେ, ମାନେ ମୁଁ କ'ଣ କହୁଥିଲି କି ?

ଗୀତା : ଆପଣ... ?

ଅ.ବ୍ୟ : ହଁ ହଁ, ତାଙ୍କ ଖୁସିବାସି ପାଇଁ ଏମିତି ବେଳେବେଳେ.. ଏଇ ଯେମିତି ଚାଲିଛି ।

ଗୀତା : (ଆବକ୍ ହୋଇ ଚାହିଁବା)

ଅ.ବ୍ୟ : ଓଃ ବୁଝିପାରୁନ ପରା । ଏଇମ ସବୁଥିପାଇଁ ଟିକେ ଟିକେ ମନୋରଞ୍ଜନ.... । ଏମିତି କିଣିନେଲେ ତ, ତୁମେ ଜଗତ ଜିତିଗଲ । ତୁମ ଚାକିରି ପକ୍‌କା । ଆଛା, ... ଆଛା, ସେତ ଅଫିସରଙ୍କ କଥା । କିଛି ନ ଭାବିଲେ ମୁଁ ଗୋଟିଏ କଥା କହନ୍ତି ଯେ' ?

ଗୀତା : ଆପଣ.... !

ଅ.ବ୍ୟ : ହଁ ମ, ମୁଁ କ'ଣ କହୁଥିଲିକି, ସମସ୍ତେ ଜାଣିବାକୁ ତୁ ମୋ ଝିଅ । ମୁଁ ତୋ ବାପା । ହେଲେ ଏମିତି ଟିକେ ଟିକେ ଖୁସିବାସି ପାଇଁ..... ?

ଗୀତା : ଆପଣ.... ?

ଅ.ବ୍ୟ : ହଁ ନିଶ୍ଚୟ ବୁଝିପାରୁଛୁ । ସେମିତି ଚାଲେ ମ, ଦୁନିଆଟା ସେମିତି ଚାଲିଛି ନା' ! ସେସବୁ କିଛି ନାହିଁ ମ । ହେଇ ତୋ ଚାକିରିଟା ମୋତେ ଲାଗିଲା, ନୋହିଲେ..... ?

ଗୀତା : ଆପଣ ମୋ ପିତା ସମାନ.... !

ଅ.ବ୍ୟ : ହେଲା, ମୁଁ କ'ଣ ମନାକରୁଛି । ତୋ ବାପା ବି ଏଥିରୁ ବାଦ୍ ଯାଇନଥିବ ନା' ?

ଗୀତା : ନା', ମୁଁ ପାରିବି ନାହିଁ । ମୋତେ ଯିବାକୁ ଦିଅନ୍ତୁ । ମୋର ଚାକିରି ଦରକାର ନାହିଁ ।

ଅ.ବ୍ୟ ହେଲେ ରାତିରେ କୁଆଡ଼େ ଯିବୁ ? ଏଠି ଏମାନଙ୍କୁ କହିଛି ତୁ ମୋ ଝିଅ । ଅଧିକ ପାଟିତୁଣ୍ଡ କଲେ, ମୋ ସହିତ ତୋର ବି ମୁକ୍ତି ନାହିଁ ।

Digitized by srujanika@gmail.com

ଦୁହେଁ ବନ୍ଧାବନ୍ଧି ହୋଇ ଜେଲ ଯିବା। ସେଇଠୁ ଖବର କାଗଜ କଥା ଜାଣୁଥିବୁତ! ଏଡ଼େ ଏଡ଼େ ଅକ୍ଷରରେ ଯାହା ବାହାରିବ। ଏଣୁ ସବୁ ଚୁପ୍‌ଚାପ୍। ଏଇ ରାତିଟା ଏଇଠି ଭଲରେ ଭଲରେ ନିଶ୍ଚୟ... କଟିଯାଉ!

ଗୀତା (କିଛି ଭାବି) ଆପଣ ଚାକିରି ନିଶ୍ଚୟ କରିଦେବେ?

ଅ.ବ୍ୟ : ନିଶ୍ଚୟ, ନିଶ୍ଚୟ। ନୋହିଲେ ଅପରାଧୀ ହେବିନାହିଁ। ଯାହାହେଉ, ଏତେବେଳକୁ ବୁଝିଲୁ। ସବୁ ଚାକିରି ଏମିତି ମ। ନୋହିଲେ ପରା ଲକ୍ଷ ଲକ୍ଷ ଟଂକା ଲାଗିବ? ତଥାପି·କୋଉ ହଉଛି... ଏମିତି ପରା ମାରିନେଲେ ମହାପାତ୍ରେ...।

ଗୀତା : ଆପଣ କିଛି ଖରାପ ଭାବିବେ ନାହିଁ ?

ଅ.ବ୍ୟ : ଏ କି କଥା କହୁଛ ମ!

ଗୀତା : ମୁଣ୍ଡଟା ମୋର ଖୁବ୍ ଜୋର୍‌ରେ.....।

ଅ.ବ୍ୟ : ବିନ୍ଧୁଛି.... ଠିକ୍ ଅଛି। ଏଇଲାଗେ ଗୋଟାଏ ଅମୃତାଞ୍ଜନ ନେଇଆସୁଛି।

ଗୀତା : (ସ୍ମିତହାସ୍ୟ)

ଅ.ବ୍ୟ ହଉ ଆସୁଛି। ଆଉ କିଛି। (ପ୍ରସ୍ଥାନ)

ଗୀତା : ନା' ଶୀଘ୍ର ଆସିବ। (ଅନ୍ତରାଳରୁ ସଂଗୀତର ମୂର୍ଚ୍ଛନା : ତୋ ସିନ୍ଦୂର ନେଇ ମାଗିଥିଲି ଯାହା, ଛଡ଼ାଇନେଲୁ ତୁ ତାହା.....। ଏହା ପରେ ଗୀତାଙ୍କ ପ୍ରସ୍ଥାନ। *ଦୃଶ୍ୟ ପରିବର୍ତ୍ତନ*)

ନିବିଶ୍ : ଧନ୍ୟ ତୁମ ଉପସ୍ଥିତି ବୁଦ୍ଧି ଗୀତା! ତୁମକୁ ତାରିଫ ନକରି ରହିପାରୁନି। ଏତିକିରେ କ'ଣ ସରିଲା, ନା' ଆଉ କିଛି ଅଛି?

ଗୀତା : ନା' ସରିନାହିଁ କବି। କହିବସିଲେ ରାତି ପାହିବ। ଏତେ ଗୁଡାଏ କହି ଲାଭ କ'ଣ? ଏଇଥିରୁ କ'ଣ କିଛି ଜାଣି ପାରୁନଥିବେ?

ନିବିଶ : କହିଛି, ତୁମେ ମୋ କାବ୍ୟର ଉପାଦାନ ଗୀତା। ଅନ୍ତତଃ ତୁମକେ ତୁମକେ.... ?

Digitized by srujanika@gmail.com

ଗୀତା : ତା'ପରେ ପଡ଼େ ଜଣେ ଟିକେଟ୍ କଲେକ୍ଟରଙ୍କ ହାବୁଡ଼େ।

ନିବିଶ : ଟିକେଟ୍ କଲେକ୍ଟର ?

ଗୀତା : ହଁ ଟିକେଟ କଲେକ୍ଟର। ଏମିତି ବିନାଟିକେଟ୍‌ରେ ଆସୁ ଆସୁ, ସେ ମୋତେ ଭଉଣୀ ବୋଲି ସମ୍ବୋଧନ କରିଥିଲେ। ଠିକ୍ ଆପଣ ଯେପରି କହୁଛନ୍ତି ମୋତେ। ପୁଣି ସେଇ ନଗ୍ନଚିତ୍ର,..... ଛାଡନ୍ତୁ କବି। ନ କହିବା ଭଲ। କେବଳ ସତୀତ୍ୱକୁ ଧରି ଦୌଡୁଛି।

ନିବିଶ : ଆହୁରି ଅଛି ?

ଗୀତା : ତା'ପରେ ଏକ ନେପାଳୀ ଦରୱାନ, ଯିଏ କି ପାଞ୍ଚଟି ସନ୍ତାନର ଜନକ......।

ନିବିଶ୍ : ସେ ବି ତୁମକୁ..... ?

ଗୀତା : ସବୁଠୁ ଅକଥନୀୟ ବ୍ୟବହାର।

ନିବିଶ୍ : ଥାଉ ଗୀତା। ସେତିକି ଯଥେଷ୍ଟ। ତେବେ ତା'ପରେ.... ?

ଗୀତା : ଏଇ ବିଜୟବାବୁଙ୍କ ଘରେ ଚାକରାଣୀ ହିସାବରେ।

ନିବିଶ୍ ଚାକାରାଣୀ !

ଗୀତା : ହଁ, ଯୋଗ୍ୟତା ଦେଖାଇ ଚାକିରୀ ମିଳିବା ଯେତେବେଳେ ସମ୍ଭବ ନହେଲା, ଆଉ କରିଥା'ନ୍ତି କ'ଣ ? ସେଠି...

ନିବିଶ୍ : ସେଠି ତୁମେ ପହଞ୍ଚିଲ କିପରି ?

ଗୀତା : ସେ ଇତିହାସ ଆଉ ପଚାରନ୍ତୁ ନାହିଁ। ସବୁଠି କିଛି ନା' କିଛି ପ୍ରତିଶ୍ରୁତି।

ନିବିଶ୍ : ଆଚ୍ଛା, ରୁନିର ଘରେ..... ମାନେ ସେମିତି କିଛି ଅଘଟଣ.... ?

ଗୀତା : କୋଉଠି ବାଦ୍ ଯାଇନି ସାର୍। ରୁନି ଘରେ ରୁନି ଓ ତା' ଭାଇ ବିଜୟ ମାତ୍ର ଦୁଇଜଣ। ବିଶ୍ରାନ୍ତ ବିଜୟଙ୍କର ବନ୍ଧୁ। ମୁଁ ତାଙ୍କ ଘରେ ସବୁକାମ କରେ। ସେ ଘରକୁ ନିଜର ଭାବିଥିଲି। ସମସ୍ତଙ୍କ ଅନୁପସ୍ଥିତିରେ ମୁଁ ସେ ଘର ଜଗେ। ବିଶେଷକରି, ରୁନି କଲେଜ ଗଲାବେଳେ, ମୁଁ ଏକା ରୁହେ। ତାଙ୍କୁ ମୁଁ ମୋ ମନ କଥା ସବୁ କହେ। କିନ୍ତୁ.....

Digitized by srujanika@gmail.com

ନିବିଶ୍ : ଗୋଟିଏ କଥା କହିପାର ନାହିଁ, ନୁହେଁ ?

ଗୀତା : ଆପଣଙ୍କର ଅନୁମାନ ଠିକ୍ ହୋଇପାରେ କବି । ରୁନିଙ୍କର ଅନୁପସ୍ଥିତିରେ, ଏ ଦୁଇଜଣଙ୍କର, ମୋ ପ୍ରତି ବଳତ୍କାର, ଶାରୀରିକ ଅତ୍ୟାଚାର ।

ନିବିଶ୍ : ଏକଥା ତୁମେ ରୁନିକୁ କୁହନା କାହିଁକି ?

ଗୀତା : ରୁନିଙ୍କ ଆଖିରେ ଘୃଣାର ପାତ୍ର ହେବି ନାହିଁ ବୋଲି । ପୁଣି ଭୟ ଯେ, କାଳେ ମୁଁ ତାଙ୍କ ଘରୁ ବାହାରି ଯିବି !

ନିବିଶ୍ : ତାଙ୍କ ଘରେ ଅଧ୍ୟାପକ ଆଶିଷ୍ ରୁନିକୁ ପଢ଼ାନ୍ତି ନା' ?

ଗୀତା : ହଁ, ସେ ଖୁବ୍ ଭଲ ଲୋକ । ଭଦ୍ର ଲୋକ ବି । ସେ ମୋ ପାଇଁ ଚାକିରିଟିଏ କରାଇ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ହେଲେ ତା' ପୂର୍ବରୁ....

ନିବିଶ୍ : ତୁମେ ଘର ଛାଡ଼ିଲ । ସମ୍ଭାଳିଗଲ ନାହିଁ କିଛି ଦିନ ?

ଗୀତା : ମୋତେ ବହୁତ ଭୟ ଲାଗିଲା ।

ନିବିଶ୍ : କୋଉ କଥାକୁ ?

ଗୀତା : କାଳେ ମାତୃତ୍ୱ.... ।

ନିବିଶ୍ : ଗୀତା ! ତୁମେ କ'ଣ କେବେ ମାତୃତ୍ୱ..... ?

ଗୀତା : ନା', ଭଗବାନଙ୍କ ଦୟାରୁ ମୁଁ ବଞ୍ଚିଯାଇଛି । ମୋର ଏଥିକୁ ଭାରି ଡର । ତା' ହେଲେ ତ' ମରିଯିବି । ଏମିତି ହୋଇଥିଲେ, ଆତ୍ମହତ୍ୟା ତ' କେବେଠୁ କରିସାରନ୍ତାଣି ।

ନିବିଶ୍ : ଗୀତା !

ଗୀତା : ହଁ, କବି । ଜଣଙ୍କର ସବୁଦିନ ହେବି ବୋଲି ବିଶ୍ୱାସରେ ଏ ଦେହ ଏବଂ ମନ ବାନ୍ଧିଦେଇଥିଲି । ମାତ୍ର ତା'ର ହୋଇପାରିଲି ନାହିଁ । ହେଲେ ଚାକିରି ମୋହରେ ଦେହ ଆପଣାଛାଏଁ ଅନେକ ଜାଗାରେ ବନ୍ଧା ପଡ଼ିଗଲା । ଖାସ୍, ଏଇ ବଞ୍ଚିବାର ଆଶାରେ । ଆଉ ଯେତେବେଳେ ଦେଖିଲି, ବିଜୟ

Digitized by srujanika@gmail.com

ଓ ବିଶ୍ରାନ୍ତ ମୋତେ ଛାଡ଼ିବେ ନାହିଁ ଏବଂ ମୋ ମାତୃତ୍ୱ ପ୍ରତି ମୋର ଭୟ ଜାତ ହେଲା, ମୁଁ ଭାବିଲି, ଆଉ ବଞ୍ଚିରହି ଲାଭ କ'ଣ ?

ନିବିଶ୍ : ତା ମାନେ..... ?

ଗୀତା : ଆଉ କେଉଁଠିକି ଫେରିବାର ଯେତେବେଳେ ପ୍ରଶ୍ନ ଉଠୁନଥିଲା ।

ନିବିଶ୍ : ତୁମେ ସେଦିନ ଯାଉଥିଲ କୁଆଡ଼େ ?

ଗୀତା : ଏଇ ଆତ୍ମହତ୍ୟା ପାଇଁ..... ।

ନିବିଶ୍ : ଆତ୍ମହତ୍ୟା !

ଗୀତା : ଦୁନିଆଟାରେ ସମସ୍ତେ ମାଂସଲୋଭୀ କଚି, ବିଶେଷକରି ଏଇ ପୁରୁଷ ଜାତି । ହୃଦୟର ଦୁଃଖଶୁଣିବାକୁ କେହି ଜଣେ ନାହିଁ । ସମସ୍ତେ ଅସହାୟତାର ସୁବିଧା ମାରିବାକୁ ଚାହାନ୍ତି । ମୋତେ ଆଉ କାହାକୁ ଚିହ୍ନିବାର ବାକିନାହିଁ ।

ନିବିଶ୍ : ତୁମେ.... ।

ଗୀତା : ହଁ, ମୋତେ କେହି ଆବିଷ୍କାର କରିବା ପୂର୍ବରୁ ମୁଁ ଚାହିଁଥିଲି ଆତ୍ମହତ୍ୟା କରିବି ବୋଲି । ହେଲେ ତା' ପୂର୍ବରୁ ଏମାନେ ମୋତେ ଆବିଷ୍କାର କରିନେଲେ.... । ମୋର ପିଛାକଲେ, ବାକିସବୁ ଆପଣ ଜାଣନ୍ତି । ଆପଣ ନଥିଲେ.... ।

ନିବିଶ୍ : ତୁମେ ଆତ୍ମହତ୍ୟା କରିଥାନ୍ତ ନା' ?

ଗୀତା : ତାହା ହିଁ ମୋ ପାଇଁ ଏକମାତ୍ର ପନ୍ଥା ଥିଲା ।

ନିବିଶ୍ ନା', ସେକଥା କହିବ ନାହିଁ ଗୀତା । ତା' ହେଲେ ତୁମେ ହାରିଯିବ । ଏ ନାରୀ ଜାତି କେବଳ ଶିକାର ହୋଇଚାଲିଥିବ । ନାରୀର ମର୍ଯ୍ୟାଦା ଦରକାର, ସମ୍ମାନ ଦରକାର । ଆମକୁ ସଂଗ୍ରାମ କରିବାକୁ ହେବ ।

(ସୂର୍ଯ୍ୟମଣି ପ୍ରବେଶ । ହାତରେ ପରିବା ବ୍ୟାଗ ।)

ସୂର୍ଯ୍ୟମଣି : ମଲା ମଲା ସଂଗ୍ରାମ କରିବ ନାହିଁ ? ନିଶ୍ଚୟ କରିବ ? କଲମ ଧରିକି କରିବ ? ସେଇଟା ତ ମରିକି ଦେହରେ ଲାଗୁଛି ଯେ, କିଛି କରିପାରୁନାହଁ । ଆଉ ଯେଉଁଗୁଡ଼ାକ ମାରିଲେ, ତାଙ୍କର କିଛି

Digitized by srujanika@gmail.com

କରିପାରିଲ ନାହିଁ। କ'ଣ ନା କଲମ ଧରିଛି, କଲମରେ ଦୁନିଆଟା ଓଲଟାଇ ଦେବ ପରା !

ନିବିଶି : ସୂର୍ଯ୍ୟମଣି !

ସୂର୍ଯ୍ୟ : ଥାଉ ନଣ୍ଡସଣ୍ଡ। ତୁମର ତ ସବୁକଥାକୁ ଗୁଡ୍, ଭେରିଗୁଡ୍, ଆଉ ନଣ୍ଡସଣ୍ଡ। ଏ କବିଗୁଡାକ କେମିତିକା ନଣ୍ଡସଣ୍ଡିଆ ଲୋକ କେଜାଣି (ଗୀତାପ୍ରତି) ଉଠିଲ ଦେଇ, ସଂଧ୍ୟାଟା ହେଲାଣି। ସଂଜ ଲଗେଇଦେବ।

ନିବିଶ : ସୂର୍ଯ୍ୟମଣି !

ସୂର୍ଯ୍ୟ : କ'ଣ କଥା ହେଉଛ ପରା ନଣ୍ଡସଣ୍ଡ। ହେଉ, ତୁମେ ଥା ଦେଇ, ମୁଁ ସଂଜଟା ଲଗେଇ ଦେଉଛି। ମୁଁ ଏଠି ରହି ତୁମ କଥାରେ କାହିଁକି ନଣ୍ଡସଣ୍ଡ କରିବି।

ଗୀତା : ନା', ଚାଲ ସୂର୍ଯ୍ୟମଣି (ଗୀତା ଓ ସୂର୍ଯ୍ୟପ୍ରସ୍ଥାନ)
(ସେ ଆଡକୁ ଚାହିଁ ରହିଥିଲେ ନିବିଶ)

ଯବନିକା

Digitized by srujanika@gmail.com

ତୃତୀୟ ଦୃଶ୍ୟ

(ବିଜୟ ପଟ୍ଟନାୟକଙ୍କ ବାସଭବନ । ସାଧାରଣ କକ୍ଷ । ଶୂନ୍ୟକୋଠରୀ । ମଞ୍ଚ ଆଲୋକିତ ହୁଏ । ବିଶ୍ରାନ୍ତଙ୍କ ପ୍ରବେଶ ଏବଂ ଚୌକି ଉପରେ ଆସୀନ । ଇତସ୍ତତଃ ଦୃଷ୍ଟି । କିଛି ସମୟ ଉତ୍ତାରୁ ପ୍ରବେଶ କରନ୍ତି ରୁନି ଏବଂ ବିଶ୍ରାନ୍ତକୁ ଦେଖି ।)

ରୁନି : ତୁମେ ଏଠି କାହିଁକି ? କାହିଁକି ଏ ରାତିରେ ଆସିଛ ଆମ ଘରକୁ । ତୁମର ଭାଇଙ୍କଠି କାମ । ସେ ନାହାଁନ୍ତି । ତୁମେ ଚାଲିଯାଅ ।

ବିଶ୍ରାନ୍ତ : ମୋର ତୋ ଭାଇଙ୍କଠି କାମ ନାହିଁ, ରୁନି । ମୋର ତୋ'ଠି କାମ । ଆଜି ତୋର ମୋର ହିସାବ ।

ରୁନି : ହିସାବ ? କୋଉ ହିସାବ ?

ବିଶ୍ରାନ୍ତ : ମନେପକା ସେଦିନ କଥା । କହିଥିଲି - ତୁ' ମୋର ନହେଲେ କାହାର ହୋଇପାରିବୁ ନାହିଁ ।

ରୁନି : ବିଶ୍ରାନ୍ତ ଭାଇ !

ବିଶ୍ରାନ୍ତ : ନା' ଭାଇ କୁହନା' ? ତୁମେ କୁହ... । ଆପଣ ବି ନକୁହ, ସେହି ତୁମେ କୁହ ।

ରୁନି : ତୁମେ ଯିବ, ନା' ଏଇନେ ଚିଲ୍ଲେଇବି ?

ବିଶ୍ରାନ୍ତ : ନା', ମୋତେ ଚିହ୍ନାନାହିଁ । ଚିଲ୍ଲେଇଲେ, ତୋ ପାଇଁ ଏ ରାତି କାଳ

Digitized by srujanika@gmail.com

ରାତି ହୋଇଯିବ, ଠିକ୍ ଯେମିତି ଗୀତାର ଠିକଣା ନାହିଁ, ତୋ' ଠିକଣା ହଜିଯିବ !

ରୁନି : ତା'ମାନେ ତୁମେ ଗୀତାକୁ .... ?

ବିଶ୍ରାନ୍ତ : ଅନୁମାନ ଠିକ୍। ବିଲକୁଲ୍ ଠିକ୍। ଆଉ ସେଥିରେ ତୋ' ଭାଇ ଏବଂ ମୋର ହିସାବ ବି ଫିଫ୍ଟି ଫିଫ୍ଟି ଠିକ୍।

ରୁନି : ମାନେ, ତୁମେ ତାକୁ.... ?

ବିଶ୍ରାନ୍ତ : କଥାଟା ଆଉ ଆଗକୁ ବଢ଼ାନା। କ'ଣ କହୁଛୁ ? ସମସ୍ତଙ୍କ ଅଜଣାତରେ, ଆଉ ତୋର ମୋର ଜାଣତରେ, ତୁ, ମୋର ହୋଇ ରହିବୁ ନା', ଏଇଠି ରଫାଦଫା କରିଦେବା ?

ରୁନି : ତୁମେ ମୋତେ କ'ଣ ଭାବିଛକି ?

ବିଶ୍ରାନ୍ତ : ମୁଁ ଯାହା ଭାବିଛି ତୁ' ଜାଣୁ। କୁହ ମୋର ହେବୁ କି ନା' ?

ରୁନି : ନା'।

ବିଶ୍ରାନ୍ତ : କ'ଣ କହିଲୁ ନା' ? (ରୁନିକୁ ଧରିବାକୁ ଉଦ୍ୟତ। ରୁନିର ପଳାୟନ ରାଜରାସ୍ତାକୁ। ପଛେପଛେ ଅନୁଧାବନ କରନ୍ତି ବିଶ୍ରାନ୍ତ। ରାଜରାସ୍ତାରେ ଭେଟନ୍ତି ଗେଣ୍ଡୁଗୁଡ଼ ଓ ଗେଣ୍ଡୁଗୁଡ଼ଙ୍କ ପ୍ରତିରୋଧ କରିବାର ପ୍ରଚେଷ୍ଟା।)

ରୁନି : ମୋତେ ସାହାଯ୍ୟ କର ଗେଣ୍ଡୁଗୁଡ଼.... କିଏ ଅଛ ମୋତେ ଟିକିଏ ବଞ୍ଚାଅ। (ପୁନଶ୍ଚ ପଥଭଗ୍ନ। ମଞ୍ଚରୁ ଅପସରି ଯାଆନ୍ତି ସେମାନେ। ଅନ୍ତରାଳରୁ ସେଇ ଦୁଃଖଦ ଯନ୍ତ୍ରଣାର ସ୍ୱର - ବଞ୍ଚାଅ ବଞ୍ଚାଅ ବଞ୍ଚାଅ।)

ଗେଣ୍ଡୁଗୁଡ଼ : ଆରେ ଗେଣ୍ଡୁଗୁଡ଼ ଧୁସୁମ୍ ଧୁଷୁମ୍.... ସେଇଟାକୁ ମାରିଦେଲାରେ, ମାରିଦେଲା। (ସେ ସ୍ୱରଆଡ଼କୁ ଦୌଡ଼ନ୍ତି ଗେଣ୍ଡୁଗୁଡ଼ ଏବଂ ପ୍ରବେଶ କରନ୍ତି ବିକ୍ରମ ଓ ଶ୍ୟାମଳେନ୍ଦୁ)

ବିକ୍ରମ : ଏଇଟା ବୋଧେ.... ରୁନିର ସ୍ୱର ହୋଇପାରେନା' ?

Digitized by srujanika@gmail.com

ଶ୍ୟାମଳେନ୍ଦୁ : ହୋଇପାରେ, ନହୋଇପାରେ ବି ?

ବିକ୍ରମ : ତେବେ ସେ ଯାହାର ହେଉ, ତୁମେ ଆସିଲ ଆଗେ । (ପ୍ରସ୍ଥାନ) (କିଛି ସମୟ ପରେ ବିକ୍ରମ ଓ ବିଶ୍ରାନ୍ତ ଦୌଡ଼ାଦୌଡ଼ା ହୋଇ ଆସନ୍ତି । ପ୍ରତିହତ କରିପାରନ୍ତି ନାହିଁ ବିକ୍ରମ । କିଛିଟା ସଂଗ୍ରାମ । ତା' ପରେ ଉଭୟଙ୍କ ପ୍ରସ୍ଥାନ । ପୁନଶ୍ଚ ଦୃଶ୍ୟ ପରିବର୍ତ୍ତନ - ପୁଣି ସେହି କକ୍ଷ । ମୁମୂର୍ଷୁ ଅବସ୍ଥାରେ ରୁନିକୁ ଧରି ବିଜୟଙ୍କ ଘରେ ପ୍ରବେଶ କରନ୍ତି ବିକ୍ରମ ଏବଂ ଶ୍ୟାମଳେନ୍ଦୁ । କିଛି ସମୟ ପରେ ପ୍ରବେଶ କରନ୍ତି ବିଜୟ ।)

ବିଜୟ : (ରୁନିକୁ ଦେଖି ଏବଂ ଦୁଃଖରେ) ରୁନି !

ରୁନି ଭାଇ ।

ବିଜୟ : ତୋ'ର ଏ କ'ଣ ହେଲା ରୁନି ? କିଏ ଏ ଦଶା କଲା ? ମୋତେ କୁହ, ମୁଁ ତାକୁ କେବେବି କ୍ଷମା ଦେବିନି ? କୁହ ତୋତେ କିଏ ଏ ଦଶା ଦେଇଛି ?

ବିକ୍ରମ : ତୁମ ବନ୍ଧୁ ବିଶ୍ରାନ୍ତର ଶିକାର ହୋଇଛି ରୁନି । ଆଉ କିଏ କାହିଁ କରିବ ?

ଶ୍ୟାମଳେନ୍ଦୁ : ଠିକ୍ ସେଇଆ ବିଜୟ ବାବୁ । ରୁନିକୁ ଧର୍ଷଣ କରିନପାରି, ତାକୁ ଛୁରୀ ଭୁଷି ଦେଇଛି ବିଶ୍ରାନ୍ତ ।

ରୁନି : ହଁ ଭାଇ, ତୁମ ପାପପୂଣ୍ୟର ହିସାବ ମୋ ପ୍ରାୟଶ୍ଚିତରେ ଗଲା.... । ତୁମେ ମଣିଷ ହୋଇନାହଁ । ମୁଁ ତୁମ ସଂପର୍କରେ ସବୁ ଜାଣିସାରିଛି । ଏଇଥିପାଇଁ ତମ ଫଳ ମୋତେ ଭୋଗିବାକୁ ପଡ଼ିଲା । ତେବେ ଏତିକି... ମୋ କଥା ରଖିବ । ତମେ ବିଶ୍ରାନ୍ତ ଭାଇଙ୍କୁ.... ଆହଃ.... ଆହଃ..... । ହଁ ଭାଇ, ତୁମେ ଭୁଲ ବୁଝିଲେ ପଛେ ବୁଝ, ମୁଁ ସାର୍‌ଙ୍କୁ ଭଲପାଇ ଭୁଲ କରିଥିଲେ, ମୋତେ କ୍ଷମା ଦେବ । ମୁଁ ଏବେବି ସାର୍‌ଙ୍କୁ ଭଲପାଏ । ତାଙ୍କୁ ଏକଥା କହିଦେବା । ସାର୍, ଏଯାଏଁ ମୋର କିଛି କ୍ଷତି କରିନଥିଲେ । ତାଙ୍କୁ ପାପ ଆଖିରେ ଦେଖିବ ନାହିଁ । ସେ ଜଣେ ଆଦର୍ଶ ଶିକ୍ଷକ ହିସାବରେ ମୋ ପ୍ରେମକୁ, ମାନେ ମୁଁ ଯେତେ ପ୍ରକାଶ

Digitized by srujanika@gmail.com

କରିଥିଲେ ହେଁ, ଗ୍ରହଣ କରିନଥିଲେ। ତଥାପି କହିଦେବ ମୁଁ ତାଙ୍କୁ ଭଲ ପାଏ।

ବିଜୟ : ଗୁନି।

ଗୁନି : ମୁଁ ଯାଉଛି ଭାଇ। ଆଉ ଏ କଷ୍ଟ ନେଇ ବଞ୍ଚି ହେବ ନାହିଁ। ଯାହାହେଉ ଶେଷ ଦୁଇପଦ କଥା ହେବି ବୋଲି ମୋତେ ଭଗବାନ ଏଯାଏଁ ବଞ୍ଚାଇ ରଖିଥିଲେ... ଆହାଃ। (ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି ଗୁନି। ବିଳପି ଉଠିଛନ୍ତି ବିଜୟ। ଅନ୍ତରାଳରୁ ସଂଗୀତର ଦୁଃଖଦ ମୂର୍ଚ୍ଛନା - ଏଇ ମନ କେତେ ହଜେ, କେତେ ଖୋଜେ, କେତେ ପାଏ, କେତେ ପୁଣି ପାଏନା...। ପୁନଶ୍ଚ ପ୍ରକୃତିସ୍ଥ ହୋଇଛନ୍ତି ବିଜୟ। ଗୁନିର ଶବକୁ ଉଠାଇଛନ୍ତି କାନ୍ଧକୁ... ତା'ପରେ... ।)

ବିଜୟ : ନା' ବିଶ୍ରାନ୍ତ, ବନ୍ଧୁତ୍ୱର ସଂପର୍କରେ ଯେଉଁ କଳଙ୍କର କୁଠାରଘାତ କରିଛୁ, ମୁଁ ଆଜି ଗୁନିର ରକ୍ତରେ ଶପଥ କରି କହୁଛି, ମୁଁ ତୋତେ ଆଦୌ କ୍ଷମା ଦେବିନାହିଁ। ତୋର ନିସ୍ତାର ନାହିଁ ବିଶ୍ରାନ୍ତ....। ଆଉ ତୁ' ଗୀତା, ଖାସ୍ ତୋରିପାଇଁ ଏ ଯେଉଁ ମହାଭାରତ ଘଟିଚାଲିଛି, ସେଥିରୁ ମୁଁ ତୋତେ ଆଦୌ ମୁକ୍ତି ଦେବି ନାହିଁ, ଗୀତା। ତୋତେ କୋଉ ଅର୍ଜୁନ ରକ୍ଷା କରିପାରିବେ ନାହିଁ।... ଯାଉ, ଯାହା ହେବାର କଥା ହେଇଯାଉ, ଏ ନାଟକର ଯବନିକା ସବୁଦିନ ପାଇଁ ଟଣା ହେଇଯାଉ ତୋ'ର ମୃତ୍ୟୁରେ, ଗୀତା। ତୁ' ଯୋଉଠି ଲୁଚିଥିଲେ ବି, ତୋତେ ଆଉ ମୁହୂର୍ତ୍ତିଟିଏ ବଞ୍ଚିବାକୁ ଦେବିନାହିଁ। ଆଉ ଗୁନି ଯେତେବେଳେ ନାହିଁ, ଆଉ ତୁ' ବିଜୟ ଥାଇ ଲାଭ କ'ଣ ? କି ମୂଲ୍ୟ ଅଛି ତୋ' ଜୀବନରେ ? ତୋତେ ବି ତୋ କଥା ବିଚାରିବାକୁ ହେବ। ହେଲେ ଆଗ ଗୀତା।। (ପ୍ରସ୍ଥାନ। ଅନ୍ତରାଳରୁ ଏଇ ମନ କେତେ ହଜେ, କେତେ ଖୋଜେ....।)

ଯବନିକା

Digitized by srujanika@gmail.com

ଚତୁର୍ଥ ଦୃଶ୍ୟ

(ନିବିଶଙ୍କ କକ୍ଷ। ମଞ୍ଚ ଆଲୋକିତ ବେଳକୁ କବି ନିବିଶ ଏବଂ ଗୀତାଙ୍କର କଥୋପକଥନ।)

ନିବିଶ୍ : ତାହା ହେଲେ ଏମିତି ତୁମ କାହାଣୀ ? ଏମିତି ତୁମ ଜୀବନ ? ତମେ କ'ଣ ସତରେ ଆଉ ଫେରିଯିବାକୁ ଚାହଁନାହିଁ ଗୀତା ? ସତରେ କ'ଣ ତୁମର ଆଉ ସୁବ୍ରତ ପ୍ରତି ମାୟା.. ମମତା ନାହିଁ ?

ଗୀତା : ନା', ମୋଟେ ନାହିଁ। ମୋର ଆଖି ଖୋଲି ଯାଇଛି କବି। ମୁଁ ଦେଖିଛି ଭଲ ପାଇବାର ମାନେ ଏଠି କିଛି ନୁହେଁ। ଏଠି ଅର୍ଥ ପାଇଁ ମଣିଷ ପଶୁ, ଅନ୍ଧ। ବିବେକ ଶୂନ୍ୟ। ନାରୀର ମନ ଗହନରେ କେହି ପ୍ରବେଶ କରେନା। ତା' ଝଡ଼ କେହି ଦେଖେନା। ଏ ସମାଜରେ ଛବି ଅତି ଅଶ୍ଳୀଳ, ଅତି ନଗ୍ନ,ଏଠି ଖାଲି ନାରୀ ଶିକାର ହୋଇଚାଲେ। ଏଠି ମାନବିକତାବୋଲି କିଛି ନାହିଁ। ଅଛି ଲମ୍ପଟତା, ଛଳନା ଏବଂ ପ୍ରତାରଣା।

ନିବିଶ୍ : ଗୀତା !

ଗୀତା : ହଁ ମୁଁ କହୁଛି, ସେମାନେ କଦର୍ଯ୍ୟ, ବିଭ୍ରାନ୍ତ ଏବଂ ଭୟଙ୍କର।

ନିବିଶ୍ : ଗୀତା, ତା' ମାନେ ମୁଁ ମଧ୍ୟ ସେଥିରୁ ବାଦ୍ ଯାଏ ନାହିଁ।

ଗୀତା ....।

ନିବିଶ୍ ମୁଁ ତାହାହେଲେ ସେୟା ନା' ? ତା' ମାନେ, ତୁମର ମୋ ଉପରେ ବିଶ୍ୱାସ ...... ?

ଗୀତା ଆପଣ ଅନନ୍ୟ। ଏଯାଏଁ ଆପଣ ମୋ ପାଇଁ ଦେବତା। ଆଉ ବିଶ୍ୱାସରେ, ଦେବତା ହିଁ ରହିବେ। ମୁଁ ସେଇକଥା ଭାବେ।

ନିବିଶ : ସେଇ କଥା ମାନେ ?

Digitized by srujanika@gmail.com

ଗୀତା : ଆପଣ ଏକ ବ୍ୟତିକ୍ରମ।

ନିବିଶ : ନାଇଁ ଗୀତା, ମୁଁ ବି ଗୋଟାଏ ପୁରୁଷ, ମୁଁ ବ୍ୟତିକ୍ରମ ହୋଇପାରେନା'। ମୁଁ ବି ରକ୍ତ ମାଂସରେ ଗଢ଼ା, ମୁଁ ମଧ୍ୟ ଆଶା ଓ ଅଭିଳାଷ ନେଇ ଜନ୍ମ ହୋଇଛି। କିନ୍ତୁ ମୁଁ ଦେଖେ, ମୋ ପରି କାହାର ବି ଗୋଟାଏ ମନ ଅଛି; ଜୀବନ ଅଛି; ମୋ ସ୍ୱାର୍ଥ ପାଇଁ, କି ମୋ ଆନନ୍ଦ ପାଇଁ, କାହା ଉପରେ କର୍ତ୍ତୃତ୍ୱ ଜାହିର କରିବାରେ ମୁଁ କିଏ ? ମୋରପରି କାହାର ବି ଅଧିକାର ଅଛି ? କାହାମନରେ କଷ୍ଟ ଦେଇ କିଛି ହାସଲ କରାଯାଇ ପାରେନା,ଯଦି କରାଯାଏ, ମୁଁ ମୋ ଅଧିକାର ସାବ୍ୟସ୍ତରେ, ପନ୍ଥା ଭୁଲ କରିଛି ବୋଲି ବୁଝିବାକୁ ହେବ। ଯାହା ମୋ ପାଇଁ ଆନନ୍ଦ, ତାହା ଅନ୍ୟପାଇଁ ନିରାନନ୍ଦ ହେବା ଅନୁଚିତ। ଜଣଙ୍କର ଆନନ୍ଦ ଅନ୍ୟର ଦୁଃଖ ବା ଯନ୍ତ୍ରଣାରେ ପରିଣତ ନହେଉ। ଆନନ୍ଦର ଅନୁଭବରେ ସଂପୃକ୍ତ ବ୍ୟକ୍ତିମାନଙ୍କର ସମାନ ସହଯୋଗ ରହିବା ଦରକାର। ନୋହିଲେ ସବୁ ଅମୃତ, ବିଷମୟ ହେବ। ମୁଁ ବିବେକହୀନ ହୋଇପାରେନା ଗୀତା। ମୁଁ ପଶୁ ବା ଅମଣିଷ ହୋଇପାରେନା। ଦୁର୍ବଳତା ସମସ୍ତଙ୍କର ଅଛି। ନାରୀର ଅଛି। ପୁରୁଷର ଅଛି। ତା' ବୋଲି ଜଣେ କେହି ଯେଛା ତା' କରିପାରେ, ଏଇଟା କୋଉ ବିବେକ ନା' ମାନବିକତାରେ ହିସାବ କରାଯିବ ? ସ୍ୱାଧୀନତା ଅଛି ବୋଲି ଅନ୍ୟକୁ କଷ୍ଟ ହେଉ, ମୁଁ ଆଦୌ ଚାହେଁ ନାହିଁ।

ଗୀତା : ଆପଣ ଜଣେ ଦେବତା।

ନିବିଶ୍ : ଥାଉ, ମୋତେ ତମେ ଦେବତା କୁହ ନାହିଁ। ତୁମେ କିପରି ଜାଣିଲ ଯେ' ମୁଁ ଅପବିତ୍ର ହୋଇପାରେନା ? ମନୁଷ୍ୟର ଗୋଟାଏ ଦୁର୍ବଳତା ମୁହୂର୍ତ୍ତ ଅଛି। ହୁଏତ ମୋ ଜୀବନରେ ଆସିନାହିଁ। ଆସିବି ନ ପାରେ। ଯଦି ଆସେ ? ତୁମ କ'ଣ ସେତେବେଳେ ମୋତେ, ଦେବତା କହି ପାରିବ ? ମୋତେ କ୍ଷମା କରିପାରିବ ? ମୋ ଦୁର୍ବଳତାକୁ ସ୍ୱୀକୃତି ଦେଇପାରିବ ?

ଗୀତା : କବି !

ନିବିଶ୍ : ମୋତେ କହିବାକୁ ଦିଅ ଗୀତା। କୁହ ସେତେବେଳେ ତୁମେ ମୋତେ ଧଳାହାତୀ ବୋଲି କହିବ ନାହିଁ କି ? ମୋତେ ଘୃଣା କରିବ ନାହିଁ କି ? ଆଉ ସେତେବେଳ ମୁଁ କେଉଁ ଭଦ୍ର। କୋଉ ଦେବତା ?

ଗୀତା : ଆପଣ ସେପରି ନୁହଁନ୍ତି କବି ?

Digitized by srujanika@gmail.com

ନିର୍ବିଶ୍ : କିଏ କହିଲା ମୁଁ ସେପରି ନୁହେଁ, ମୁଁ ଏଯାଏଁ ତୁମ ପାଇଁ ପରିକ୍ଷୀତ ବ୍ୟକ୍ତି ନୁହେଁ ଗୀତା ! କେବଳ ସହାନୁଭୂତିର ସାଥୀ ।

ଗୀତା : କବି !

ନିର୍ବିଶ୍ : ଛାଡ଼ ଗୀତା ! କହୁ କହୁ କେତେ କଥା କହିଗଲି । କ'ଣ ଗୁଡ଼ାଏ ଭାବୁଥିବ । ବୋଧେ ମୋ କଦର୍ଯ୍ୟ ରୂପଟା ଆଙ୍କି ହୋଇଯାଇଥିବ ତୁମ ମାନସପଟରେ ।

ଗୀତା : ନା' ସେକଥା କୁହନ୍ତୁ ନାହିଁ । ମୁଁ ଜାଣିଛି ଆପଣ କ'ଣ ? ମୁଁ ଆପଣଙ୍କୁ ଚିହ୍ନି ପାରିଛି । ଆପଣ ମୋ ପାଇଁ ଦେବତା ବୋଲି ଗ୍ରହଣ କରିଛି ।

ନିର୍ବିଶ୍ : ଗୀତା !

ଗୀତା : ହଁ କବି ! ଆପଣ ମୋ ପାଇଁ ଚିର ନମସ୍ୟ ।

ନିର୍ବିଶ୍ : ଗୀତା !

ଗୀତା : ମୋତେ ଯେତେବେଳେ ଫେରିଯିବାର ନାହିଁ... ?

ନିର୍ବିଶ୍ : ସେଥିପାଇଁ ମୁଁ କହୁଛି, ଯେତେବେଳେ ସବୁର ସାହାରା ହରାଇ ବସିଚ, ଗୀତା, ସେତେବେଳ ତୁମର ଆଶ୍ରୟ ଏଇଠି । ଅନ୍ତତଃ ମୁଁ ବଞ୍ଚିଥିବାଯାଏଁ କିଛି ଭୟ ନାହିଁ । କହିଥିଲି, ସ୍ୱାଧୀନ ପକ୍ଷୀଟିଏ ପରି ଏହି ଘରର ପରିଧି ମଧ୍ୟରେ ତୁମେ ଆନନ୍ଦରେ ବିଚରଣ କରିପାର । (ପ୍ରବେଶ କରିଛି ସୂର୍ଯ୍ୟମଣି)

ସୂର୍ଯ୍ୟ : ହଇଏ ନଣ୍ଡସଣ୍ଡ କ'ଣ ଜାଣିଲଣିଟି ? ଏ ଯୋଗନୀଖିଆଗୁଡ଼ାକ ଆଉ କ'ଣ ରଖେଇ ଦେବେ ? ଆହାଃ କି ସୁନ୍ଦର ପିଲାଟିଏ ! ସେଦିନ ଦେଖା ହୋଇଥିଲା ଯେ କହିଲା: ଏ ସୂର୍ଯ୍ୟମଣି, ଆମ ଘର ଆଡ଼େ ଟିକେ ଆସୁନ । ତା' ମୁହଁଟା ପରା ନାଚି ଯାଉଛି.... ।

ନିର୍ବିଶ୍ ତୁମେ କ'ଣ କହୁଛ ସୂର୍ଯ୍ୟମଣି !

ସୂର୍ଯ୍ୟ : ତୁମେ କ'ଣ ଏଯାଏଁ କିଛି ଜାଣିନ ଭେରିଗୁଡଦ୍ ନଣ୍ଡସଣ୍ଡ ? ସେଇ ବିଜୟର ଭଉଣୀ ରୁନି ମ' ।

ଗୀତା (ଚମକି) ରୁନି !

ନିର୍ବିଶ୍ : ତୁମେ ରୁନିଙ୍କର କ'ଣ ହୋଇଛି (?) ଜାଣ ଗୀତା ?

ସୂର୍ଯ୍ୟ : ସେ କ'ଣ ଆଉ ଅଛି ?

ଗୀତା ଓ ନିର୍ବିଶ୍ : ସୂର୍ଯ୍ୟମଣି ?

ସୂର୍ଯ୍ୟ ତାକୁ ପରା.. ସେଇ ତା' ଭାଇର ସାଙ୍ଗ ଯୋଉ ଟୋକାଟା ନଣ୍ଡସଣ୍ଡ ହେଉଥିଲା ମ'.... ?

Digitized by srujanika@gmail.com

ନିବିଶ୍ କ'ଣ... ?

ସୂର୍ଯ୍ୟ : ଛୁରୀ ମାରି ଦେଇଛି କେଉଁଠି ଯେ, ସେ ସେଇଠି ଶେଷ।

ଗୀତା : ରୁ...ନି !

ସୂର୍ଯ୍ୟ ତୁମେ ତା' ହେଲେ ତାଙ୍କୁ ଜାଣିଛ ନା', ଦେଈ ? ଏଗୁଡାକ ଯେଉଁ ଉତ୍‌ପାତିଆ ହେଲେଣି, କୋଉ ଧର୍ମ ସହିବ କେଜାଣି ? ଏଗୁଡାଙ୍କୁ ସାଧିବାକୁ ଏଠି ପରା ଗୋଟେ ଅଣ୍ଡିରା ନାହିଁ।

ନିବିଶ୍ : ରୀତା ଚାଲିଗଲା ଏମିତି। ରୁନି ବି ଚାଲିଗଲା....। ଇନ୍‌ସପେକ୍ଟର ବି.କେ. ଶର୍ମାଙ୍କ ଝିଅ ବି ଗଲା।

ସୂର୍ଯ୍ୟ : ସମସ୍ତେ ଚାଲିଯିବେ। ତୁମେ ଖାଲି କଲମ ଧରି ଏଇଠି ଗୁଦ୍, ଭେରିଗୁଦ୍ କରୁଥିବ। ନଣ୍ଡସଣ୍ଡ ହେଉଥିବ। କ'ଣ ନା' ସଂଗ୍ରାମ କରୁଛି ? (ବାହାରୁ ପ୍ରବେଶ କରିଛନ୍ତି ଆଶିଷ)

ଆଶିଷ୍ : କବି ଅଛନ୍ତି ? (ବାହାରୁ)

ନିବିଶ୍ : ଦେଖିଲ ସୂର୍ଯ୍ୟମଣି।

ସୂର୍ଯ୍ୟ : (ଫେରି) ରୁନିକୁ ଯୋଉ କଲେଜ ମାଷ୍ଟରଟି ପଢ଼ାଉଥିଲେ ମ, ଏଇ ବେଳେବେଳେ ଆସନ୍ତିନି (?), ସେଇ ଅସିଛନ୍ତି ଛିଃ ଛିଃ ଏ ମାଷ୍ଟ୍ରଗୁଡ଼ା ମଧ ନଣ୍ଡସଣ୍ଡିଆ ମ। ଏ କବି ମାଷ୍ଟ୍ରଗୁଡ଼ାଙ୍କୁ କିଏସେ ଗଢ଼ିଥିଲା କେଜାଣି ?

ଗୀତା : ରୁନିର ସାର୍ !

ନିବିଶ୍ : ତାଙ୍କୁ ଘରକୁ ଡାକ ସୂର୍ଯ୍ୟମଣି।
(ଆଶିଷଙ୍କ ପ୍ରବେଶ)

ଆଶିଷ : (ଗୀତାକୁ ଦେଖି ଓ ଚମକି) ଗୀତା ! ତୁମେ ଏଠି ! ହୁଏତ... ?

ନିବିଶ୍ : ଆପଣ ଗୀତାକୁ କେବେ ଖୋଜିଥିଲେ ଅଧାପକ ଆଶିଷ ?

ଆଶିଷ : ସେ ନିରୁଦ୍ଦିଷ୍ଟା ବୋଲି ଜାଣିଥିଲି।

ନିବିଶ୍ : ଗୀତା ଏବେ ମଧ ନିରୁଦ୍ଦିଷ୍ଟା ଅଧାପକ ଆଶିଷ। ତାକୁ ଏଯାଏଁ କେହି ଅବିଷ୍କାର କରିନାହିଁ। ଚିନ୍ତା ମଧ କରିନାହିଁ।

ଆଶିଷ ଆଉ ଯିଏ ଚିନ୍ତା କରିଥିଲା, ଯିଏ ଲଢୁଥିଲା... ସେ ଚାଲିଗଲା। (ଆଶିଷ ଓ ଗୀତା ଉଭୟ କାନ୍ଦି ଉଠିବା) ମୁଁ ରୁନିକୁ ଖୁବ୍ ଭଲ ପାଉଥିଲି କବି। ବିଶେଷକରି ତା' ତ୍ୟାଗକୁ । ଶେଷରେ ଗୀତା ପାଇଁ ଲଢ଼ି ଲଢ଼ି, ନିଜ ଜୀବନକୁ ବାଜିଲଗାଇଦେଲା ରୁନି।

ଗୀତା : ସାର୍... (କାନ୍ଦି ଉଠିବା ଏବଂ କାନ୍ଦି କାନ୍ଦି ପ୍ରସ୍ଥାନ କରିବା।)

Digitized by srujanika@gmail.com

ସୂର୍ଯ୍ୟ : ତୁମେ କବି ମାଷ୍ଟର ଗୁଡ଼ାକ କୋଉ ମରଦ କେଜାଣି ? ଏଠି ଦି' ଦି'ଟା ଏମିତି ଗଲେ। ତୁମେ ଖାଲି କହୁଥିବ – ଏ ପିଲା , ଏ ସୂର୍ଯ୍ୟ, ଏ ନଣ୍ଡସଣ୍ଡ, ଗୁଦ୍, ଭେରିଗୁଦ୍। କାଇଁ ? ମରଦ ପିଲା ଯଦି, କଛା ଭିଡ଼ି ଡ଼େଇଁ ପଡୁନ ? ଦେଖିବା, ଏ ଗୁଡାକ କେମିତି ନଣ୍ଡସଣ୍ଡ ହେବେ।

ଆଶିଷ : ହଁ ହଁ ଅଣ୍ଟା ଭିଡ଼ିବାକୁ ହେବ ? ଏଇ ଛୁରୀ ପାଇଁ ଛୁରୀ, ରକ୍ତ ପାଇଁ ରକ୍ତ, ଆଉ ଜବାବ୍ ପାଇଁ ଜବାବ ଦେବାକୁ ହେବ।

ନିର୍ବିଶ୍ : ଅଧ୍ୟାପକ ଆଶିଷ !

ଆଶିଷ : ହଁ କବି। ଯୁଗ ଚାହି ପାଦ ସହିତ ପାଦ ପଡୁ। ତୁମେ ତୁମ ଲେଖାରେ ବିପ୍ଳବ ଆଣ। ଆଉ ମୁଁ ସଂଗ୍ରାମ କରିବି। ଏଇ ଛୁରୀରେ।, ହ୍ୟାଣ୍ଡ ବମ୍...।

ସୂର୍ଯ୍ୟ : ହଁ, ମ', ଏ ମାଷ୍ଟ୍ର କବିଗୁଡାଙ୍କର ନାଲି ଆଖି ଦେଖିଛି। ତମେ ପରା ସବୁ ନରମିଲା ଲୋକ। କଥାରେ କଥାରେ ତୁମ ଦିହକ ପାଇବ। ତମ ଦେହରେ ରକ୍ତ ଅଛି ? ତମକୁ ପରା କୁଆଡ଼େ ରୁନିଟା ପ୍ରେମ କରୁଥିଲା। ଏ କବିଙ୍କୁ ପରା ସେ ଗୀତାବୋଲି ଝିଅଟା ପ୍ରେମ କରୁଥିଲା। ନାଇଁ ତମେ ଏମିତି ପ୍ରେମିକ ଯେ, ତମ ପ୍ରେମ ରଖିପାରିଲ ନା', ତମ ପ୍ରେମିକାମାନଙ୍କୁ ବଞ୍ଚାଇ ପାରିଲ ? କ'ଣ ନା' ଆମେ ପ୍ରେମ କରୁଛୁ। ଆମେ ତମ ପାଇଁ ଶାହାଜାହନ ହେବୁ ! ଲାଙ୍ଗୁଳା ନରସିଂହ ଦେବ ହେବୁ ! ବ୍ୟାଚଲର ରହିବୁ ! ତମ ପ୍ରେମର ପୂଜାରୀ ହେବୁ। ଛି' ଛି' ତୁମକୁ ଲାଜ ଲାଗୁନି ? ଧନ୍ୟ କହିବ ତମ ମାଷ୍ଟ୍ର ଓ କବି ପଣିଆକୁ ! ମୁଁ ଯଦି ତମ ଯାଗାରେ ଥାଅନ୍ତି ନା'....। ଦେଖନ୍ତ, କେମିତି ଏଗୁଡ଼ାକୁ ନଣ୍ଡସଣ୍ଡ କରିଦେଇଥାନ୍ତି। ଛିଃ ଛିଃ, ତୁମେ ଗୁଡ଼ା କିଆଁ ମିଳିପି ନହେଲ କେଜାଣି ?

ନିର୍ବିଶ୍ ତୁମେ ଗଲ ସୂର୍ଯ୍ୟମଣି।

ସୂର୍ଯ୍ୟ : ଯାଉଛି ମ' ନଣ୍ଡସଣ୍ଡ। ହେଲେ ଦେଖିବ, ତମେ ଭେରିଗୁଦ୍, ନା ଏ (ନିଜକୁ ଦେଖାଇ) ନଣ୍ଡସଣ୍ଡ ଭେରିଗୁଦ୍ ? ଏଗୁଡାକ ଗୋଟେ ଲୀଳା ଲଗେଇଛନ୍ତି ? ଏମାନେ ଏତେ ଉତ୍ପାତ୍ ହେଉଛନ୍ତି ଯେ ତାଙ୍କ ଲାଞ୍ଜରେ କେହି ହାତ ମାରିପାରୁନ ? ଛିଃ, କି ମରଦ ପିଲାଗୁଡ଼ାକ ତୁମେ ?

ଆଶିଷ : ଗୀତା ଏଠି କେମିତି କବି ?

ନିର୍ବିଶ୍ ଗୀତା ଏଠି କିମିତି ନ ପଚାରି, ଏତିକି ଜାଣିଲେ କ'ଣ ହେବନାହିଁ ଯେ ଗୀତା ମୋ' ପାଖରେ ଅଛି। ତେବେ ରୁନି..... ?

Digitized by srujanika@gmail.com

ଆଶିଷ : କିଛି ପଚାରନ୍ତୁ ନାହିଁ କବି। ସୂର୍ଯ୍ୟମଣିଙ୍କଠୁ ତ' ସବୁ ଶୁଣିଲ, ଗୁନି ଆଉ ନାହିଁ। ମୁଁ ତା' ପ୍ରେମର ସମ୍ମାନ ଦେଇପାରିଲି ନାହିଁ। ଆଉ ଚିନ୍ତା କରି ଲାଭ କ'ଣ ? ତେବେ କବି ତୁମେ ମଲାଜହ୍ନରେ ଯୌବନ ଫୁଟାଇ ପାର, କବିଂ। କଲମରେ ପାରିଜାତ ପୁଷ୍ପ ତୋଳିପାର। ହେଲେ ଜିଅନ୍ତା ମଣିଷ ଦେହରେ ତୁମେ ଯୌବନ ତୋଳିପାରିବନି କବି, ପାରିବନି ? ତୁମେ ଖାଲି ତୁମ ସୃଷ୍ଟିରେ ବଞ୍ଚିରହିବାକୁ ଚେଷ୍ଟା କରିବ। ହେଲେ ମଣିଷର ଯେ ଜୀବନ ଅଛି, ସ୍ୱପ୍ନ ଅଛି, ଏକଥା କେବେ ଭାବିଛ ?

ନିବିଶ୍ : ତୁମେ କ'ଣ କହୁଛ ଆଶିଷ ?

ଆଶିଷ : କ'ଣ କହିବି ଆଉ ? ତୁମ ରୀତା ଗଲା, ଗୁନି ଗଲା, ଆଉ.... ଗୀତା ?

ନିବିଶ୍ : ଆଶିଷ !

ଆଶିଷ : ଯାହା ପାଇଁ ଗୁନିଗଲା, ସେ କ'ଣ ମୁକ୍ତି ପାଇବ କବି ! ତୁମେ କ'ଣ ସହିପାରିବ ?

ନିବିଶ୍ : ଆଶିଷ୍ !

ଆଶିଷ : ତୁମେ ତାକୁ ଆଶ୍ରୟ ଦେଇଛ। ମୁଁ ଜାଣେ, ସେ ଆତ୍ମହତ୍ୟା କରିବ ପଛେ, ତା' ଘରକୁ ଫେରିଯିବ ନାହିଁ। ତୁମେ ତାକୁ ଜୀବନ ଦିଅ। ଆଲୋକ ଦିଅ। ତୁମ ମଲା ଜହ୍ନରେ ତା' ସ୍ୱପ୍ନ ତୋଳି ଦିଅ କବି। ସ୍ୱପ୍ନ ତୋଳିଦିଅ।

ନିବିଶ୍ : ଆଶିଷ !

ଆଶିଷ୍ : ମୁଁ କିଛି ଶୁଣିବାକୁ ଚାହେଁ ନାହିଁ କବି। ତୁମେ ତା'ର ନିଜର ହୁଅ। ଆଉ ଏ ବିଜୟ ବିଶ୍ରାନ୍ତଙ୍କୁ ମୁକାବିଲା ପାଇଁ ପ୍ରସ୍ତୁତ ହୁହ। ଏଥିରେ ତୁମକୁ ସାହାଯ୍ୟ କରିବ (ଛୁରୀ ଚାଳନା) ଏଇ ମାଷ୍ଟ୍ର, ଆଶିଷ। ବେଶ୍ ସତର୍କତା ଅବଲମ୍ବନ କରିବ କବି। ମୁଁ ଚାଲିଲି। (ଗୀତାର ଚା'ଧରି ପ୍ରବେଶ)

ନିବିଶ୍ : ଚା' ଟିକେ।

ଆଶିଷ : ନା' ଆଉ କେବେ (ପ୍ରସ୍ଥାନ)

(ଗୀତା ଏବଂ ନିବିଶ୍ ପରସ୍ପରକୁ ଚାହିଁଛନ୍ତି)

ଯବନିକା

Digitized by srujanika@gmail.com

ପଞ୍ଚମ ଦୃଶ୍ୟ

(ପଥପ୍ରାନ୍ତ, ମଞ୍ଚ, ଅନ୍ଧକାର, ହଠାତ୍ ଆଲୋକ ଜଳିଉଠିଛି। ପ୍ରବେଶ କରିଛନ୍ତି ବିଶ୍ରାନ୍ତ ଓ ବିଜୟ। ହାତରେ ଛୁରୀ।)

ବିଜୟ : ଆଜି ତୋର ଶେଷ ନିଷ୍ପତି ବିଶ୍ରାନ୍ତ।

ବିଶ୍ରାନ୍ତ : ମୋ ନିଷ୍ପତ୍ତି କରିବା ପୂର୍ବରୁ, ତୋ ପ୍ରାଣ ଧରି ଚାଲି ଯା' ବିଜୟ। ଭାଗ୍ ଏଠୁ। ପ୍ରାଣକୁ ଆଶାଥିଲେ ଚାଲି ଯା' ବିଜୟ, ଚାଲି ଯା' କହୁଛି, ହଁ ହଁ ଚାଲି ଯା। ବିଶ୍ରାନ୍ତ ଏବେ ବି ଶାନ୍ତ ନୁହେଁ।

ବିଜୟ ବିଜୟ ତା' ନା' ସାର୍ଥକ କରିବ ନିଶ୍ଚୟ, ବିଶ୍ରାନ୍ତ।

ବିଶ୍ରାନ୍ତ ତୋ ବଂଶର ଆଲୁଅ ଲିଭିଯିବ ବିଜୟ, ଯା' ଯା' ଚାଲି ଯା' ବିଜୟ।

ବିଜୟ ରୁନିର ରକ୍ତରେ ଶପଥ ନେଇଛି ବିଶ୍ରାନ୍ତ, ମୁଁ ତା'ର ପ୍ରତିଶୋଧ ନେବି। (ଆକ୍ରମଣକୁ ଉଦ୍ୟତ)

ବିଶ୍ରାନ୍ତ ବାସ୍! ତା'ହେଲେ।

(ଆକ୍ରମଣ, ପ୍ରତି ଆକ୍ରମଣ। ଇତି ମଧ୍ୟରେ ପ୍ରବେଶ କରିଛନ୍ତି ଗେଣ୍ଠାଗୁଡ଼ ସେଇ ପୂର୍ବପରି ଅଭିନୟ , ମାରିଦେଲା ମାରିଦେଲା, ଭୁଷ୍ ଭୁଷ୍, ଭସ୍....ବିଜୟ ଓ ବିଶ୍ରାନ୍ତଙ୍କର ପ୍ରସ୍ଥାନ। ପ୍ରକୃତିସ୍ଥ ହୋଇ ଚିଠିଖଣ୍ଡିଏ ପଢ଼ିଛନ୍ତି। ଅନ୍ତରାଳରୁ : ତୁମେ ନ ଥିବାରଦେଖି ସେମାନେ ଆସିଲେ, ବାବା। ମୁଁ ବହୁତ ସଂଗ୍ରାମ କଲି, ହେଲେ ଏ ନରରାକ୍ଷସଗୁଡ଼ାକ ମୋର ସବୁ ଲୁଣ୍ଠନ କରିନେଲେ ବାବା। ସବୁ ଲୁଣ୍ଠନ କରିନେଲେ,

Digitized by srujanika@gmail.com

ମୁଁ ବଞ୍ଚିଥିଲେ ଏକଥା ତୁମ ଝିଅ ହୋଇ କିପରି କହିପାରିଥାନ୍ତି ବାବା ? ମୁଁ ପ୍ରତିରୋଧ କରି ନଥିଲେ ତ ସେମାନେ ବାରମ୍ବାର ଆସିଥା'ନ୍ତେ । ବୋଉ ତ ସ୍ୱର୍ଗରେ, ମୋର ସାହା ଭରସା କିଏ ହୋଇଥା'ନ୍ତା କହିଲେ ? ଶେଷକୁ ତୁମେ ମୋତେ ଭୁଲ ବୁଝିଥା'ନ୍ତ। ଜଣେ ପୋଲିସ୍ ଇନ୍‌ସପେକ୍ଟର, ଝିଅ ହୋଇ ମୁଁ ହାରିଗଲି ବାବା, ତୁମକୁ ମୁହଁ ଦେଖାଇବାର ସାହସ୍ ମୋର ଚାଲିଯାଇଛି ବାବା, ଏଣୁ ମୁଁ ଆତ୍ମହତ୍ୟା କଲି। ମୋତେ କ୍ଷମା ଦେବ) – (ଗେଣ୍ଡାଗୁଡ଼ କେଶ ବିଦାରିବା- ଏହାପରେ ଗେଣ୍ଡାଗୁଡ଼ଙ୍କର ଭାବାବେଶର ପରିବର୍ତ୍ତନ ହୁଏ।

(ପୁନଶ୍ଚ ଅନ୍ତରାଳରୁ : ଚାଲିଯା' ଚାଲିଯା' କହୁଛି... ନା' ନା'.. ନା')

ଗେଣ୍ଡାଗୁଡ଼ ଏ ଚାଲିଯା.. ଚାଲିଯା.. (ସେ ଆଡ଼କୁ ପ୍ରସ୍ଥାନ)

(ପୁନଶ୍ଚ ବିଶ୍ରାନ୍ତ ଓ ବିଜୟଙ୍କ ପ୍ରବେଶ ଏବଂ ଆକ୍ରମଣ ଓ ପ୍ରତିଆକ୍ରମଣ ବେଳେ ପ୍ରବେଶ କରିଛନ୍ତି ବିକ୍ରମ ଓ ଶ୍ୟାମଳେନ୍ଦୁ ।)

ବିକ୍ରମ ଓ ଶ୍ୟାମଳେନ୍ଦୁ : ଆରେ ରେ ରେ.. ଦି'ଟା ଯାକ ଶିକାରୀ.... ।

ଶ୍ୟାମଳେନ୍ଦୁ ଆରେ ଚାହିଁଛୁ କ'ଣ ମ ? ଆରେ ହେ, ତୋର ଗୋଟେକୁ, ମୋରେ ଗୋଟେ (ଦୁହେଁ ସେମାନଙ୍କ ସହିତ ବ୍ୟାପୃତ ରହିବା ।)

(ଗେଣ୍ଡାଗୁଡ଼ଙ୍କ ପ୍ରବେଶ ଏବଂ ଅନ୍ତରାଳରୁ ରୁନିର ସ୍ୱର- ଗେଣ୍ଡାଗୁଡ଼... ମୋତେ ରକ୍ଷାକର ଗେଣ୍ଡାଗୁଡ଼.... । ପୁନଶ୍ଚ ଗେଣ୍ଡାଗୁଡ଼ଙ୍କ ଝିଅ ନୀରୁର ସ୍ୱର – ଜଣେ ଇନସ୍‌ପେକ୍ଟର ଝିଅ ହୋଇ ମୁଁ ପାରିଲିନି ବାବା, ସେମାନେ ମୋତେ ସାରିଦେଲେ....... । – ଏଥିରେ ଗେଣ୍ଡାଗୁଡ଼ ଉତ୍ୟକ୍ତ ହୋଇ ଉଠିଛନ୍ତି ଏବଂ ବିଶ୍ରାନ୍ତକୁ ଭୂଷିଛନ୍ତି ଛୁରୀକା ।)

ବିଜୟ : ଗେଣ୍ଡାଗୁଡ଼ .. ତମେ !

ଗେଣ୍ଡାଗୁଡ଼ : ମୁଁ ଗେଣ୍ଡାଗୁଡ଼ ନୁହେଁ ବିଜୟ, ଇନସ୍‌ପେକ୍ଟର ବି.କେ. ଶର୍ମା ।

ବିଜୟ ଇନସ୍‌ପେକ୍ଟର ଶର୍ମା.... (ପଳାୟନ)

ଇନ୍‌ସ୍‌ପେକ୍ଟର: ହାଃ.... ହାଃ... ଶେଷରେ ତୁମ ଭଉଣୀ ମଧ୍ୟ ଶିକାର ହେଲା ବିଜୟ ପଟ୍ଟନାୟକ ।

Digitized by srujanika@gmail.com

ବିକ୍ରମ ଓ

ଶ୍ୟାମଳେନ୍ଦୁ : ଇନସ୍‌ପେକ୍ଟର ଶର୍ମା ।

ଶର୍ମା ହଁ ହଁ ଶର୍ମା, ସନ୍ଦେହ ହେଉଛି । ଏଇ ଦେଖ (ପରିଚୟ ପତ୍ର ଦେଖାଇ) ମୁଁ ବି ଶିକାର ହୋଇଛି ଯୁବକ । ଇନସ୍‌ପେକ୍ଟର ଶର୍ମା ଝିଅ ନିରୁ ଶିକାର ହୋଇଛି । ମୁଁ ତା'ର ଆଜି ପ୍ରତିଶୋଧ ନେଉଛି, ପୋଲିସ ଅଫିସର ହିସାବରେ ମୁଁ ଜାଣେ, ଅପରାଧୀକୁ ନ ମାରି ଆଇନର ସାମ୍ନା କରାଇବା ଉଚିତ୍ । ମାତ୍ର ନାରୀ ନିର୍ଯାତନା ସହି ନପାରି, ମୁଁ ଆଜି ଆପଣାଛାଏଁ ଅପରାଧୀ । ନୀରୁ ଯାଇଛି, ରୀତା ଯାଇଛି, ରୁନି ଯାଇଛି ଏମିତି କେତେ ରୁନି, ନୀରୁ ଚାଲିଯାଉଛନ୍ତି । ଏମାନଙ୍କ ଅତ୍ୟାଚାରରେ । ଏମାନଙ୍କୁ ନମାରି ଆଇନର ସାମ୍ନା କରାଇଲେ ବି, ନାନା ଫନ୍ଦିକରି ସେମାନେ ସେଠୁ ଖସିଆସୁଛନ୍ତି । ମୃତ୍ୟୁ ହିଁ ଏମାନଙ୍କ ପାଇଁ ସମୁଚିତ ଶିକ୍ଷା । ଏମାନଙ୍କୁ ଆଇନ ନୁହେଁ, ସାମାଜିକ ଦଣ୍ଡ ଦରକାର । ଆଉ କେତେ ଦେଖିବା ଏଦୃଶ୍ୟ ? ମୁଁ ଆଜି ସେମାନଙ୍କ ପିତା ହିସାବରେ ପ୍ରତିଶୋଧ ନେଉଛି । ମୁଁ ଆଇନକୁ ମୋ ହାତରେ, ନିଜେ ନେଇଛି । ମୋତେ ମୁଁ ନିଜେ ଓ୍ୱାରେଣ୍ଟ କରୁଛି । ଆରେ କିଏ ଅଛ ? ମୋତେ ଆରେଷ୍ଟ କର । (ପ୍ରସ୍ଥାନ ଏବଂ ଅନ୍ତରାଳରୁ ଏ ହାତ'ର ପାପ, ସେ ହାତ ଯାଏନା...... ।)

ଯବନିକା

Digitized by srujanika@gmail.com

ଷଷ୍ଠ ଦୃଶ୍ୟ

(ନିଜସ୍ୱ କକ୍ଷରେ ଚିନ୍ତାଗ୍ରସ୍ତ ଆଶିଷ। ପ୍ରବେଶ କରିଛନ୍ତି ନିବିଶ)

ନିବିଶ୍   କ'ଣ ଚିନ୍ତା କରୁଛନ୍ତି ଆଶିଷ୍ ?

ଆଶିଷ୍   : (ଚିନ୍ତା ମୁକ୍ତ ହୋଇ) ଆରେ, ଆପଣ !

ନିବିଶ୍   : ମୁଁ ଭାବୁଛି, ଆପଣ ଆଉ ଚିନ୍ତା କରି ଲାଭ କ'ଣ ?

ଆଶିଷ   : ମାନେ ?

ନିବିଶ୍   : ମାନେ ଏଇଆ ଯେ' ଆପଣ ଯାହା କରିନପାରିଲେ, ସେକଥା ଇନସ୍‌ପେକ୍ଟର ବି.କେ. ଶର୍ମା କରିଦେଲେ।

ଆଶିଷ   : ହଁ, ଏକଥା ସତ୍ୟ। ମୁଁ ଯାହା କରି ପାରିଲି ନାହିଁ, ସେ କରିନେଲେ। (ନିଜ ଚାକୁଟି କାଢ଼ି ଏବଂ ଚାହିଁ) ମୁଁ ଏହାକୁ ଏଯାବତ୍ କାମରେ ଲଗାଇ ପାରିଲି ନାହିଁ।

ନିବିଶ   : ସୂର୍ଯ୍ୟମଣି ଠିକ୍ କୁହେ।

ଆଶିଷ   : କ'ଣ କୁହେ ?

ନିବିଶ୍   : ଏଇ, ଆମେ କବି ଓ ମାଷ୍ଟ୍ରଗୁଡ଼ାକ ଏସବୁ କାମକୁ ଅନ୍‌ଫିଟ୍।

ଆଶିଷ   : ଅନ୍‌ଫିଟ୍ ?

ନିବିଶ୍   : ତାହାହିଁ କୁହ ? କବିଟିଏ କା' ମନରେ ଉତ୍ତେଜନା ଏବଂ ଶିହରଣ ସୃଷ୍ଟି କରିପାରେ, ଆଲୋଡ଼ନ ସୃଷ୍ଟି କରିପାରେ, ତା' କଲମରେ

Digitized by srujanika@gmail.com

ଭୂମିକମ୍ପ ବା ମହାବାତ୍ୟା ଆଣିପାରେ, ସେ ମହାଯୁଦ୍ଧ କି ବିଶ୍ୱଯୁଦ୍ଧ ସୃଷ୍ଟି କରିପାରେ, ହେଲେ, ସତଚେଷ୍ଟା କରି ସେ କ'ଣ ହାତରେ ବନ୍ଧୁକ ଉଠାଇ ପାରିବ ? ଫୁଟାଇ ପାରିବ ବୋମାଟାଏ ?

ଆଶିଷ କବି !

ନିବିଶ୍ : ତା'ର ଗୋଟାଏ ନିଆରା ହୃଦୟ ଅଛି। ବହୁ କୋମଳ ସେ ହୃଦୟ। ଆଉ ମାଷ୍ଟ୍ରଟିଏ ତା' ଛାତ୍ରମାନଙ୍କୁ ଶାସନ କରିପାରେ; କିନ୍ତୁ ତା' ହାତରେ ଛୁରୀ ବା ବନ୍ଧୁକ ନେଇପାରେନା, ଅଥଚ ତୁଣ୍ଡରେ କହିପାରେ ଅନେକ କଥା।

ଆଶିଷ : ଦ୍ରୋଣ ଏବଂ କୃପାଚାର୍ଯ୍ୟ..... ଏମାନେ ଅସ୍ତ୍ର ଉଠାଇନଥିଲେ ?

ନିବିଶ୍ : ଉଠାଇଥିଲେ, କେବେଳ ପରିସ୍ଥିତିର ଦାସ ହୋଇ; କିନ୍ତୁ ପ୍ରକୃତ ଯୋଦ୍ଧା ନଥିଲେ, ଗୁରୁ ଥିଲେ।

ଆଶିଷ : କବି !

ନିବିଶ୍ : ଗୁରୁ ଶିକ୍ଷା ଦିଅନ୍ତି, ଆଉ ଛାତ୍ରମାନେ ପରୀକ୍ଷା କ୍ଷେତ୍ରରେ ଅବତୀର୍ଣ୍ଣ ହୁଅନ୍ତି।

ଆଶିଷ : କବି !

ନିବିଶ୍ : ଛାଡ଼ ଆଶିଷ୍, ରୁନିର ଭଲ ପାଇବାର ପ୍ରତିଦାନ ତୁମେ ଦେଇପାରିଲ ନାହିଁ। ନା' ରୀତାପାଇଁ ମୁଁ ଦେଇପାରିଲି ? ଆମେ ଦୁହେଁ ହାରିଯାଇଛେ।

ଆଶିଷ : କବି ! ରୁନିଯେ ମୋ' ଛାତ୍ରୀ !

ନିବିଶ୍ : ଛାଡ଼ ସେ ଛାତ୍ରୀ କଥା। ସେ ତୁମର ପ୍ରେମିକା, ସେ ତୁମକୁ ପ୍ରେମ କରୁଥିଲା।

ଆଶିଷ କବି !

ନିବିଶ୍ ଆଉ ସେଇଥିପାଇଁ, ସେ ପ୍ରାଣ ଦେଇଦେଲା। ଖାସ୍ ତୁମରି ପାଇଁ। ଚିନ୍ତିଛ ସେ ତୁମପାଇଁ କେତେ ବ୍ୟସ୍ତଥିଲା।

ଆଶିଷ ହୃଦୟକୁ ଯେତେ ବୁଝାଇଲେ ବି, ଯଦି ସତ କହିବି, କବି, ତୁମେ ଏତିକି ଜାଣ ଯେ ରୁନି ମୋର ନିଜର ଥିଲା। ମୁଁ କେବଳ ସମୟ ଏବଂ ସାମାଜିକ ସ୍ୱୀକୃତି ପାଇଁ ଅପେକ୍ଷା କରିଥିଲି।

Digitized by srujanika@gmail.com

ନିବିଶ୍ : ଆଉ ସେ ଅପେକ୍ଷା, ଏବେ ଉପେକ୍ଷାରେ ପରିଣତ ହୋଇଗଲା, ନୁହେଁ ? ରୁନି ଆଉ ଫେରିବନି ଆଶିଷ୍.... !

ଆଶିଷ କବି !

ନିବିଶ୍ ଆଉ ଯେତେ ବ୍ୟସ୍ତ ହେଲେ କି ବିଳାପ କଲେ, ଲାଭ କ'ଣ ?

ଆଶିଷ : ରୁନି ଏକଦା କହିଥିଲା ....।

ନିବିଶ୍ : କ'ଣ କହିଥିଲା ?

ଆଶିଷ : ସମୟ ଆସିବ ମୁଁ ଯେତେବେଳେ ତା' ପାଇଁ ବହୁତ ବ୍ୟସ୍ତ ହେବି ଏବଂ ଖୋଜିବି ବି।

ନିବିଶ୍ : ଠିକ୍ ତ' କହିଥିଲା ! ଆଉ ତା' ବାସ୍ତବତା ଦୂରପାଇଁ ଚିନ୍ତାନକରି ତୁମେ ଆଦର୍ଶ ପଛରେ ଗୋଡ଼ାଇଲ, ପାଇଲ କ'ଣ ?

ଆଶିଷ ଶୁଣୁଛି, ଗୀତା ଆପଣଙ୍କ ପାଖରେ ବୋଲି, ବିଜୟ ଜାଣିପାରିଛି।

ନିବିଶ୍ : ଜାଣିଛି ?

ଆଶିଷ : ଆଉ, ଗୀତାକୁ କେନ୍ଦ୍ରକରି ଏତେବଡ଼ କଥା ଘଟିଗଲା ବୋଲି, ସେ କୁଆଡ଼େ ତାକୁ ଶେଷ କରିବାର ନିଷ୍ପତ୍ତି ନେଇଛି।

ନିବିଶ୍ (ଚମକି) ତୁମେ କିଛି ଗୋଟେ କର ଆଶିଷ୍।

ଆଶିଷ : ମୁଁ ତ' ଖାସ୍ ଏଇକଥା ସୂଚେଇ ଦେବାକୁ ଯାଇଥା'ନ୍ତି। କିନ୍ତୁ ତା' ପୂର୍ବରୁ ଆପଣ ଆସିଗଲେ।

ନିବିଶ୍ ଏବେ କରିବା କ'ଣ ?

ଆଶିଷ : (ଦୀର୍ଘ ଶ୍ୱାସ ପକାଇ) କିଛି ଗୋଟେ କରିବାକୁ ହେବ।

ଯବନିକା

Digitized by srujanika@gmail.com

ଶେଷ ଦୃଶ୍ୟ

(ନିବିଶ୍‌ଙ୍କ ଅନ୍ଧକାର କକ୍ଷ। ପ୍ରବେଶ କରିଛନ୍ତି ବିଜୟ। ଆଲୋକର ଦମକାଏ ଦମକାଏ ଝଲକ। ଲୁକକାୟିତ ଭାବେ ପଶ୍ଚାତ ଅନୁଧାବନ କରିଛନ୍ତି ସୂର୍ଯ୍ୟମଣି, ହସ୍ତରେ ତୀକ୍ଷ୍ଣ ପନିକି। ଗୀତାର ଶୟନକକ୍ଷ। ଅର୍ଦ୍ଧ ନିଦ୍ରିତ ଗୀତା। ହଠାତ୍ ସନ୍ତର୍ପଣରେ ଛୁରୀକା ଆଘାତ କରିବାକୁ ଯାଏ ବିଜୟ। ପଶ୍ଚାତ୍ ଭାଗରୁ ବିଜୟଙ୍କୁ ସୂର୍ଯ୍ୟମଣିଙ୍କର ପନିକିରେ ଶକ୍ତ ଆଘାତ ଏକ ଚିତ୍‌କାର ସହ।)

ସୂର୍ଯ୍ୟମଣି — ଦେଈ !

ଗୀତା — ଚମକି ! ସୂର୍ଯ୍ୟମଣି।

ସୂର୍ଯ୍ୟ — ଏଥର ସବୁ ସାଫ୍ ଦେଈ। ଆଉ କିଛି ନଣ୍ଡସଣ୍ଡ ନାହିଁ। ତମେ ଏଥର କହି ଦିଅନା, ଗୁଡ୍ ଭେରିଗୁଡ୍ ବୋଲି।

ଗୀତା — ସୂର୍ଯ୍ୟମଣି.. ଇଏତ ବିଜୟ ଭାଇ....।

ସୂର୍ଯ୍ୟମଣି — ହଁ , ତମ ବିଜୟ ଭାଇ। ଭେରି ଗୁଡ୍ ଭାଇ। ଟିକିଏ ଭଲା ଭାଇ ହାତକୁ ଦେଖ ? ଶୋଇଥିଲା ଯେ ଆଉ ଉଠି ନାଥାନ୍ତା ମ ଦେଈ ? କହିଲେ କ'ଣ ନା' ଭାଇ।

ବିଜୟ — ଆ... ଆ... ଗୀତା... ମୋତେ ମାଫ୍ କରିଦେ ଗୀତା।

ସୂର୍ଯ୍ୟମଣି — ଅଲୋ ହେ, ଏଟା ଜୀ ଛି ମ' (ଫୁଣିଚୋଟେ) କହିଲାକି, ମାଫ କରିଦେ।

ଗୀତା — ସୂର୍ଯ୍ୟମଣି, ଏ ତୁମେ କ'ଣ କଲ ? ତୁମେ କ'ଣ ଜାଣିନ ଯେ ଶତ୍ରୁ ଢାଇଁ ଥିଲେ ସାଧେ ?

ସୂର୍ଯ୍ୟ — ଏଭଳି ଶତ୍ରୁ ନୁହେଁ ଦେଈ ? ଏଗୁଡ଼ାକ ପରର ନୁହେଁ, ଆପଣାର ବି

Digitized by srujanika@gmail.com

	ଶତ୍ରୁ । ଏଗୁଡ଼ାଙ୍କୁ ପୁରା ଶେଷ । (ଶବକୁ ଗୋଡ଼ରେ ଗୋଇଠା ମାରି)
ଗୀତା	ତଥାପି ସୂର୍ଯ୍ୟମଣି..... (ନିବିଶଙ୍କର ବାହାରୁ ଡାକ : ସୂର୍ଯ୍ୟମଣି)
ସୂର୍ଯ୍ୟ	ହେଇ ଆସିଲେ । ଏଣେ ଘର ବୁଡ଼ି ପାଣି ଆଣ୍ଠୁଏ । ନା' କବି ସମ୍ମିଳନୀ ହେଉଛି ! ମୁଁ କହିବି ଏ କବି ଆଉ ମାଷ୍ଟ୍ର ଗୁଡ଼ାକ ବଡ଼ ନଣ୍ଡସଣ୍ଡିଆ ଲୋକ । କ'ଣ ନା' ଖାଲି ଗୁଡ୍, ଭେରିଗୁଡ୍ ? ନୋହିଲେ ନା' କ'ଣ ନଣ୍ଡସଣ୍ଡ । ରାଗ ଦେଖ, ଏଗୁଡ଼ାକ ପରା ତୁଚ୍ଛା ମିଳିପି ।
ନିବିଶ୍	(ପ୍ରବେଶି) କ'ଣ ହୋଇଛି ସୂର୍ଯ୍ୟମଣି ? ଏତେ... (ଚମକି) ଗୀତା, ସୂର୍ଯ୍ୟମଣି !
ସୂର୍ଯ୍ୟମଣି	ଏବେ ତୁମେ କହୁନ ? ନଣ୍ଡସଣ୍ଡ କିଏ ? କିଏ ଭେରିଗୁଡ୍ ? କହିଥିଲି ନା' ? ଦେଖିବା, ତମେ ନା', ମୁଁ ଭେରି ଗୁଡ୍ ?
ନିବିଶ୍	ସୂର୍ଯ୍ୟମଣି !
ସୂର୍ଯ୍ୟମଣି	ଦେଖିଲି, ଏକା ନୀରୁର ବାପା, ଶର୍ମା ଇନସ୍‌ପେକ୍ଟର । ବାପା ବୋଲି ଝିଅର ମୃତ୍ୟୁର ପ୍ରତିଶୋଧ ନେଲାନା' ? କହିଥିଲି, ତୁମେଗୁଡ଼ାକ ଠିକ୍ ପ୍ରେମିକ ନୁହଁ । ନୋହିଲେ ତୁମେ କ'ଣ ତୁମ ଭଲପାଇବାର ମଣିଷମାନଙ୍କର ମୃତ୍ୟୁର ବଦଳା ନେଇନଥା'ନ୍ତ ? ତୁମେ ଦେଖିଲ, ଗୀତା କି ରୁନିପରି ହଜାର ହଜାର ମଲେ, ପୁଣି ତାଙ୍କ ପରି କେତେ ଆସିବେ ! ହେଲେ, ଶର୍ମା ବାବୁଙ୍କୁ ଝିଅ ଦେବେ କିଏ ? ତେଣୁ ତାଙ୍କ ରକ୍ତ ଟକ୍‌ମକ ହେଲା । ଦେଲେ ଭୁଷି । ତୁମେ ପ୍ରେମର ମର୍ଯ୍ୟଦା ଦେଇ ଜାଣନାହିଁ । ନିହାତି ଡରକୁରା ଲୋକ । ହେଲେ ମୁଁ ଡରିନି ମ' !
ନିବିଶ୍	ସୂର୍ଯ୍ୟମଣି !
ସୂର୍ଯ୍ୟମଣି	ହଁ, ମୁଁ ଡରିନି ମ' ନଣ୍ଡସଣ୍ଡ । ଛାଡ଼ । ଏଥର ଦେଇ ତୁମକୁ ଲାଗିଲେ । ଏଣିକି ତୁମ ସେବା ଦେଇ କରିବେ । ମୋର କିଏ ଅଛି ଯେ ଆଗକୁ, ନା', ପଛକୁ ତୁମେ କହୁନ ନଣ୍ଡସଣ୍ଡ ? କେବେ ତ ହେଲେ ମରିଥା'ନ୍ତି । (କାନ୍ଦିବା ଉପକ୍ରମ) ମୋ ଆଖି ଆଗରେ ଯୁବା ଝିଅ ଗୁଡାକ ଚାଲି ଯାଉଛନ୍ତି । ମୁଁ ଆଉ କ'ଣ କରିଥାନ୍ତି ଯେ ? କେତେ ସହନ୍ତି ଆଉ ।
ନିବିଶ୍	ସୂର୍ଯ୍ୟମଣି !

Digitized by srujanika@gmail.com

ସୂର୍ଯ୍ୟମଣି	ମୁଁ ଯାଉଛି ଦେଈ। ମୁଁ ଯାଉଛି ନଣ୍ଡସଣ୍ଡ। ଆଜିଠାରୁ ଗୁଡ୍ ଭେରିଗୁଡ୍ ନଣ୍ଡସଣ୍ଡ ଆଉ କହିବିନି। ହଁ, ମୋ ସଙ୍ଗରେ କେହି ଆସନି। ପୁଲିସ୍ ଘର କଥା, ତୁମକୁ ଅଡୁଆ ତଡୁଆରେ ପକାଇବେ। ହେଲେ, ମୋ ଦେଈ କଥା ଲାଗିଲା। ଦୋଷ ଥିଲେ କ୍ଷମା କରିବ ଦେଈ, କ୍ଷମା କରିବ ନଣ୍ଡସଣ୍ଡ।

ଗୀତା/ନିବିଶ : ସୂର୍ଯ୍ୟମଣି !

ସୂର୍ଯ୍ୟମଣି	ମୋତେ ଆଉ କିଛି କୁହନା ? (ବିଜୟର ଶବ ଏବଂ ରକ୍ତ ଲଗା ପନିକି ଧରି ପଛକୁ ଚାହିଁ ଚାହିଁ ସୂର୍ଯ୍ୟମଣିଙ୍କର ପ୍ରସ୍ଥାନ। ପଛେ ପଛେ ନିବିଶ ଏବଂ ଗୀତାଙ୍କ ପ୍ରସ୍ଥାନ। ଅନ୍ତରାଳରୁ ସଂଗୀତର ସ୍ୱର : ଏ ହାତର ପାପ.... ସେ ହାଥେ ଯଏନି....।)

କିଛି ସମୟ ପରେ ଫେରି ଆସିଛନ୍ତି ନିବିଶ୍ ଏକାଏକା। କିଛିଟା ତନ୍ଦ୍ରା। ଅନ୍ତରାଳରୁ ଶୁଣାଯାଇଛି ଗୀତାର ସ୍ୱର। – ମୁଁ କାହାର ସିଷ୍ଟର ନୁହେଁ କି, ମୋର ବି କେହି ବ୍ରଦର ନାହାଁନ୍ତି। ଏ ଦୁନିଆଁଟା କେବଳ ଫାଇଦା ଉଠାଇ ଜାଣେ। ମୁଁ ମଣିଷ ଚିହ୍ନିଛି। ମୁଁ ଦେଖିଛି। ତୁମେ ଚାଲି ଯା' କବି।)

ନିବିଶ୍	(ଚିତ୍କାର କରି ଉଠିଛନ୍ତି)ଗୀତା ! (ଅନ୍ତରାଳରୁ ପୁନଶ୍ଚ ନିବିଶଙ୍କର ଅନ୍ତରଆତ୍ମାର ସ୍ୱର – ହଁ, ମୁଁ, କବି ନିବିଶ କହୁଛି : ଏ ଦୁନିଆରେ କୌଣସି ସଂପର୍କ ଯୋଡ଼ିବା ପୂର୍ବରୁ, ଆମେ ସବୁ, ଏମିତିରେ ଭାଇ କିମ୍ବା ଭଉଣୀ,...। ମଉସା କିମ୍ବା ମାଉସୀ ... ଗୀତା.....। ପୁନଶ୍ଚ ଶୁଣାଯାଇଛି ଆଶିଷଙ୍କ ସ୍ୱର : ତୁମେ କଳ୍ପନାରେ ମଲା ଜହ୍ନରେ ଯୌବନ ଫୁଟାଇପାର କବି, କିନ୍ତୁ ଜିଅଁନ୍ତା ମଣିଷ ଦେହରେ ନୁହେଁ। ତୁମେ ଗୀତାକୁ ଆଶ୍ରୟ ଦେଇଛ, ତାକୁ ଜୀବନ ଦିଅ କବି, ତାକୁ ସ୍ୱପ୍ନ ଦିଅ। ତା'ର ଯେତେବେଳେ, ଆଉ ଫେରିବାର ଆଶାନାହିଁ, ତାକୁ ନିଜର କର, ନିହାତି ନିଜର କର। ଗୀତା ଆଉ କଦାପି ଫେରିଆସିବନି କବି।)

ନିବିଶ୍	ଅଧାପକ ଆଶିଷ....। (ପୁନଶ୍ଚ ଅନ୍ତରାଳରୁ ଗୀତା)

ଗୀତା	"ତୁମେ ଯାହା ହେଲେ ମଧ୍ୟ ମୋ ପାଇଁ ଦେବତା, ଚିର ନମସ୍ୟ କବି।" (ଦୃଶ୍ୟ ପରିବର୍ତ୍ତନ। ଗୀତାର ପ୍ରେତାତ୍ମାର ହସହସ ବଦନ...। ଅନ୍ତରାଳରୁ ମଧୁର ମୂର୍ଚ୍ଛନାର ସ୍ୱର – ମୁଁ ଜାଣେନା ଜାଣେନା ଜାଣେନା....,ତୁମ ଲାଗି ଜାଗେ ଯେତେ ବାସନା।")

Digitized by srujanika@gmail.com

ନିର୍ବିଶ୍ — ଗୀତା, ଥାଉ ଗୀତା, ଥାଉ.... (ଇତି ମଧ୍ୟରେ ପ୍ରବେଶ କରିଛନ୍ତି ଗୀତା, ଗୀତାଙ୍କ ଦେହରେ (ପ୍ରେତାତ୍ମାର ଅବତାରଣା କରାଯାଇପାରେ) ଗୀତାକୁ ଦେଖନ୍ତି କବି ଏବଂ ଅତ୍ୟନ୍ତ ଭାବବିହ୍ୱଳ ହୋଇଯାଇ କୁହନ୍ତି :)

ନିର୍ବିଶ୍ — ଗୀତା... । (ଅନ୍ତରାଳରୁ ମୁଁ ଗୀତା ନୁହେଁ ଗୀତା । ମୁଁ ଗୀତା ନୁହେଁ ବି, ମୁଁ ଗୀତା । ମୁଁ ଗୀତା କି ଗୀତା କିଛି ନୁହେଁ, ମୁଁ ଗୋଟିଏ ନାରୀର ଆତ୍ମା । ମୋତେ ତୁମେ ଭଲପାଅ କବି । ମୋ ଅବସାଦ ମେଣ୍ଟ । ଗୋଟିଏ ନାରୀର ଅବସାଦ ମେଣ୍ଟ । ଦୁଇଟି ଆତ୍ମାର ମିଳନରେ ସ୍ୱର୍ଗୀୟ ଆନନ୍ଦ ଥାଏ କବି । ମଣିଷର ପୃଷ୍ଠାରେ ଲେଖିଥାଅ - ଭଲ ପାଇବାଟା ପାପ ନୁହେଁ । କିନ୍ତୁ ପାପର ପ୍ରାୟଶ୍ଚିତ ଅଛି । ମାତ୍ର ନାରୀ ଧର୍ଷଣ ଜନିତ ପାପର ପ୍ରାୟଶ୍ଚିତ ନାହିଁ । ମନେରଖ, ସେ ପାପ, ଏ ହାତରୁ ଆର ହାତକୁ ଯାଏ ନାହିଁ । ଆର ଜନ୍ମକୁ ବି ନୁହେଁ । ସେ ସବୁର ହିସାବ ଏ ଜନ୍ମରେ ହୁଏ । ଏଇଠି ଅଛି ସେ ସ୍ୱର୍ଗପୁରୀ, ଏଇଠି ସେ ଯମପୁରୀ, ନର୍କ । ତୁମେ ଗୀତାକୁ ଭଲ ପାଅ କବି, ତା'ରି ଭିତରେ ଗୀତା ଅଛି । ଗୀତା ତୁମ ଗୀତା । ଗୀତା ତୁମ ଗୀତା । ଗୀତା ତୁମ ଲେଖନୀର ପ୍ରେରଣା ଏବଂ ଉତ୍ସ । ଗୀତା, ତୁମ ଗୀତାପାଇଁ, ତୁମ କୋଣାର୍କ, ତୁମ ତାଜମହଲ, ଗୀତାର ସ୍ମୃତିରେ ତୁମେ ଗୀତାକୁ ନିଜର କର । ତା' ଦେହରେ ଟେକିଦିଅ ଯେତେ ଶିହରଣ ଏବଂ ମନରେ ଆଙ୍କିଦିଅ ଅସୁମାରୀ ସ୍ୱପ୍ନ । ତୁମେ ମଲା ଜହ୍ନରେ ଯୌବନ ଭରିଦିଅ । ଆଉ ସ୍ୱପ୍ନକୁ ବାସ୍ତବ କର ଏବଂ ସାର୍ଥକ କର ।) (ପୁନଶ୍ଚ ସେଇ ମୃଦୁ ସଙ୍ଗୀତ : ଏଇ ମନ କେତେ ଖୋଜେ କେତେ ହଜେ... ଏବଂ ପ୍ରେତାତ୍ମା ଅପସରି ଯାଏ ।)

ନିର୍ବିଶ୍ — ଗୀତା !

ଗୀତା — କବି ।

-: ସମାପ୍ତ :-

Digitized by srujanika@gmail.com

'ମଲା ଜହ୍ନରେ ଯଉବନ' ନାଟକରେ ମୋଟ ଉପରେ ଚାରୋଟି ଗୀତ/ ସଙ୍ଗୀତ ଦିଆଯାଇଛି। ଏହି ଗୀତ /ସଙ୍ଗୀତଗୁଡ଼ିକ କେଉଁ କେଉଁ ଦୃଶ୍ୟରେ, କେଉଁ ପରିପ୍ରେକ୍ଷୀରେ ଅବତାରଣା କରାଯିବ, ତାହା ତତ୍ ସମ୍ପର୍କୀତ ଦୃଶ୍ୟ ଏବଂ ଆବଶ୍ୟକ ସ୍ଥଳେ ଇଂଗିତ ଦିଆଯାଇଛି। ଅବଶ୍ୟ ଏ ଗୀତଗୁଡ଼ିକ ବାଦଦେଇ ନାଟକ ପରିବେଷଣ ବେଳେ ଭିନ୍ନ ଗୀତ / ସଙ୍ଗୀତ ଅବତାରଣା କରାଯାଇପାରେ । ନାଟକରେ ବ୍ୟବହୃତ ହୋଇଥିବା ଗୀତ / ସଙ୍ଗୀତ ଗୁଡ଼ିକୁ ଏଠାରେ ପ୍ରଦତ୍ତ କରାଗଲା।

- *ନାଟ୍ୟକାର*

।। ଏକ ।।

ଏଇ ମନ କେତେ ହଜେ କେତେ ଖୋଜେ
କେବେ ପାଏ
କେବେ ପୁଣି ପାଏନା
କେତେ ଯେ' ସପନ ପୁଣି କିଛି ସତ କିଛି ମିଛ
ଦିଏ କେତେ ହସ କାନ୍ଦ ସଂଗୀତର ମୂର୍ଚ୍ଛନା। ।। ୦ ।।

ଖୋଜା ଲୋଡ଼ା ଦୁନିଆରେ କିଏ ବା' ହତାଶ ହୋଇ
ଆଶାର ପଛେ ଧାଇଁ ହୁଏ ଖାଲି ଧଇଁ ସଇଁ
ନିତି ମରି ମରେ ନାହିଁ
କିଣେ ଖାଲି ଯାତନା
ନିଥର ସରସୀରେ ନୀଳକଇଁ ଫୁଟେନା। ।।୧।।

ମାଂସର ଏ ଭୋଜି ପାଇଁ କିଏ ହୁଏ ମାତାଲ
କାହାର ଦୁନିଆ ବୁଡ଼େ କିଏ କା'ର ଶିକାର
କିଏ ହୁଏ ମଲାଜହ୍ନ
ରହିଯାଏ ବାସନା
ନିଥର ସରସୀରେ ନୀଳକଇଁ ଫୁଟେନା। ।।୨।।

Digitized by srujanika@gmail.com

॥ ଦୁଇ ॥

ତୁମେ ଜାଣନା ଜାଣନା ଜାଣନା
ତୁମ ଲାଗି ଜାଗେ ଯେତେ ବାସନା । ॥୦॥

ବସନ୍ତର ପଞ୍ଚମରେ ତୁମେ ମୋର ଶବ୍ଦ
ମୁଁ ନଦୀ ତୁମେ ଧାର କୁଳୁକୁଳୁ ନିନାଦ
ଶୀତଳ ପରଶ ଲାଗି
ଏ ଜହ୍ନରେ ତୁମେ ମୋର ଜ୍ୟୋଛନା ॥୧॥

ମନ ଉପବନେ ତୁମେ ସୁବାସିତ ସୁମନ
ମଧୁ ଭରା ରଂଗ ଲାଗି ତୁମେ ମୋର ଗୁଞ୍ଜନ
ତୋଳେ କେତେ ଶିହରଣ
ହଜିବାକୁ ଯାଇ ହଜି ହୁଏନା । ॥୨॥

ତୁମ ଲାଗି ମନପକ୍ଷୀ ଭୋଗେ ଖାଲି କଷଣ
ତୁମ ଲାଗି ଉଜାଗର ଦେଖେ କେତେ ସପନ
ତୁମ ଲାଗି ସବୁ ଭୁଲେ
ତୁମେ ମୋର ଚିନ୍ତା ଆଉ ଚେତନା । ॥୩॥

॥ ତିନି ॥

ଏ ହାତର ପାପ ସେ ହାତେ ଯାଏନି
ଏଇଠି ସରଗ ନରକ
ଯେମନ୍ତେ ଅରଜ ସେମନ୍ତେ ପାଇବ
ନୁହେଁ ଏହା ଅମୂଳକ । ॥୦॥

କା' ଆଖିରେ ସିନା ଆଙ୍ଗୁଠି ମାଡ଼ିବା
ଧର୍ମକୁ ମାରିବା ଠାର
ଦଶଦିଗ କ'ଣ ଅନ୍ଧ ହୋଇଗଲେ
କଲେ କାରେ ବେଖାତର
ନିଜେ ନରଖିଲେ ନିଜ ଟେକ
ନାହିଁ ବଜାଇବ କିଏ ଶଂଖ । ॥୧॥

Digitized by srujanika@gmail.com

ଧନ ଦଉଲତ ଯଉବନ ନିଶା
ଅଢ଼େଇ ଦିନିଆ କଥା
ବଢ଼େଇ ବଢ଼େଇ ଅବିବେକୀ ହେଲେ
ଆହୁରି ଦୁଃଖର ବଥା
ନିଜ ଛାଇ ନିଜକୁ ଧମକ
କାହିଁ ରହିଛି କା'ର ଚମକ। ॥୨॥

॥ ଚାରି ॥

ତୋ' ସିନ୍ଦୁର ନେଇ ମାଗିଥିଲି ଯାହା
ଛଡ଼ାଇ ନେଲୁ ତୁ ତାହା
କେଉଁ ଅପରାଧେ ହନ୍ତସନ୍ତ କରୁ
କୁହ କୁହ ଚଉବାହା। ॥ ୦ ॥

ଦିହ ଦେଇ ମନ ଟିଏ ଖଞ୍ଜି ଦେଲୁ
ମନ କଲା କେତେ ଆଶା
ଆଶାପଛେ ଧାଇଁ ପରାଣ ଯାଉଛି
ହୁଏ ଏବେ ଲୋକହସା
ଆଉ କେତେ କଷଣ ନେଇ ଯାଆ ପଛେ ପ୍ରାଣ
ତୁଟାଇଦେ ସବୁ ମୋହମାୟା। ॥ ୧ ॥

ମରିବାକୁ ଯାଇ ମରିପାରେ ନାହିଁ
କେମନ୍ତ କରୁଛୁ ଲୀଳା
ଆତ୍ମହତ୍ୟା ପାଇଁ ଦଉଡ଼ିଲା ବେଳେ
ଯଉବନ କରେ ଖେଳା।
ଏଠି ନରପାଷାଣ କୁହେ ଦେହ ଦେଇ ନିଅ ପ୍ରାଣ
ନମାନନ୍ତି ଭଗ୍ନି ପରଜାୟା॥ ॥ ୨ ॥

: ସମାପ୍ତ :

Digitized by srujanika@gmail.com

ବିପିନ ବିହାରୀ ମହାନ୍ତି

ନାଟ୍ୟକାର : ଶ୍ରୀ ବିପିନ ବିହାରୀ ମହାନ୍ତି : ଜନ୍ମ : ଝୁଲଣ ଦଶମୀ, ୧୯୪୭ । ଜନ୍ମସ୍ଥାନ : ନାରଗୋଦା, ସିକୋ, ଖୋର୍ଦ୍ଧା । ସଂପ୍ରତି, ବିକାଶ ନଗର, ଜଟଣୀର ସ୍ଥାୟୀ ଅଧିବାସୀ । ପିତା: ୰ବିଶ୍ୱନାଥ ମହାନ୍ତି, ମାତା ୰ରସବତୀ ଦେବୀ (ଜନ୍ମିତା) ଏବଂ ୰ସର୍ଣ୍ଣଲତା ମହାନ୍ତି (ପାଳିତା) । ପତ୍ନୀ -ଶ୍ରୀମତୀ ନୀଳିମା ମହାନ୍ତି ।

ଶ୍ରୀ ମହାନ୍ତି ଏକାଧାରରେ ଜଣେ ସଫଳ କବି, ଔପନ୍ୟସିକ, ପ୍ରାବନ୍ଧିକ, ନାଟ୍ୟକାର ଓ ନିର୍ଦ୍ଦେଶକ, ଶିକ୍ଷାବିତ୍ ଏବଂ ସ୍ତମ୍ଭକାର ହିସାବରେ ଓଡ଼ିଆ ସାହିତ୍ୟରେ ବେଶ ପରିଚିତ । ତାଙ୍କ ସୃଷ୍ଟି ଓ ସମ୍ଭାର ମଧ୍ୟରେ ଅଛି - 'ନିସର୍ଗ ଅନ୍ଧାର' (କବିତା ସଂକଳନ) 'ଗାଁ ଗୋହିରୀ' (ପଲ୍ଲୀ କାବ୍ୟ) 'ଶ୍ୱେତ କଇଁ', 'ତନ୍ଦ୍ରା', ଏବଂ ଆମେ ଏମିତି (ଉପନ୍ୟାସ) 'ଅଥଚ ଆଲୋକ ' ଓ 'କାଉ, ବିଲେଇ, କୁମ୍ଭୀର ଓ ଅନ୍ୟମାନେ' (ଗଳ୍ପ ସଂକଳନ) 'ସତ୍ୟର ଝଲକ' (ଶିଶୁ ଏବଂ କିଶୋର ଗଳ୍ପ ସଂକଳନ) ଏବଂ 'ଶକ୍ତିପୀଠ, ଜଟଣୀ' (ମା ଡମୁଣେଇ/ଉତ୍ତରାୟଣୀଙ୍କର ସଂଗୃହୀତ କାହାଣୀ-ଏକ ଗବେଷଣାତ୍ମକ ଦେବାଦେବୀଙ୍କ ଉପାଖ୍ୟାନ) ଏବଂ ନାଟକ 'ଏବେବି ଜସ୍‌ମା ବଞ୍ଚିଛି' ଓ 'ମଲା ଜହ୍ନରେ ଯଉବନ' ପ୍ରକାଶିତ । ଏହା ବ୍ୟତୀତ ଶ୍ରୀ ମହାନ୍ତିଙ୍କର ନାଟକ ସମେତ ପ୍ରାୟ ୨୫ରୁ ଅଧିକ ପୁସ୍ତକ ପ୍ରକାଶ ଅପେକ୍ଷାରେ । ତାଙ୍କ ଲେଖାମାନ ଓଡ଼ିଶାର ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶ ପାଏ । ଶ୍ରୀଯୁକ୍ତ ମହାନ୍ତି ଆକାଶବାଣୀ ଓ ଦୂରଦର୍ଶନ କାର୍ଯ୍ୟକ୍ରମ ସହିତ ସାମୟିକ ସଂପୃକ୍ତ ଏବଂ ସୃଜନଶୀଳତା ପାଇଁ ଅନେକ ଅନୁଷ୍ଠାନରୁ ସମ୍ମାନ, ମାନପତ୍ର ଓ ଉପାଧି ପ୍ରାପ୍ତ। ସେ ଅନେକ ସାହିତ୍ୟିକ, ସେବା ତଥା ସାମାଜିକ ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଏବଂ କାର୍ଯ୍ୟନିର୍ବାହୀ ପଦରେ ଅଧିଷ୍ଠିତ ।

-ପ୍ରକାଶିକା

Digitized by srujanika@gmail.com